RNI Regd no: ODIODI/2013/49749 ■ Postal Regd. No: CK/N/19/2025-27 ■ Website: www.swadhikar.in ■ E-mail: swadhikar.news@gmail.com

ସାଧାରଣ ଜନତାର ସ୍ୱର

# ସ୍ୱାଧିକାର

Swadhikar

VOLUME-14 • ISSUE-09 • KENDRAPARA • THURSDAY, 09 APRIL 2026 • PAGE-8 • ₹ 3.00 ODIA DAILY ବର୍ଷ-୧୪ • ସଂଖ୍ୟା-୦୯ • କେନ୍ଦ୍ରାପଡ଼ା • ଏପ୍ରିଲ୍ ୦୯ , ୨୦୨୬ • ଗୁରୁବାର • ପୃଷ୍ଠା-୦୮ • ମୂଲ୍ୟ-ଟ୩.୦୦

ଇରାନ୍ ସର୍ତ୍ତରେ ଟ୍ରମ୍ପଙ୍କ ମୋହର

# ୧୫ ଦିନିଆ ଅସ୍ତ୍ରବିରତି

## ୧୦ ସୂତ୍ରୀ ପ୍ରସ୍ତାବ ଉପରେ ଆଲୋଚନା

ୱାଶିଂଟନ/ତେହେରାନ,୮।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ଆଜି ସାମୟିକ ଭାବେ ଶାନ୍ତ ପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନାଟକୀୟ ଟେଲିଭିଜନ ସମ୍ବୋଧନରେ ଇରାନ ସହିତ ଦୁଇ ସପ୍ତାହର ଯୁଦ୍ଧବିରତି ଘୋଷଣା କରିଛନ୍ତି। ଏହା ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିଥିବା ବେଳେ ଇରାନରେ ଚାଲିଥିବା ଧ୍ୱଂସଲୀଳାରେ ବିରାମ ଲାଗିଛି। ସକ୍ରିୟ କୂଟନୈତିକ ମଧ୍ୟସ୍ଥତା ଯୋଗୁଁ ଏହା ସମ୍ଭବ ହୋଇଥିବା କୁହାଯାଉଥିବା ବେଳେ ପାକିସ୍ତାନ ଏହାର ଶ୍ରେୟ ଦାବି କରିଛି। ଇରାନ ଉପରେ ଆମେରିକାର ଭୟାବହ ଆକ୍ରମଣ ପାଇଁ ଧାର୍ଯ୍ୟ ହୋଇଥିବା ସମୟସୀମା ଶେଷ ହେବାକୁ ମାତ୍ର ଘଣ୍ଟାଏ ପୂର୍ବରୁ ଏହି ଯୁଦ୍ଧବିରତି ସମ୍ଭବ ହୋଇଥିବା ବେଳେ ଆଗକୁ ଏହା ପରବର୍ତ୍ତୀ କୂଟନୈତିକ ପ୍ରୟାସ ପାଇଁ ପଥ ଉନ୍ମୁକ୍ତ କରିଛି। ଏହା କେବଳ ଏକ ସାମରିକ ବିରତି ନୁହେଁ, ବରଂ ଏହା ବିଶ୍ୱ ଶକ୍ତି ସନ୍ତୁଳନ ଏବଂ ବିଶେଷ କରି 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ବିଶ୍ୱ ବାଣିଜ୍ୟର ପୁନରୁଦ୍ଧାର ପାଇଁ ଏକ ବଡ଼ ସୁଯୋଗ ବୋଲି କୁହାଯାଇଛି। ତେବେ ଇରାନର ନୂତନ ଟୋଲ୍ ଆଦାୟ ବ୍ୟବସ୍ଥା ଏବଂ ଲେବାନନରେ ଇସ୍ରାଏଲର ଜାରି ରହିଥିବା ଭୀଷଣ ସାମରିକ କାର୍ଯ୍ୟାନୁଷ୍ଠାନ ଏହି ଶାନ୍ତି ପ୍ରକ୍ରିୟା ଉପରେ ଏକ କଳାବାଦଲ ସଦୃଶ ଦେଖାଦେଇଛି। ଆଜି ଯୁଦ୍ଧବିରତି ଘୋଷଣା ପରଠାରୁ ଲେବାନନ ଉପରେ ଆକ୍ରମଣ ତୀବ୍ର ହୋଇଥିବାରୁ ଇରାନ ଏହାକୁ ନେଇ କଡ଼ା ଚେତାବନୀ ଜାରି କରିଛି। ଲେବାନନର ସୁରକ୍ଷା ପାଇଁ ଇସ୍ରାଏଲ ଉପରେ ଆକ୍ରମଣ ଆହୁରି ଜୋର୍‌ଦାର ହେବ ବୋଲି ଇରାନ ଘୋଷଣା କରିଛି।



ଏହି ସାମୟିକ ଶାନ୍ତି ଚୁକ୍ତି ଅନୁଯାୟୀ, ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ପାଇଁ ସୁରକ୍ଷିତ ପଥ ପ୍ରଦାନ କରିବାକୁ ସମ୍ମତ ହୋଇଛି। ସୂଚନାଯୋଗ୍ୟ, ଯୁଦ୍ଧ କାରଣରୁ ଏହି ପଥରେ ପୂର୍ବ ଅପେକ୍ଷା ଜାହାଜ ଚଳାଚଳ ୯୬% ହ୍ରାସ ପାଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ଫିଲ୍ଡ ମାର୍ଶଲ ଅସୀମ ମୁନୀରଙ୍କ ପ୍ରଚେଷ୍ଟାରେ ଆସନ୍ତା ଶୁକ୍ରବାର ଠାରୁ ଇସଲାମାବାଦରେ ଆମେରିକା-ଇରାନ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ଆରମ୍ଭ ହେବ। ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଏହି ଆଲୋଚନାର ନେତୃତ୍ୱ ନେବେ। ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଖେମିନି ପ୍ରଥମ ଥର ବୁଝାମଣା ପାଇଁ ସବୁଜ ସଙ୍କେତ ଦେଇଥିବା ବେଳେ, ଇରାନ ପ୍ରତି ବ୍ୟାରେଲ ପିଛା ୧ ଡଲାରର ଟୋଲ୍ ଟିକସ ଆଦାୟ କରିବାକୁ ଯୋଜନା କରୁଛି, ଯାହା ଏକ ନୂଆ ବିବାଦର ସୂତ୍ରପାତ କରିପାରେ। ଆମେରିକା ମଧ୍ୟ ନିଜର ସାମରିକ ସଜବାଜ କମାଇ ନାହିଁ ଏବଂ ପରିସ୍ଥିତି ବିଗିଡ଼ିଲେ ଯୁଦ୍ଧବିରତି (ପୃ-୭)

### ଇରାନର ୧୦ ସୂତ୍ରୀ ପ୍ରସ୍ତାବ

୧-ଅହିଂସା ପ୍ରତି ପ୍ରତିବଦ୍ଧତା

୨-ହୋର୍ମୁଜ୍ ପ୍ରଣାଳୀ ଉପରେ ଇରାନର ନିୟନ୍ତ୍ରଣ

୩-ୟୁରାନିୟମ୍ ସମୃଦ୍ଧିକୁ ଅନୁମୋଦନ,

୪-ଆମେରିକା ଦ୍ୱାରା ଲାଗିଥିବା ସମସ୍ତ ପ୍ରାଥମିକ କଟକଣା ପ୍ରତ୍ୟାହାର

୫-ଇରାନ ଉପରେ ଲାଗିଥିବା ସମସ୍ତ ଦ୍ୱିତୀୟ କଟକଣା ପ୍ରତ୍ୟାହାର

୬- ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ପ୍ରସ୍ତାବର ସମାପ୍ତି

୭-ପ୍ରଶାସକ ମଣ୍ଡଳୀର ସମସ୍ତ ପ୍ରସ୍ତାବର ସମାପ୍ତି,

୮-ଇରାନକୁ କ୍ଷତିପୂରଣ ଦିଆଯିବ

୯-ଇରାନରୁ ଆମେରିକୀୟ ସାମରିକ ବାହିନୀ ପ୍ରତ୍ୟାହାର

୧୦-ଲେବାନନରେ ହିଜବୁଲ୍ଲା ବିରୋଧରେ ଯୁଦ୍ଧ ସମେତ ସମସ୍ତ ମୋର୍ଚ୍ଚାରେ ଯୁଦ୍ଧବିରତି।

## ଭାରତକୁ ପ୍ରଶଂସା କଲା ଇରାନ

ତେହେରାନ,୮।୪(ଏଜେନ୍ସି): ଇରାନ-ଆମେରିକା ଉତ୍ତେଜନା ମଧ୍ୟରେ ଭାରତର କୂଟନୈତିକ ପ୍ରୟାସକୁ ଇରାନ ପ୍ରଶଂସା କରିଛି। ଭାରତରେ ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧି ଡ ଅବଦୁଲ ମଜିଦ ହକିମ ଇଲାହି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଥର ଇରାନୀ ନେତୃବୃନ୍ଦଙ୍କ ସହ ଫଳପ୍ରଦ କଥା ହୋଇଛନ୍ତି ଏବଂ ଭାରତୀୟ ଲୋକଙ୍କ ଭଲପାଇବା ଏବଂ ସଦିଚ୍ଛାକୁ ପ୍ରଶଂସା କରିଛନ୍ତି। ଆମେରିକା-ଇରାନ ସଂଘର୍ଷ ସମୟରେ ଭାରତର ଭୂମିକା ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତ୍ତର ରଖି ଇଲାହି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଇରାନ ରାଷ୍ଟ୍ରପତିଙ୍କ ସହ ୩ ଥର କିମ୍ବା ତା'ଠାରୁ ଅଧିକ କଥା ହୋଇଛନ୍ତି ଏବଂ ଆଲୋଚନା (ପୃ-୭)

## ଇରାନର ତୈଳ ଡିପୋ ଧ୍ୱଂସ, ପାଲଟା ଜବାବ ଦେଲା ତେହରାନ

ତେହେରାନ,୮।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧ ବିରତିର ଉଲ୍ଲଙ୍ଘନ। ବୁଧବାର ସକାଳୁ ଯୁଦ୍ଧ ବିରତି ଲାଗୁ ହୋଇଥିଲେ ହେଁ ଇରାନର ଲଭାନ ଦ୍ୱୀପରେ ଥିବା ଗୋଟିଏ ତୈଳ ବିଶୋଧନାଗାର ଉପରେ ହୋଇଛି ମିସାଇଲ ଆଟାକ। ଶତ୍ରୁ ପକ୍ଷ ଏପରି ହମଲା କରିଥିବା ଇରାନ ପକ୍ଷରୁ କୁହାଯାଇଛି।

ଜାତୀୟ ଇରାନୀୟ ତୈଳ ବିଶୋଧନାଗାର ଓ ବିତରଣ କମ୍ପାନୀ ଆକ୍ରମଣ ସମ୍ପର୍କରେ ସୂଚନା ଦେଇଛି। କମ୍ପାନୀର କହିବା କଥା ସ୍ଥାନୀୟ ସମୟ ଦିନ ୧୦ଟା ବେଳେ ବିଶୋଧନାଗାର ଉପରେ ଆଟାକ ହୋଇଛି। ଏଥିଯୋଗୁ ବିଶୋଧନାଗାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଏଥିରେ ନିଆଁ ମଧ୍ୟ ଲାଗି ଯାଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ ଠିକଣା ସମୟରେ ପଦକ୍ଷେପ ନେଇ ପ୍ରଥମେ ନିଆଁକୁ ଆୟତ୍ତ କରିଥିଲା।

ଏବେ ପୂରା ଅଞ୍ଚଳ ସଂପୂର୍ଣ୍ଣ ସୁରକ୍ଷିତ ରହିଛି। ଆକ୍ରମଣରେ କେହି ବି ମୃତାହତ ହୋଇ ନଥିବା କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆକ୍ରମଣ ପରର କିଛି ଫଟୋ ବି ସାମ୍ନାକୁ ଆସିଛି। ଯେଉଁଥିରେ ତୈଳ ବିଶୋଧନାଗାରରୁ ବିପୁଳ ମାତ୍ରାର କଳା ଧୂଆଁ ବାହାରୁ ଥିବା ଦେଖିବାକୁ ମିଳୁଛି। ଭାରତୀୟ ସମୟ ବୁଧବାର ଭୋର ପ୍ରାୟ ୫.୩୦ରେ ଆମେରିକା-ଇରାନ ପରସ୍ପର ଉପରେ ଆକ୍ରମଣ (ପୃ-୭)

ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି

## ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ : ଗଜପତି

ପୁରୀ,୮।୪(ସ୍ୱାଧିକାରନ୍ୟୁଜ): ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଗଣତିମଣତିର ଦ୍ୱିତୀୟ ପର୍ଯ୍ୟାୟ ଆଜି ଠାରୁ ଆରମ୍ଭ ହୋଇଯାଇଛି। ଆଜି ସକାଳୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ପୁନଃଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନର ଗଣତିମଣତି ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ଠିକ୍‌ଠାକ ଚାଲିଛି।



ଗଜପତି ମହାରାଜ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଶୁଭ ଦିବସରେ ଆଜି ରତ୍ନଭଣ୍ଡାରର ବାହାର ଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି। ଆଜି ମହାପ୍ରଭୁଙ୍କ ଦର୍ଶନ ସରିଲା ପରେ ବାହାର ରତ୍ନଭଣ୍ଡାର ଅନୁଧ୍ୟାନ କରିଥିଲୁ। ସରକାରଙ୍କ ଦ୍ୱାରା ଗଠିତ କମିଟି, ଅଧିକାରୀ ଏବଂ ସେବାୟତ ଏଥିରେ ଉପସ୍ଥିତ ଥିଲେ। ଏସ୍‌ଓପି ଅନୁସାରେ ଗଣତିମଣତି ଆରମ୍ଭ ହୋଇଛି। ପ୍ରତ୍ୟେକ ମୂଲ୍ୟବାନ ଜିନିଷ ୩ଡି ମ୍ୟାପିଂ କରାଯାଉଛି। ଏହା ଦ୍ୱାରା ପୂର୍ଣ୍ଣ ଛବି ମିଳିପାରିବ। ମହାପ୍ରଭୁଙ୍କର ଅଳଙ୍କାର ଭ୍ୟାଲୁଏସ ପାଇଁ ଯୋଜନା ନାହିଁ। ମହାପ୍ରଭୁଙ୍କ ଗହଣାର ବିସ୍ତୃତ ବିବରଣୀ ରଖାଯାଉଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ଅସୁବିଧା ହେବ ନାହିଁ। ବାହାର ରତ୍ନଭଣ୍ଡାର ଗଣତିମଣତି ପରେ ଭିତର ରତ୍ନଭଣ୍ଡାରର ଗଣତିମଣତି ହେବ। ଆଜି ମହାପ୍ରଭୁଙ୍କ ଦର୍ଶନରେ କୌଣସି ଅସୁବିଧା ନାହିଁ। ମହାପ୍ରଭୁଙ୍କ କୃପାରୁ ସବୁକିଛି ଠିକ୍‌ଠାକ ଚାଲିଛି। ଗଣତିମଣତିର ସମୟ ସୀମା ନାହିଁ। ଶ୍ରଦ୍ଧାଳୁମାନେ ଭଲଭାବରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ଏହି କାମ ସଂପାଦିତ ହେବ। ପର୍ବଦିନଗୁଡ଼ିକରେ ଗଣତିମଣତି ହୋଇପାରିବ ନାହିଁ। ଯେଉଁଦିନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିବ, ସେଦିନ ଗଣତିମଣତି ସ୍ଥଗିତ ରଖାଯିବ। ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ।

ସୂଚନାଯୋଗ୍ୟ, ଗତ ୨୫ ତାରିଖ ଦିନ ରତ୍ନଭଣ୍ଡାର ଗଣତି ଆରମ୍ଭ (ପୃ-୭)

# ଓଡିଶାରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ



### ଭୂଇଁପୁରଠାରେ ୪୦, ୮୧୧ କୋଟିର ନିବେଶ

### ୩୬ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ

### ସୃଷ୍ଟି ହେବ ୫୯,୦୦୦ ରୁ ଅଧିକ ନିଯୁକ୍ତି ସୁଯୋଗ

### ଆଉ ସମ୍ଭାବନାର ରାଜ୍ୟ ନୁହେଁ, ଓଡିଶା ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୪(ସ୍ୱାଧିକାରନ୍ୟୁଜ): ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦, ୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ ଗୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥବା ବେଳେ ୧୧ ଟି ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି। ସୂଚନାଯୋଗ୍ୟଯେ, ଏହି ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ , ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ (ପୃ-୭)

## ରାମଦାସପୁରରେ ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟିତ



ଭୁବନେଶ୍ୱର,୮।୪(ସ୍ୱାଧିକାରନ୍ୟୁଜ): ବ୍ୟାପକ ଶିଳ୍ପାୟନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶାରେ ନିଯୁକ୍ତି ପାଇଁ ଆଉ ମାଇଗ୍ରେସନ୍ ନ ହୋଇ, ରିଭର୍ସ ମାଇଗ୍ରେସନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଆଜି ଏହି ପେଜ୍-ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୋଟିଏ ୟୁନିଟ୍‌ର ଭୂଇଁପୁର ଠାରେ ଶିଳାନ୍ୟାସ କରାଯାଇଛି । ୨୫୮

### ୭୫୦ କୋଟି ବିନିଯୋଗ, ୫,୮୦୦ ନିଯୁକ୍ତି ସୃଷ୍ଟି

### ଓଡ଼ିଶାକୁ ପୂର୍ବ ଭାରତର 'ସୁରାଟ-ତିରୁପୁର' ଭାବେ ଗଢ଼ିବାର ସଙ୍କଳ୍ପ

କୋଟି ଟଙ୍କା ବିନିଯୋଗରେ ଏହାର ଭୂଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି (ପୃ-୭)

# ଭିଜିଲାନ୍ସ ଜାଲରେ କୋଟପତି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ

### ୩ ମହଲା ଘର, ଫାର୍ମ ହାଉସ୍, ୫ ପ୍ଲଟ, ନଗଦ ୬ ଲକ୍ଷ ଟଙ୍କା ଜବତ, ୬୦ ଲକ୍ଷରୁ ଅଧିକ ଜମା

ଭୁବନେଶ୍ୱର,୮।୪(ସ୍ୱାଧିକାରନ୍ୟୁଜ):ଯେତେ ଧରପଗଡ଼ ହେଉଥିଲେ ମଧ୍ୟ ଭିଜିଲାନ୍ସ ଜାଲରେ ପଡୁଛନ୍ତି ଛୋଟ ବଡ଼ ଅଫିସର। ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାଜ୍ୟର କେନ୍ଦ୍ରୀୟ ଜଳସେଚନ ସର୍କଲ ବା ସେଣ୍ଟ୍ରାଲ୍ ଇରିଗେସନ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ତାଙ୍କର ୪ଟି ଠିକଣା ସମେତ ତାଙ୍କର ଜଣେ ସଂପର୍କୀୟ ଓ ଘନିଷ୍ଠ ସହଯୋଗୀଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ବେଳେ ବାବୁଙ୍କର ବିପୁଳ ସଂପତ୍ତି ସାମ୍ନାକୁ ଆସିଛି।



ଭିଜିଲାନ୍ସ ଦେଇଥିବା ସୂଚନା ଅନୁଯାୟୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କର ଭୁବନେଶ୍ୱରର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ୮ ନମ୍ବର ଲେନ୍‌ରେ ଏକ ତିନି ମହଲା କୋଠା ରହିଛି। ଏହା ପ୍ରାୟ ୩ ହଜାର ବର୍ଗଫୁଟ ଜାଗା ଉପରେ ତିଆରି ହୋଇଛି।

ଢେଙ୍କାନାଳର ଭାପୁରର ବିମ୍ପ୍ରୋଳରେ ଏକ ଫାର୍ମ ହାଉସ୍ ରହିଛି। ୧ ଏକର ୭୧ ଡିସିମିଲ୍‌ର ଜାଗାରେ ଏହି ଫାର୍ମ ହାଉସ୍‌ଟି ରହିଛି। ଫାର୍ମ ହାଉସ୍‌ରେ ଥିବା ଦ୍ୱିମଳା କୋଠାଟି ୪୦୦୦ ବର୍ଗଫୁଟ୍ ଜାଗାରେ ନିର୍ମାଣ କରାଯାଇଛି। ତାଙ୍କର ୫ଟି ଦାମୀ ପ୍ଲଟ୍ ଅଛି। ଏଥିରୁ ଗୋଟିଏ ଭୁବନେଶ୍ୱରରେ ଥିବା ବେଳେ ବାକିଗୁଡ଼ିକ ବିମ୍ପ୍ରୋଳରେ ଅଛି। ତାଙ୍କର ତିନି ମହଲା ବିଶିଷ୍ଟ ଘର ସହିତ ଫାର୍ମ ହାଉସ୍ ଓ ପ୍ଲଟ୍ ଗୁଡ଼ିକର ଦାମ୍ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ମୂଲ୍ୟାଙ୍କନ ଜାରି ରହିଛି। ଶ୍ରୀ ମହାନ୍ତିଙ୍କ ଘରୁ ନଗଦ ୬ ଲକ୍ଷ ୨୩ ହଜାର ଟଙ୍କା ମିଳିଛି। ଏହା ସହିତ ବିଭିନ୍ନ ଜମା ବାବଦକୁ ସେ ୬୦.୦୯ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କ ଘରୁ ସୁନାଗହଣା ଜବତ କରାଯାଇଛି। ତେବେ ସେଗୁଡ଼ିକ ମୂଲ୍ୟ କେତେ, ସେନେଇ ସୂଚନା ଦିଆଯାଇନାହିଁ। ତାଙ୍କ ଘରୁ ଭିଜିଲାନ୍ସ ୧୩.୪୭ ଲକ୍ଷ ଟଙ୍କାର ବିମାନ ଟିକେଟ୍ ଠାବ କରିଛି। ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇ ସେ ଏହି ଖର୍ଚ୍ଚ କରିଥିବା ଜଣାପଡ଼ିଛି। ସେହିପରି ତାଙ୍କ ଘରୁ ୨୦ରୁ ଅଧିକ ହାତ ପିନ୍ଧା ଘଡ଼ି ଜବତ କରାଯାଇଛି। ତାଙ୍କର ୨ଟି ଚାରି କାର (ହ୍ୟୁଣ୍ଡାଇ ସ୍ୱୋର୍ଟ ଓ ହୋଣ୍ଡା ସିଟି) ଓ ୨ଟି ଦୁଇ ଚକିଆ ଗାଡ଼ି ଜବତ କରାଯାଇଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

## ପେଟ୍ରୋଲ୍ ପମ୍ପରେ ମିଳିବ ୫ କେଜି ସିଲିଣ୍ଡର

ଭୁବନେଶ୍ୱର,୮।୪(ସ୍ୱାଧିକାରନ୍ୟୁଜ): ୫ କେଜି ଗ୍ୟାସ୍ ସିଲିଣ୍ଡର ବନ୍ଦ ନେଇ ରାଜ୍ୟବ୍ୟାପୀ ଯେଉଁ ବିବାଦ ଓ ଦ୍ୱନ୍ଦ ଲାଗି ରହିଥିଲା ତାହାକୁ ଦୂର କରିଛନ୍ତି ରାଜ୍ୟ ସରକାର। ଏ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ୫ କେଜି ଏଲପିଜି ଗ୍ୟାସ ପ୍ରଚୁର ମାତ୍ରାରେ ଉପଲବ୍ଧ ରହିଛି। ଗ୍ୟାସ କମ୍ପାନୀମାନେ ଉପଲବ୍ଧ କରାଇବେ। ଭାରତ ସରକାରଙ୍କର ଫ୍ରି ଟ୍ରେଡ୍ ଏଲପିଜି ସ୍କିମ ମାଧ୍ୟମରେ ଏହା ଉପଲବ୍ଧ ହେବ। କେବଳ ପରିଚୟପତ୍ର ଦେଖେଇକି ଏହାକୁ ନେଇପାରିବେ। ୫କେଜି ଗ୍ୟାସ ନେବା ପାଇଁ ୧୫୩୭ ଟଙ୍କା ଦେବାକୁ ପଡ଼ିବ। ଟିଫିଲ ପାଇଁ ୫୯୩ ଟଙ୍କା। କେବଳ କମ୍ପାନୀ ସିଲିଣ୍ଡର ହିଁ ଫିଲିଂ ହେବ। ବାହାର ସିଲିଣ୍ଡର ହୋଇପାରିନି। ଆଇଓସିଏଲ, ଏଚପିସିଏଲ, ବିପିସିଏଲ ହିଁ ନେଇପାରିବେ। ଯେକୌଣସି ସ୍ଥାନରୁ ଚାହିଁଲେ ନେଇପାରିବେ। ଯିଏ ଏଜେନ୍ସି କଳାବଜାରୀ କରିବେ, ତାଙ୍କ (ପୃ-୭)

## ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା

ଭୁବନେଶ୍ୱର,୮।୪(ସ୍ୱାଧିକାରନ୍ୟୁଜ): ନେତା ପଦରୁ ଇସ୍ତଫା ଦେଇଛନ୍ତି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ନିକଟରେ ବିଜୁ ବାବୁଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସେ ସଂସଦର ଏକ କମିଟିର ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ।



୨୦୨୨ ଜୁଲାଇରେ ରାଜ୍ୟସଭାରେ ଦଳର ନେତା ଭାବେ ସସ୍ମିତ ପାତ୍ରଙ୍କୁ ନିଯୁକ୍ତି ମିଳିଥିଲା। ସେତେବେଳେ ରାଜ୍ୟସଭାରେ ଦଳର ବରିଷ୍ଠ ନେତାମାନଙ୍କୁ ଅଣଦେଖା କରି ସସ୍ମିତଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା । ଗତ ସପ୍ତାହରେ ସାଂସଦ ସସ୍ମିତ ପାତ୍ର ଅଚାନକ ରାଜ୍ୟସଭାରେ ଦଳର ନେତା ପଦରୁ ଇସ୍ତଫା ଦେଇଥିଲେ। ସେ ତାଙ୍କର ଲିଖିତ ଇସ୍ତଫା ପତ୍ର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନିକଟକୁ ପଠାଇଥିବାବେଳେ ଦଳର କିଛି ସାଂସଦ ମଧ୍ୟ ତାଙ୍କୁ ଏହି ପଦରୁ ହଟାଇବା ନିମନ୍ତେ ନବୀନଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି ବୋଲି ଖବର ପ୍ରକାଶ ପାଇଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଣ୍ଡିଆନଙ୍କ ଇଙ୍ଗିତରେ (ପୃ-୭)

## ଭାଇଙ୍କ ପାଇଁ ଦିଲ୍ଲୀ ଯିବେ ନବୀନ

ଭୁବନେଶ୍ୱର,୮।୪(ସ୍ୱାଧିକାରନ୍ୟୁଜ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କୁ ଦେଖିବାକୁ ଦିଲ୍ଲୀ ଯିବେ। ତାଙ୍କର ହାର୍ଟ ସର୍ଜରୀ ହୋଇଛି। ନବୀନ ଆସନ୍ତା ଏପ୍ରିଲ ୧୦ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବେ । ତାଙ୍କ ବଡ଼ ଭାଇ ପ୍ରେମ ପଟ୍ଟନାୟକଙ୍କର ଗତକାଲି ଏକ ବଡ଼ ହାର୍ଟ ସର୍ଜରୀ ହୋଇଛି । ଏହି ସମୟରେ ଭାଇଙ୍କ ପାଖରେ ରହିବା ପାଇଁ ନବୀନ ଦିଲ୍ଲୀ ଯିବେ ।

ସ୍ୱାଧିକାର
The Swadhikar



# ଟିପିଏସ୍‌ଓଡିଏଲ୍ ଛାତ୍ରବୃତ୍ତି ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ, ସମୁଦାୟର ମଙ୍ଗଳ ଏବଂ ଯୁବ ଶକ୍ତିକୁ ସଶକ୍ତ କରିବା ଦିଗରେ ଥିବା ତାର ପ୍ରତିବଦ୍ଧତାକୁ ଦୋହରାଇଛି । ଏହି କ୍ରମରେ ଦକ୍ଷିଣ ଓଡ଼ିଶାର ୩୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଯାହା ସେମାନଙ୍କୁ ସେମାନଙ୍କର ଶୈକ୍ଷିକ ଯାତ୍ରାରେ ବିଶେଷ ଭାବରେ ସହାୟକ ହେବ। କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଏକ ଭବିଷ୍ୟତ ପ୍ରସ୍ତୁତ ପ୍ରତିଭା ବିକଶିତ କରିବା ଦିଗରେ ଏବଂ ଆର୍ଥିକ ଓ ଅବହେଳିତ ବର୍ଗଙ୍କୁ ସଶକ୍ତ କରିବା ପ୍ରତି ଥିବା ସଂକଳ୍ପକୁ ଦର୍ଶାଏ । ଛାତ୍ରବୃତ୍ତି ପାଇଁ ଚୟନ ହୋଇଥିବା ସମସ୍ତ ଛାତ୍ରୀଛାତ୍ରମାନେ ବିଭିନ୍ନ ସରକାରୀ ପଲିଟେକନିକ ଏବଂ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ରେ ଡିପ୍ଲୋମା ଏବଂ ଆଇଟିଆଇ ପାଠ୍ୟକ୍ରମର ବିଭିନ୍ନ ବିଭାଗରେ ଅଧ୍ୟୟନରତ ଅଛନ୍ତି । ଏହି ଛାତ୍ରବୃତ୍ତି ପଦକ୍ଷେପ ମାଧ୍ୟମରେ ପ୍ରାୟ ୮୦ଟି ଆବେଦନ ଆସିଥିବା ବେଳେ ତନ୍ମଧ୍ୟରୁ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଟିପିଏସ୍‌ଓଡିଏଲ୍ ତରଫରୁ ଚୟନ କରାଯାଇଥିଲା । ଏହି ଛାତ୍ରବୃତ୍ତି ପ୍ରଦାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତିବିଦ୍ୟା ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ଏବଂ ଉତ୍ସାହିତ କରିବା । ଟିପିଏସ୍‌ଓଡିଏଲ୍ ତରଫରୁ ୩୩ଜଣ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସଏଚଜି) ର ମହିଳା, ଯେଉଁମାନେ ଟିପିଏସ୍‌ଓଡିଏଲର ଅନୋଖା ଧାଗା ସେଣ୍ଟରରେ ସିଲାଇ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଆର୍ଥିକ ସ୍ତରରେ ସଶକ୍ତ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ। ଏହି ଅବସରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, କହିଛନ୍ତି, "ଆମେ ଆମର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ବହୁ ପଦକ୍ଷେପ ଗ୍ରହଣ କରୁଛୁ । ଏହି ଛାତ୍ରବୃତ୍ତି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଅର୍ଥପୂର୍ଣ୍ଣ ଭାବରେ ଉପକୃତ ହେଉଛନ୍ତି ।

### ଆରଏସସିଏଲ୍ କାର୍ଯ୍ୟକାରୀ କମିଟିର ବୈଠକ

# ସ୍ଥାୟୀତ୍ୱ, ରାଜସ୍ୱ ବୃଦ୍ଧି ଏବଂ ପ୍ରକଳ୍ପ ଶେଷ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ର କାର୍ଯ୍ୟକାରୀ କମିଟି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ




ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସହରର ପ୍ରକଳ୍ପ ରୂପାୟନଠାରୁ ଆରମ୍ଭ କରି ଦୀର୍ଘକାଳୀନ ସ୍ଥାୟୀତ୍ୱ ଏବଂ ସମ୍ପତ୍ତି ପରିଚାଳନା ଭଳି ପ୍ରମୁଖ ରଣନୈତିକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆରଏସସିଏଲ୍‌ର ସିଇଓ ଦୀନା ଦସ୍ତଗୀର ଆଲୋଚନା ଏବଂ ଅନୁମୋଦନ ପାଇଁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।

ବୈଠକରେ ୧୦୬ କୋଟି ନିବେଶରେ ନିର୍ମିତ ଆଇସିସିସି ପ୍ରକଳ୍ପ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସହରର ୧୦୯ଟି ସ୍ଥାନରେ ୫୯୪ଟି ସର୍ଭେଲାନ୍ସ କ୍ୟାମେରା କାର୍ଯ୍ୟକ୍ଷମ ହୋଇସାରିଛି। ଟ୍ରାଫିକ ପ୍ରବର୍ତ୍ତନ ଏବଂ ସହରର ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନ୍ୟାସନାଲ ଇନଫର୍ମାଟିକ୍ସ ସେଣ୍ଟରର ସହାୟତାରେ ସ୍ୱୟଂଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି।

ଆର୍ଥିକ ସ୍ଥାୟୀତ୍ୱ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ଏହା ଅଧିନରେ ଥିବା ସମ୍ପତ୍ତି, ଜମିଜମା ସଠିକ୍ ଉପଯୋଗ ଏବଂ ଅଭିନବ ଉପାୟରେ ରାଜସ୍ୱ ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି। ସମ୍ପୂର୍ଣ୍ଣ ହୋଇଥିବା ସ୍ମାର୍ଟ ସିଟି ସମ୍ପତ୍ତିଗୁଡ଼ିକରୁ ବର୍ତ୍ତମାନ ବାର୍ଷିକ ୪.୧୩ କୋଟି ରାଜସ୍ୱ ମିଳୁଛି, ଯାହାକି ସଂସ୍ଥାର ପରିଚାଳନା ଏବଂ ପ୍ରତିଷ୍ଠା ଖର୍ଚ୍ଚରେ ସହାୟକ ହେଉଛି। ବିଳମ୍ବରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି କମିଟି ଅଡିଟୋରିୟମ୍ ଏବଂ କନଭେନସନ ହଲ୍ ପ୍ରକଳ୍ପର ବାକି ଥିବା କାର୍ଯ୍ୟକୁ 'ଡିସ୍କୋପ୍' କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପର ବର୍ତ୍ତମାନ ସୁଦ୍ଧା ୪୫% କାର୍ଯ୍ୟ ଶେଷ ହୋଇଥିବା ବେଳେ, ଅବଶିଷ୍ଟ କାର୍ଯ୍ୟ ସମ୍ପୃକ୍ତ ଏଜେନ୍ସିର ରିସ୍କରେ ଶେଷ କରାଯିବ।

ଉଦିତ ନଗର ମାର୍କେଟ କମ୍ପ୍ଲେକ୍ସ ଏବଂ ମଲ୍ଟି-ଲେଭଲ୍ କାର୍ ପାର୍କିଂ ଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ସୁଚାରୁରୂପେ ସମ୍ପୂର୍ଣ୍ଣ କରିବା ପାଇଁ ସ୍ପେଶାଲ ପର୍ପସ ଭେହିକିଲର କାର୍ଯ୍ୟକାଳ ବୃଦ୍ଧି କରିବା ସହ ପ୍ରମୁଖ ଅଧିକାରୀ ଓ ପରାମର୍ଶଦାତାମାନଙ୍କ ନିଯୋଜନ ଅବଧି ବଢ଼ାଇବାକୁ ପ୍ରସ୍ତାବ ଦିଆଯାଇଛି।

ରାଉରକେଲାକୁ ଏକ ସ୍ଥାୟୀ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ ସହର ଭାବରେ ଗଢ଼ିତୋଳିବା ପାଇଁ ଆରଏସସିଏଲ୍ ପ୍ରତିବଦ୍ଧତାକୁ ଏହି ବୈଠକରେ ଦୋହରାଯାଇଛି।

### 'ଓଡ଼ିଆ ପକ୍ଷ' ଉପଲକ୍ଷେ ସଂସ୍କୃତି ବିଭାଗ ପକ୍ଷରୁ ରକ୍ତଦାନ ଅଭିଯାନ

# ଦିନକରେ ୬,୪୪୧ ୟୁନିଟ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ




"ରକ୍ତଦାନ ଅଭିଯାନ" କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର (୮-୪-୨୦୨୬)ରେ ରାଜ୍ୟବ୍ୟାପୀ ୧୦୮ ଟି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ଏବଂ ୩୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ପ୍ରାୟ ୩,୦୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆଜି ଗୋଟିଏ ଦିନରେ ସମଗ୍ର ରାଜ୍ୟରେ ପ୍ରାୟ ୬,୪୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

ରକ୍ତଦାନ ଅଭିଯାନ ଆୟୋଜନ ହେବା ଅବସରରେ ଆଜି ଭୁବନେଶ୍ୱର ସ୍ଥିତ ରେଡ୍‌କ୍ରସ ଭବନ ଠାରେ ରକ୍ତଦାନ ଶିବିର ଏବଂ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାରତ ରେଡ୍‌କ୍ରସ ସୋସାଇଟିର ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ରେଡ୍‌କ୍ରସ ବ୍ଲଡ଼ବ୍ୟାଙ୍କ ନିର୍ଦ୍ଦେଶକ ଡ଼ ପ୍ରସନ୍ନ କୁମାର ଦାସ, ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରକ୍ତଦାନ ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ଯୋଗଦେଇଥିବା ସମସ୍ତ ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏଥିସହ ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପୀ ରକ୍ତଦାନ ଶିବିରର ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦେକ୍ଷପ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ମେଟ୍ରୋ ରେଳ ସ୍ୱପ୍ନ ଭାଙ୍ଗିଦେଲେ ମୋହନ ସରକାର

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ଭୁବନେଶ୍ୱରବାସୀଙ୍କ ସ୍ୱପ୍ନର କୋଣାର୍କକୁ ମୋହନ ସରକାର ଧୂଳିସାତ କରିଦେଲେ ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ




ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ୨୦୨୪ ଜାନୁଆରୀ ୧ ତାରିଖରେ ୬ ହଜାର ୨୨୫ କୋଟ ଟଙ୍କା ବ୍ୟୟରେ ମେଟ୍ରୋ ପକଳ୍ପ ନିର୍ମାଣ ପାଇଁ ନବୀନ ସରକାର ତ୍ରିଶୁଳିଆ ଠାରେ ଭିତି ପ୍ରସ୍ତର ସ୍ଥାପନ କଲେ । ଯାହାକି ୨୦୨୩ ଏପ୍ରିଲ ୧ ରେ ୪୮ ମାସ ମଧ୍ୟରେ ସଂପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାର ଡିପିଆରକୁ ରାଜ୍ୟ କ୍ୟାବିନେଟ ମଧ ୨୦୨୩ ରେ ଅନୁମୋଦନ କରିଥିଲା । ଭୁବନେଶ୍ୱର ମେଟ୍ରୋ ରେଲବାଇ କର୍ପୋରେସନ ଲିମିଟେଡ଼ ନାମରେ ଏକ ସ୍ୱତନ୍ତ୍ର ସଂସ୍ଥା କରାଯାଇ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ଏହା କରାଯିବା ପାଇଁ ନିଷ୍ପତି ହୋଇଥିଲା । ଏଥିରେ ୨୦ଟି ଷ୍ଟେସନ ରହିବା ସହିତ ତ୍ରିଶୁଳିଆ ଠାରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୨୬ କି.ମି. ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥିର ହୋଇଥିଲା । ୪ ବର୍ଷ ଭିତରେ ଏ କାର୍ଯ୍ୟ ସରିଥାନ୍ତା । ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ତାଙ୍କ ମନ୍ତବ୍ୟରେ କହିଥିଲେ ଯେ ପୂର୍ତ୍ତମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଯାହା କହୁଛନ୍ତି ତାଙ୍କ କଥା ସହ ନା ମୁଖ୍ୟମନ୍ତ୍ରୀ ନା ରେଳମନ୍ତ୍ରୀଙ୍କର କୌଣସି ସାମଞ୍ଜସ୍ୟ ରହୁଛି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମୁଖ୍ୟମନ୍ତ୍ରୀଙ୍କ ଏବଂ ମନ୍ତ୍ରୀଙ୍କ କଥାରେ କୌଣସି ତାଳମେଳ ରହୁନାହିଁ । ପୂର୍ତ୍ତ ମନ୍ତ୍ରୀ ତୁରନ୍ତ ସ୍ପଷ୍ଟି କରଣ ରଖନ୍ତୁ ଯେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେବେ ଶେଷହେବ । ଯଦି ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ ନକରାଯାଏ ତାହାଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜଧାନୀ ରାସ୍ତାରେ ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ।

# ସୋଆ ଆଇଏଏସ୍‌ର 'ଅର୍ଣ୍ଣ-୨୦୨୬' ଉତ୍ସବର ଶୁଭାରମ୍ଭ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ରେ ବୁଧବାର ଦୁଇ ଦିନିଆ ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୬' ଆରମ୍ଭ ହୋଇଛି। ଏହି ବାର୍ଷିକ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟସ୍ଥଳରେ ପହଂଚିବା ନିମନ୍ତେ କଠିନ ପରିଶ୍ରମ, ଅଧ୍ୟବସାୟ ଓ ସମୟାନୁବର୍ତ୍ତିତା ଆବଶ୍ୟକ ବୋଲି କହିଥିଲେ। ନିଜ ଭିତରେ ସଦାସର୍ବଦା ସକରାତ୍ମକ ଚିନ୍ତାଧାରା ଓ ମନୋଭାବ ଆଣିବା ଜରୁରୀ। କାରଣ ନକରାତ୍ମକ ଚିନ୍ତାଧାରା ଓ ଏହାର କୁପ୍ରଭାବ ଛାତ୍ରଛାତ୍ରୀମାନୁ ଅବନତି ଆଡ଼କୁ ନେଇଯାଇଥାଏ ବୋଲି ପ୍ରଫେସର କର କହିଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷାନୁଷ୍ଠାନରେ ଅଭିନବ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଏହା ଅନେକ ସଫଳତା ହାସଲ କରିପାରିଛି। ତେବେ ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ଅଧ୍ୟବସାୟ ଭଳି ଗୁଣ ପ୍ରତ୍ୟେକ ଛାତ୍ରଛାତ୍ରୀ ଙ୍କ ଠାରେ ରହିବା



ଜରୁରୀ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ବଦା କିଛି ନୂଆ ଶିଖିବାର ଉତ୍କଣ୍ଠା ରହିବା ଜରୁରୀ ଯାହା ସେମାନଙ୍କୁ ଗବେଷଣା କ୍ଷେତ୍ରରେ ବିଶେଷ ସାହାଯ୍ୟ କରିବ। କୃଷି ଭିତିକ ବିଭିନ୍ନ ପ୍ରକାର ସମସ୍ୟା ଗୁଡିକର ସମାଧାନ ପାଇଁ କିପରି କୃଷକମାନେ ମହାବିଦ୍ୟାଳୟ ସହିତ ଜଡିତ ହୋଇପାରିବେ ସେ ବିଷୟରେ ସେ ଆଲୋଚନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆର କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର (ଡକ୍ଟର) ମଞ୍ଜୁଳା ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କେବଳ ପୁସ୍ତକ ଜ୍ଞାନ ଦ୍ୱାରା ଶିକ୍ଷାକୁ ସୀମିତ ନ ରଖି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାଗୁଡିକୁ ବିକଶିତ କରିବା ଜରୁରୀ। ନିଜ ଉପରେ ବିଶ୍ୱାସ ରଖି ପ୍ରତି ମୁହୂର୍ତ୍ତରେ କିଛି ଶିଖିବାର ଉତ୍କଣ୍ଠା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିବା ଦରକାର ବୋଲି ସେ କହିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ବିଭିନ୍ନ ପ୍ରକାର ଶିକ୍ଷଣୀୟ ଉଦାହରଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢ଼ିବା ନିମନ୍ତେ ଆହ୍ୱାନ ଦେଇଥିଲେ। ନିଜର ଅଭିଭାବକ ଓ ଶିକ୍ଷକମାନଙ୍କୁ ସଦାସର୍ବଦା ସମ୍ମାନ ପ୍ରଦାନ କରିବା ଆବଶ୍ୟକ। ସେମାନଙ୍କର ଆର୍ଶୀବାଦ ଓ ନିଜ ଭିତରେ ଥିବା ସକାରାତ୍ମକ ଚିନ୍ତାଧାରା ହିଁ ସେମାନଙ୍କୁ ନିଜ ଲକ୍ଷ୍ୟ ସାଧନ କରିବାରେ ସହାୟକ ହେବ। ନିଜର ଓ ସମାଜ ପାଇଁ କିଛି କରିବାର ମନୋଭାବ ରଖିବା ଆବଶ୍ୟକ ଓ ଏଥି ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଆବେଗକୁ ସଦାସର୍ବଦା ଅନୁସରଣ କରି ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରୟାସ କରିବା ଜରୁରୀ ବୋଲି ପ୍ରଫେସର ଦାସ କହିଥିଲେ। ଏହି ଅବସରରେ କୃଷି ମହାବିଦ୍ୟାଳୟର ବାର୍ଷିକ ସ୍ମରଣିକା "ଅର୍ଣ୍ଣ-୨୦୨୬" ଉନ୍ମୋଚିତ ହୋଇଥିଲା। କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର

# ସହରାଞ୍ଚଳ ଶାସନ ଦେଖିଲେ ଆଇ.ଏ.ଏସ୍ ପ୍ରୋବେସନାରୀ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ପ୍ରଶାସନିକ ପ୍ରଶିକ୍ଷଣ ଏବଂ ସମୀକ୍ଷା କାର୍ଯ୍ୟକ୍ରମର ଅଂଶସ୍ୱରୂପ, ଭାରତୀୟ ପ୍ରଶାସନିକ ସେବା ପ୍ରୋବେସନାରୀ ଅଧିକାରୀମାନେ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଆୟୋଜିତ ଏକ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ବୈଠକରେ ସାମିଲ ହୋଇଥିଲେ।

ଏହି ଅବସରରେ ପ୍ରୋବେସନାରୀ ଅଧିକାରୀମାନେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭାଗର ପ୍ରମୁଖ ସଫଳତା, ଗୁରୁତ୍ୱପୂର୍ଣ୍ଣ ଯୋଜନା ଏବଂ ବିଭିନ୍ନ ପ୍ରାଥମିକତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ଜରିଆରେ ଅଧିକାରୀମାନେ ସହରାଞ୍ଚଳ ସେବା ପ୍ରଦାନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଗଭୀର ଜ୍ଞାନ ଆହରଣ କରିବାର



ସୁଯୋଗ ପାଇଥିଲେ।

ଏହି ମତ ବିନିମୟ କାର୍ଯ୍ୟକ୍ରମ ପ୍ରଶାସନିକ ସମନ୍ୱୟ, କାର୍ଯ୍ୟକ୍ରମର ରୂପାୟନ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକୁ ବୁଝିବାରେ ସହାୟକ ହୋଇଥିଲା। ଏହାପରେ ଅଧିକାରୀମାନେ ବୁଦ୍ଧ ବିହାର ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଚାଲିଥିବା ସୁଲଭ ଗୃହ ପ୍ରକଳ୍ପଗୁଡ଼ିକର କ୍ଷେତ୍ର ଅନୁଧ୍ୟାନ କରିଥିଲେ। ସେଠାରେ ସେମାନେ ହିତାଧିକାରୀ-କୈନ୍ଦ୍ରିକ ପଦକ୍ଷେପ ଏବଂ ଜଳବାୟୁ ଅନୁକୂଳ ନିର୍ମାଣ ଶୈଳୀ ସମ୍ପର୍କରେ ଅବଗତ ହୋଇଥିଲେ। ଅଧିକାରୀମାନେ ଓଡ଼ିଶା ଅର୍ବାନ ଏକାଡେମୀ, ମଳ ପଙ୍କ ପରିଚାଳନା ପ୍ଲାଣ୍ଟ ଏବଂ ଜଳ ବିଶୋଧନ ପ୍ଲାଣ୍ଟ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ବିଭାଗୀୟ ଅଧିକାରୀମାନେ ସହରାଞ୍ଚଳ ପରିମଳ ବ୍ୟବସ୍ଥା ଏବଂ ଜଳ ଯୋଗାଣ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶୋଧନ ପ୍ରକ୍ରିୟା, ପରିଚାଳନା କୌଶଳ ଏବଂ ସେବା ପ୍ରଦାନର ଭିତ୍ତିଭୂମି ସମ୍ପର୍କରେ ମଧ୍ୟ ଅଧିକାରୀମାନେ ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ। ସାମଗ୍ରିକ ଭାବେ, ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇଏଏସ୍ ପ୍ରୋବେସନାରୀ ଅଧିକାରୀମାନଙ୍କୁ ସହରାଞ୍ଚଳ ଶାସନ, ଭିତ୍ତିଭୂମି ବିକାଶ ଏବଂ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥା ବିଷୟରେ ବାସ୍ତବିକ ଜ୍ଞାନ ପ୍ରଦାନ କରିବା, ଯାହା ସେମାନଙ୍କୁ ଆଗାମୀ ଦିନରେ ଦକ୍ଷତାର ସହ ପ୍ରଶାସନିକ ଦାୟିତ୍ୱ ତୁଲାଇବାରେ ସହାୟକ ହେବ।

# ଚାଷୀମାନଙ୍କୁ ସଶକ୍ତ କରିବ ଟାଫେର ଜେ-ଫାର୍ମ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ରାଜସ୍ଥାନ: ବିଶ୍ୱର ଅନ୍ୟତମ ସର୍ବବୃହତ ଟ୍ରାକ୍ଟର ନିର୍ମାତା ଟ୍ରାକ୍ଟର୍ସ ଆଣ୍ଡ ଫାର୍ମ ଇକ୍ୱିପମେଣ୍ଟ୍ସ୍ ଲିମିଟେଡ (ଟାଫେ), ୨୦୨୬ ଏପ୍ରିଲ ୨ ତାରିଖରେ ଭବାନୀମଣ୍ଡିଠାରେ ଏହାର ଅନୁକୂଳନ ଗବେଷଣା କେନ୍ଦ୍ର 'ଟାଫେ ଜେଫାର୍ମ ରାଜସ୍ଥାନ'କୁ ଉଦ୍‌ଘାଟନ କରିଛି। ଏହାଦ୍ୱାରା ସ୍ଥାୟୀ କୃଷି ପଦ୍ଧତିର ଆଦାନ ପ୍ରଦାନ ମାଧ୍ୟମରେ କୃଷି ଉତ୍ପାଦକତା ଏବଂ କୃଷକମାନଙ୍କର ସମୃଦ୍ଧିକୁ ଆଗେଇନେବା ପାଇଁ ଟାଫେର ପ୍ରତିବଦ୍ଧତାକୁ ଦୋହରାଇଛି। ଟି.ଆର.କେଶବନ୍, ଗ୍ରୁପ୍ ପ୍ରେସିଡେଣ୍ଟ-କର୍ପୋରେଟ କମ୍ୟୁନିକେସନ୍ ଆଣ୍ଡ ଆଲାଏନ୍ସ୍, ନିଜର ପ୍ରାରମ୍ଭିକ ଉଦ୍‌ବୋଧନ ସହିତ ତାଙ୍କ ନେତୃତ୍ୱରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରକାରୀ ସଂସ୍ଥାର ପ୍ରମୁଖ ଅଧିକାରୀଗଣ, ରାଜସ୍ଥାନର ଡିଲର ପାର୍ଟନର ଏବଂ ବିଶିଷ୍ଟ ଅତିଥି-ଗ୍ରାହକଙ୍କ ଉପସ୍ଥିତିରେ ଏହି କେନ୍ଦ୍ରକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ- ଟାଫେ, ସନ୍ଦୀପ ସିହ୍ନା ଉଦ୍‌ଘାଟନ କରିଥିଲେ। କୃଷକମାନଙ୍କୁ ବ୍ୟବହାରିକ ସୂଚନା ପ୍ରଦାନ ସହିତ ବାସ୍ତବ-ସମୟ ପ୍ରଦର୍ଶନ ସହିତ ସଶକ୍ତ କରି ସେମାନଙ୍କୁ ସେମାନଙ୍କର ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧିରେ ସହାୟତା କରିବା ଏହି କେନ୍ଦ୍ରର ଲକ୍ଷ୍ୟ। ଏହି କେନ୍ଦ୍ର କୃଷି ବିଜ୍ଞାନ ଓ କୃଷି ପଦ୍ଧତିରେ ସର୍ବାଧୁନିକ ପ୍ରଗତିକୁ ପ୍ରଦର୍ଶନ କରିବ।

# ଓଡ଼ିଶା ପୋଲିସ ପକ୍ଷରୁ ପେନସନ ଅଦାଲତ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ଓଡ଼ିଶା ପୋଲିସ ପକ୍ଷରୁ ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପରିସରରେ ଅକାଉଂଟାଂଟ ଜେନେରାଲ, ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ପେନସନ ଏବଂ ଜିପିଏଫ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ପୋଲିସ ବିଭାଗର ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପେନସନ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା।

ଏହି ଅଦାଲତରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଗ୍ରାଚୁଇଟି, ଜି.ପି.ଏଫ୍., ପରିବାର ପେନସନ ଏବଂ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ପ୍ରାଥମିକତା ଭିତିରେ ଶୁଣାଣି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଉଦଘାଟନ କରିବା ସହ ଓଡ଼ିଶା ପୋଲିସ କର୍ମଚାରୀମାନଙ୍କ ପାଇଁ ପ୍ରଥମଥର ପାଇଁ ଏହି ପେନସନ ଅଦାଲତ ଆୟୋଜନ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ପେନସନ ଉପଭୋକ୍ତାଙ୍କ କଲ୍ୟାଣ ନିମନ୍ତେ ଏକ ମାଇଲଷ୍ଟୋନ ଭାବେ ପରିଗଣିତ ହେବ ବୋଲି ସେ କହିଥିଲେ। ଏହି ଅଦାଲତରେ ମୋଟ ୬୮ ଜଣ ପେନସନର / ଫ୍ୟାମିଲି ପେନସନର ଉପସ୍ଥିତ ହୋଇ ନିଜର ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ମାମଲାକୁ ସଠିକ ଭାବରେ ପରୀକ୍ଷା କରାଯାଇ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାସହ ୧୬ଟି ପେନସନ୍ ପେମେଂଟ ଅର୍ଡର / ଗ୍ରାଚ୍ୟୁଟି ପେମେଂଟ ଅର୍ଡର / ଜିପିଏଫ୍ ସୂଚନା ପତ୍ର ଉପଭୋକ୍ତାମାନଙ୍କୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ପ୍ରିୟଦର୍ଶୀ ଏବଂ ସ୍ୱାମୀ ଶୁଭମ ବୈଜନାଥ ,ଆଇଏ ଆଣ୍ଡ ଏଏସ୍ , ଉପ ମହାଲେଖାକାର, ଏଜି ଓଡ଼ିଶା, ଭୁବନେଶ୍ୱରଙ୍କ ଦ୍ୱାରା ବିତରଣ କରାଯାଇଥିଲା । ଏହି ଅଦାଲତରେ ଶ୍ରୀମତୀ ମମତା ମଲ୍ଲିକ), ସରୋଜ କୁମାର ନାଏକ, ଅର୍ଥ ଅଧିକାରୀ, ରାଜ୍ୟ ପୋଲିସ ମୁଖ୍ୟାଳୟ, କଟକ ଏବଂ ଏ.ଜି. କାର୍ଯ୍ୟାଳୟର ବରିଷ୍ଠ ଆକାଉଣ୍ଟ ଅଫିସର ଶରତ କୁମାର ମହାପାତ୍ର, ବିଶ୍ୱାସ କୁମାର ସିହ୍ନା ଓ ରବି କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ପେନସନରମାନଙ୍କ ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ।

# ଗ୍ୟାସ୍ ସଙ୍କଟ ସମାଧାନ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତିରେ ଜାଳେଣି ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଯୋଗାଣ ମନ୍ତ୍ରୀ ଜାଳେଣି ଗ୍ୟାସର ସଙ୍କଟ ନାହିଁ ବୋଲି ବାରମ୍ବାର ବୟାନବାଜି




କରୁଛନ୍ତି। ଜାଳେଣି ଗ୍ୟାସ ବୁକିଙ୍ଗ ପାଇଁ ୨୪ ଦିନ ଧାର୍ଯ୍ୟ କଲେବି ଗ୍ୟାସ୍ ମିଳୁନାହିଁ। ୫ଲିଟର ବାଲା ଟାଙ୍କି ଖୋଲାବଜାରରେ ମିଳୁନଥିବାରୁ ରାସ୍ତାକଡ ଜଳଖିଆ ଦୋକାନୀ, ମେସରେ ରହୁଥିବା ଛାତ୍ରୀଛାତ୍ରୀ ଓ ଶ୍ରମିକ ନିର୍ଭରଶୀଳ ଥିବାବେଳେ ଏବେ ଓଡ଼ିଶା ସରକାର ଏଥିପାଇଁ ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣପତ୍ର ଓ ପରିଚୟ ପତ୍ର ଧରି ଧାଡିରେ ଛିଡା ହେଲେ ହିଁ ଗ୍ୟାସ ମିଳିବ ବୋଲି ସର୍ତ ରଖିଥିବାରୁ ଏହା ପରିସ୍ଥିତିକୁ ଅତି ଜଟିଳ କରାଇଛି। ପାଠ ପଢୁଥିବା ପିଲାମାନେ ଧାଡିରେ ଛିଡ଼ା ହୋଇ ଗ୍ୟାସ୍ କିଣିବେ ନା ପାଠ ପଢ଼ିବେ? ଓଡ଼ିଶା ସରକାରଙ୍କ ବିପର୍ଯ୍ୟସ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥା କଳାବଜାରକୁ ପ୍ରୋତ୍ସାହନ ଦେଇ ପଶ୍ଚିମବଙ୍ଗ ଓ ଆସାମ ନିର୍ବାଚନ ପାଇଁ ବିଜେପି ଗ୍ୟାସ କଳାବଜାରୀଙ୍କଠାରୁ ଚାନ୍ଦା ନେବା ପାଇଁ ରାଜ୍ୟର ଲକ୍ଷଲକ୍ଷ ଗ୍ରାହକଙ୍କୁ ଲୁଣ୍ଠନ କରୁଛନ୍ତି ବୋଲ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ କରି ଅଭିଯୋଗ କରାଯାଇଛି। ଆଜି ସିପିଆଇ କାର୍ଯ୍ୟାଳୟରୁ ସିପିଆଇର ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ଭୁବନେଶ୍ୱର ଜୋନ୍ ସମ୍ପାଦକ କୈଳାସ ପୁହାଣ, ଦୁଃଖିଶ୍ୟାମ ବେହେରା, ଜୋନ୍ ସହ ସମ୍ପାଦକ ଶରତ ସ୍ୱାଇଁ, ନାରୀ ନେତ୍ରୀ ସୁଷମା ଭୋଇ, ବଳରାମ ଜାଲି, ଅଶୋକ ବାରିକ, ମୁରଲୀ ଭୋଇ, ମାନସ ସାହୁ, ଧନେଶ୍ୱର ଦାସ, ନରହରି ପ୍ରଧାନ, ଜି. କୈଳାସ ପ୍ରମୁଖ ଏହି ପ୍ରତିବାଦରେ ଯୋଗ ଦେଇ କ୍ଷୋଭ ପ୍ରକାଶ କରିଥିଲେ।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଭିତ୍ତିଭୂମି ବିକାଶରେ ଅଭିବୃଦ୍ଧି

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ କରିଛି। ସୁରକ୍ଷା, କ୍ଷମତା ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ସେବା ପ୍ରଦାନ ଦିଗରେ ବିଭାଗର ଅଟଳ ପ୍ରତିବଦ୍ଧତାକୁ ଏହା ପୁନର୍ବାର ପ୍ରମାଣିତ କରେ । କପିଳାସ ରୋଡ଼-ନିର୍ଗୁଣ୍ଡି ମଧ୍ୟରେ ଥିବା ୧୭୪ ନମ୍ବର ଲେଭଲ୍ କ୍ରସିଂରେ ଏକ ରୋଡ୍ ଓଭର ବ୍ରିଜ୍ କାର୍ଯ୍ୟକ୍ଷମ ହୋଇଛି। ଏହାସହ ଦୁଇଟି ମାନବ ଚାଳିତ ଲେଭଲ୍ କ୍ରସିଂକୁ



ବନ୍ଦ କରାଯାଇ ରେଳ ଚଳାଚଳକୁ ଅଧିକ ନିରାପଦ କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ୬ଟି ନୂତନ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କରାଯାଇଛି। ଏଥିମଧ୍ୟରେ ଇଚ୍ଛାପୁରମ୍ ଠାରେ ଏକ ୧୨ ମିଟରରୁ ଅଧିକ ଚଉଡ଼ା ବିଶିଷ୍ଟ ବ୍ରିଜ୍ ଏବଂ ସୁକିନ୍ଦା, ନୟାଭାଗୀରଥିପୁର, ନୟାଗଡ଼ ଟାଉନ୍, ଗୋଳବାଇ ଓ ସୁମ୍ମାଦେବୀ ଷ୍ଟେସନରେ ୫ଟି ବ୍ରିଜ୍ ଅନ୍ତର୍ଭୁକ୍ତ ପ୍ରାୟ ୧୫୨.୮୫୫ କିଲୋମିଟର ରେଳପଥରେ ଟ୍ରେନର ଗତି ୧୧୦ କିଲୋମିଟର ପ୍ରତି ଘଣ୍ଟାକୁ ବୃଦ୍ଧି କରାଯାଇଛି। ସାଲଗାଁ-ରାଜାଆଠଗଡ଼, ଢେଙ୍କାନାଳ-ହିନ୍ଦୋଳ, ମଞ୍ଚେଶ୍ୱର-ଭୁବନେଶ୍ୱର ,ନୟାଗଡ଼ ଟାଉନ୍- ନୂଆଗାଁ ଏବଂ -ନୂଆଗାଁ-ଦଶପଲ୍ଲା ଭଳି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଏହି ସଫଳତା କାର୍ଯ୍ୟ ହୋଇଥିବାରୁ ପରିଚାଳନା କ୍ଷମତା ବୃଦ୍ଧି ସହ ଯାତ୍ରା ସମୟ କମିଛି। ଏହି ବର୍ଷ ମଧ୍ୟରେ ୪୬.୨୩୦ କିଲୋମିଟର ଦୋହରୀକରଣ, ତୃତୀୟ ଏବଂ ଚତୁର୍ଥ ଲାଇନ୍ କାର୍ଯ୍ୟକ୍ଷମ ହୋଇଛି। ବୈତରଣୀ ରୋଡ଼-ଯାଜପୁର କେନ୍ଦୁଝର ରୋଡ଼ ,ହିନ୍ଦୋଳ-ମେରାମଣ୍ଡଳୀ ଏବଂ ଯାଜପୁର କେନ୍ଦୁଝର ରୋଡ଼- ଯଖପୁରା ମୁଖ୍ୟ ସେକ୍ସନଗୁଡିକ ଚାଲୁ ହୋଇ ନେଟୱର୍କ କ୍ଷମତା ବୃଦ୍ଧି ସହ ଯାତାୟାତ ଜନିତ ଚାପ କମାଇଛି। ଯାତ୍ରୀ ସୁବିଧା କ୍ଷେତ୍ରରେ ବିଭାଗ ୨୦ଟି ଷ୍ଟେସନରେ ୫୦ଟି ଉଚ୍ଚ ସ୍ତରୀୟ ପ୍ଲାଟଫର୍ମ ନିର୍ମାଣ କରାଯାଇଛି ଯାହା ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ବୃଦ୍ଧି କରିଛି । ଏହାସହ ୪୩ଟି ପ୍ଲାଟଫର୍ମର ଚଟାଣକୁ କଂକ୍ରିଟ୍ କରାଯାଇ ସ୍ୱଚ୍ଛତା ଓ ସୁନ୍ଦରତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସଫଳତାଗୁଡ଼ିକ ଭିତ୍ତିଭୂମି ଆଧୁନିକୀକରଣ, ସୁରକ୍ଷା ସୁଦୃଢ଼ିକରଣ ଏବଂ ଯାତ୍ରୀ-କେନ୍ଦ୍ରିକ ବିକାଶ ପ୍ରତି ଖୋର୍ଦ୍ଧା ରୋଡ୍ ବିଭାଗର ସୁସ୍ପଷ୍ଟ ଓ କେନ୍ଦ୍ରିତ ଆଭିମୁଖ୍ୟକୁ ପ୍ରତିବିମ୍ବିତ କରେ। ବିଭିନ୍ନ ପ୍ରକଳ୍ପରେ ନିରନ୍ତର ଅଗ୍ରଗତି ଏକ ଅଧିକ ଦକ୍ଷ, ନିର୍ଭରଯୋଗ୍ୟ ଏବଂ ଯାତ୍ରୀ-ଅନୁକୂଳ ରେଳ ନେଟୱର୍କ ପ୍ରଦାନ ପ୍ରତି ବିଭାଗର ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରେ।

# ଏସଏସବି ପକ୍ଷରୁ ପିଜି ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ

**ଭୁବନେଶ୍ୱର,୮।୪ (ସ୍ୱାଧିକାର ନ୍ୟୁଜ):** ଆସନ୍ତା ମେ' ମାସ ୫ ତାରିଖରୁ ଆରମ୍ଭ ହେବ ସିପିଇଟି (କମନ ଏଂଟ୍ରାନ୍ସ ଟେଷ୍ଟ ) ପ୍ରବେଶିକା ପରୀକ୍ଷା। ୫ ମେ' ୨୦୨୬ ରିଖ ଠାରୁ ୧୬ ମେ' ୨୦୨୬ ରିଖ ପର୍ଯ୍ୟନ୍ତ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି) ପକ୍ଷରୁ ସିପିଇଟି ପ୍ରବେଶିକା ପରୀକ୍ଷା ସୂଚୀ ପ୍ରକାଶିତ ହୋଇଛି। ସମୁଦାୟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ୨ଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୧୦.୦୦ ଘଟିକାରୁ ୧୧.୪୦ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ସେହିପରି ଦ୍ୱିତୀୟ ସିଫ୍ଟରେ ଅନ୍ତର୍ଭୁକ୍ତ ଥିବା ସ୍ନାତକୋତ୍ତର ବିଷୟ ପାଇଁ ଛାତ୍ରଛାତ୍ରୀମାନେ ଅପରାହ୍ନ ୩.୦୦ ଘଟିକାରୁ ୪.୪୦ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ପ୍ରଥମ ଦିନରେ (ମେ' ୫ ତାରିଖ ଦିନ) ବାଣିଜ୍ୟ, ବାୟୋଟେକ୍ନୋଲୋଜି, ସୋସିଓଲୋଜି, ପରିବେଶ ବିଜ୍ଞାନ, ଏଜୁକେସନ, ଆନଥ୍ରୋପୋଲୋଜି (କଳା) ଆଦି ବିଷୟ ପାଇଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ଏପ୍ରିଲ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ ଏସଏସବି ୱେବ୍‌ସାଇଟ କୁ ଯାଇ ପ୍ରବେଶିକା ପରୀକ୍ଷା ପାଇଁ ନିଜର ଆଡ଼ମିଟ କାର୍ଡ଼ ଡ଼ାଉନଲୋଡ଼ କରିପାରିବେ। ସିପିଇଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



## ସାଇ ବାଣୀ....

ମନୁଷ୍ୟ ଯେତେ ଦୀନହୀନ ହେଲେ ମଧ ମୋ ମସ୍‌ଜିଦ୍‌ର ପାହାଚକୁ ଉଠିବା ମାତ୍ରକେ ତାହାର ମନ ଅଶେଷ ଆନନ୍ଦ ଓ ଉଲ୍ଲାସରେ ପରିପୂର୍ଣ୍ଣ ହୋଇଯିବ ।

## ସଂପାଦକୀୟ......

# ଟ୍ରମ୍ପଙ୍କ ଦାୟିତ୍ୱହୀନ ମନ୍ତବ୍ୟ

ଇରାନର ସମ୍ପୂର୍ଣ୍ଣ ସଭ୍ୟତାକୁ ନିଶ୍ଚିହ୍ନ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଏବଂ ଦୁର୍ଭାଗ୍ୟଜନକ। ଜଣେ ରାଷ୍ଟ୍ରମୁଖ୍ୟଙ୍କଠାରୁ ଏପରି ଅପରିପକ୍ୱ ମନ୍ତବ୍ୟ ଆଶା କରାଯାଇପାରେନା। ଏହା ପୁନର୍ବାର ପ୍ରମାଣିତ କରିଛି ଯେ,ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ। ସେ ବିଶ୍ୱନେତା ହେବାକୁ ଅଯୋଗ୍ୟ। ଇତିମଧ୍ୟରେ ଆମେରିକା ଇରାନ ମଧ୍ୟରେ ଯୁଦ୍ଧ ବିରତି ଆଉ ଦୁଇ ସପ୍ତାହ ବୃଦ୍ଧି ପାଇଛି। ଏହା ସ୍ୱାଗତଯୋଗ୍ୟ ଏବଂ ଆଶ୍ୱସ୍ତିର ବିଷୟ। କେବଳ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆ ନୁହେଁ, ସମଗ୍ର ବିଶ୍ୱବାସୀ ଏବେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି ଏବଂ ସେମାନଙ୍କୁ ଯୁଦ୍ଧର ଭୟାବହ ପରିଣାମରୁ ତ୍ରାହି ମିଳିବ ବୋଲି ଆଶା ବାନ୍ଧିଛନ୍ତି। ଯୁଦ୍ଧ ଯୋଗୁ ଗତ ୪୦ ଦିନ ଭିତରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। କେବଳ ଇରାନ ନୁହେଁ, ସମଗ୍ର ଉପସାଗରୀୟ ଅଞ୍ଚଳ, ଆମେରିକା ଓ ଇସ୍ରାଏଲ ମଧ୍ୟ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। ଅନେକ ଧନ ସମ୍ପତ୍ତି ନଷ୍ଟ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ଏହାକୁ ଯୁଦ୍ଧରେ ସହଯୋଗ କରୁଥିବା ଉପସାଗରୀୟ ରାଷ୍ଟ୍ର ଏବଂ ଇରାକ, ଜୋର୍ଡାନ, ତୁର୍କୀ ଆଦ ଅନେକ ଦେଶ ଉପରେ ଆକ୍ରମଣ କରିଛି। ଯାହାର ଯୁଦ୍ଧ ସହିତ କୌଣସି ସମ୍ପର୍କ ନାହିଁ, ସେମାନେ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସାଉଦୀ ଆରବ, ୟୁଏଇ, କୁଏତ, କାଟାର, ବାହାରିନ, ଓମାନ ଆଦି ଦେଶର ତୈଳ ସମ୍ପଦ ବା ଇନ୍ଧନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଇରାନର ମଧ୍ୟ ଅନେକ ତୈଳ ଭଣ୍ଡାର ନଷ୍ଟ ହୋଇଛି। ଅନେକ ତୈଳ ଭଣ୍ଡାର ଏବଂ ଗ୍ୟାସ ଟର୍ମିନାଲରେ ନିଆଁ ଲାଗିଛି। ସାଉଦୀ ଆରବର ସବୁଠାରୁ ବଡ଼ ତୈଳ ରିଫାଇନାରୀ ଆରାମକୋରେ ନିଆଁ ଲାଗିଯିବା ଫଳରେ ସେଠାରୁ ଉତ୍ପାଦନ ବ୍ୟାହତ ହୋଇଛି। ବାହାରିନସ୍ଥିତ ବିଶ୍ୱର ସର୍ବ ବୃହତ ଏଲଏନଜି ଟର୍ମିନାଲର ବ୍ୟାପକ କ୍ଷୟକ୍ଷତି ହୋଇଛି ଯାହାକୁ ଭରଣା କରିବା ନିମନ୍ତେ ୫ ବର୍ଷ ସମୟ ଲାଗିଯିବ। ଇରାନର ଅଏଲ ଜଙ୍କସନ ଭାବେ ପରିଚିତ ଖାର୍ଗ ଦ୍ୱୀପ ଆମେରିକା ଆକ୍ରମଣରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏସବୁ ତୈଳ ସମ୍ପଦ ବା ଗ୍ୟାସ କୌଣସି ନିର୍ଦ୍ଦିଷ୍ଟ ଦେଶର ସମ୍ପତ୍ତି ନୁହେଁ, ଏହା ସମଗ୍ର ମାନବ ଜାତିର ସମ୍ପତ୍ତି ଏବଂ ସମଗ୍ର ବିଶ୍ୱ କଲ୍ୟାଣ ଲାଗି ଉଦ୍ଦିଷ୍ଟ। ଦୁର୍ଭାଗ୍ୟର ବିଷୟ ହେଲା ଯୁଦ୍ଧରେ ଉଭୟ ପକ୍ଷ ଏହି ମୌଳିକ ନୀତିକୁ ଉଲ୍ଲଘଂନ କରିଛନ୍ତି। ଯୁଦ୍ଧରେ ନିରୀହ, ନିରପରାଧ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିବନି କିମ୍ବା ସର୍ବସାଧାରଣ ସ୍ଥାନକୁ ଟାର୍ଗେଟ କରିବ ନାହିଁ। ଭିତ୍ତିଭୂମି ଏବଂ ଏନର୍ଜି ସେକ୍ଟରକୁ ନଷ୍ଟ କରିବନି। କେବଳସାମରିକ କେନ୍ଦ୍ର ଉପରେ ଆକ୍ରମଣକୁ ସୀମିତ ରଖିବା ହେଉଛି ଅନ୍ତର୍ଜାତୀୟ ଯୁଦ୍ଧ ନିୟମ। କିନ୍ତୁ ଇସ୍ରାଏଲ ପ୍ରଥମେ ଏହି ନିୟମ ଉଲ୍ଲଘଂନ କଲା। ପରେ ସବୁ ପକ୍ଷ ଏହାକୁ ପରିହାର କଲେ। ଇରାନର ଏକ ସ୍କୁଲ ଉପରେ ବୋମା ମାଡ଼ ଯୋଗୁ ୧୮୦ରୁ ଅଧିକ ପ୍ରାଣ ହରାଇଲେ। ଇରାନରେ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି । ସେମାନଙ୍କୁ ହତ୍ୟା ଅମାନବୀୟ। ଇରାନ ମଧ୍ୟ କିଛି କମ ନୁହେଁ। ଉପସାଗରୀୟ ଦେଶର ଅନେକ ଭିତ୍ତିଭୂମି, ଏନର୍ଜୀ ସେକ୍ଟରକୁ ଇରାନ ଧ୍ୱଂସ କରିଛି। ଅନେକ ସାଧାରଣ ଜନତା ନିହତ ହୋଇଛନ୍ତି। ଦୁବାଇ, ଆବୁଧାବି, ରିୟାଦ ଆଦି ବଡ଼ ବଡ଼ ସହରର ଅନେକ ବଡ଼ ବଡ଼ କୋଠା ଧ୍ୱଂସ ହେବା ସହିତ ସେଠାରେ ବାଣିଜ୍ୟ କାରବାର ବନ୍ଦ ହୋଇଯାଇଛି। ଆମେରିକା ମଧ୍ୟ ଏହି ୭ଯୁଦ୍ଧରେ ଅନ୍ତର୍ଜାତୀୟ ନିମକୁ ଉଲ୍ଲଘଂନ କରିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳି ରାଷ୍ଟ୍ର ବୋଲଇ ଦାବି କରୁଥିବା ଆମେରିକା ନିକଟରେ ଏହା ଶୋଭା ପାଉନି। ଯାହା ବି ହେଉ ଇରାନ ଉପରେ ଆକ୍ରମଣ ଜାରି ରହିଥିବା ବେଳେ ହଠାତ ରାଷ୍ଟ୍ରପତି ଟ୍ରମ୍ପ ୫ ଦିନ ଲାଗି ଯୁଦ୍ଧ ବିରତି ଘୋଷଣା କଲେ। ଏବେ ସ୍ୱୀକାର କରିବାକୁ ପଡ଼ିବ ଯେ, ଯୁଦ୍ଧରେ ଆମେରିକା ମଧ୍ୟ ବିପୁଳ କ୍ଷତି ସହିଛି। ଏହାର ଅନେକ ଯୁଦ୍ଧ ବସିମାନ ନଷ୍ଟ ହୋଇଛି। ଏହି ଯୁଦ୍ଧ ଯୋଗୁ ଆମେରିକାର ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି। ଫଳରେ ନିଜ ଦେଶରେ ଟ୍ରମ୍ପ ପ୍ରବଳ ସମାଲୋଚନାର ଶିକାର ହୋଇଛନ୍ତି। ତାଙ୍କ ଲୋକପ୍ରିୟତା ରସାତଳଗାମୀ ହୋଇଛି। ପୂର୍ବରୁ ବିଶ୍ୱର ଅନ୍ୟାନ୍ୟ ଦେଶ ଟ୍ରମ୍ପଙ୍କୁ ନିନ୍ଦା କରୁଥିଲେ, ଘୃଣା କରୁଥିଲେ। ଏବେ ।ଖାଦ ଆମେରିକାର ସାଧାରଣ ନାଗରିକମାନେ ଟ୍ରମ୍ପଙ୍କ ଉତ୍ପାତରୁ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ତେଣୁ ସବୁ ଦିଗରୁ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ଟ୍ରମ୍ପ ଯୁଦ୍ଧ ବିରତି ଘୋଷଣା କରିଛନ୍ତସି। ଏହାକୁ ଇରାନର ନୈତିକ ବିଜୟ ବୋଲି କହିଲେ ଭୁଲ ହେବ ନି। ଯୁଦ୍ଧ ବିରତି ପୂର୍ବରୁ ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ମୁକ୍ତ କରିବାକୁ ୪୮ ଘଣ୍ଟା ସମୟ ଦେଇଥିଲେ। ଏହା ପୂରଣ ହୋଇସାରିଥିଲେ ମଧ୍ୟ ହର୍ମୁଜ ପ୍ରଣାଳୀ ଏ ଯାବତ ମୁକ୍ତ ହୋଇପାରିନାହିଁ। ଅସଲ କଥା ହେଲା ଇରାନ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିବା ଫଳରେ ଆମେରିକାର ବୁଦ୍ଧି ହଜିଗଲା। କାରଣ ଏହି ରୁଟ ଦେଇ ବିଶ୍ୱର ସର୍ବାଧିକ ଇନ୍ଧନ ରପ୍ତାନୀ ହୋଇଥାଏ। ଏହା ହେଉଛି ତୈଳ ସମୃଦ୍ଧ ମଧ୍ୟପ୍ରାଚ୍ୟର ତୈଳ କାରବାର ଲାଗି ଏକମାତ୍ର ରାସ୍ତା। ଏହା ଇରାନ ନିକଟରେ ରହିଛି। ଏହାକୁ ଅବରୋଧ କରିବା ଫଳରେ ବିଶ୍ୱରେ ହାହାକାର ପଡ଼ିଗଲା। ତେଲ ଏବଂ ଗ୍ୟାସ ଦର ବୃଦ୍ଧିର ଏହା ହେଉଛି ମୁଖ୍ୟ କାରଣ। ହର୍ମୁଜକୁ ମୁକ୍ତ କରିବା ନିମନ୍ତେ ଟ୍ରମ୍ପ ନିଜ ସହଯୋଗୀ ରାଷ୍ଟ୍ର ବିଶେଷ କରି ନାଟୋର ସହାୟତା ଲୋଡ଼ିଲେ। ଜାପାନ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ଆଦି ଦେଶର ନୌସେନା ଏଥିରେ ସହାୟତା କରୁ ବୋଲି ଟ୍ରମ୍ପ ନିବେଦନ କଲେ। କିନ୍ତୁ କେହି ଏଥିପ୍ରତି କର୍ଣ୍ଣପାତ କଲେନି। ସମସ୍ତେ ଟ୍ରମ୍ପଙ୍କ ହାତ ଛାଡ଼ିଦେଲେ। ଏଥିରେ ହତାଶ ହୋଇ ଟ୍ରମ୍ପ ନାଟୋକୁ କାଗଜ ବାଘ ବୋଲି କହିଲେ। ସେ ଯାହା କହିଲେ ତାହା ସତ ହୋଇପାରେ। କିନ୍ତୁ ସତକଥା ହେଲା କେହି ଯୁଦ୍ଧକୁ ପସନ୍ଦ କରୁ ନାହାଁନ୍ତି, କେହି ଆର୍ଥିକ କ୍ଷତି ସହିବାକୁ ପ୍ରସ୍ତୁତ ନାହାଁନ୍ତି। ତେଣୁ କେହି ଟ୍ରମ୍ପଙ୍କ ସହିତ ହାତ ମିଳାଇଲେ ନାହିଁ। ଏହା ଫଳରେ ଟ୍ରମ୍ପ ଯୁଦ୍ଧ ବିରତି ଲାଗି ବାଧ୍ୟ ହେଲେ। ଏବେ ଦୁଇ ପକ୍ଷ ମଧ୍ୟରେ ଶାନ୍ତି ଚୁକ୍ତି ଲାଗି ଆଲୋଚନା ହେବ। ଏହା କେତେଦୂର ସଫଳ ହେବ, ବାସ୍ତବରେ ଯୁଦ୍ଧ ବିରତି ହେବ କି ନହେବ ତାହା ସନ୍ଦେହରେ।

# ନୀଳାଚଳନାଥ : ଶ୍ରୀରାମ

**ଦିଲ୍ଲୀପ କୁମାର ମହାରଣା ■**

ତ୍ରେତୟା ଯୁଗର କଥା। ଭଗବାନ ରାମ ତାଙ୍କର ଲୀଳା ଖେଳା ଶେଷ କରି ପରମ ଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା କଲେ। ସଙ୍ଗରେ ଭାଇମାନଙ୍କୁ, ସୁଗ୍ରୀବ ଓ ବାନର ମାନଙ୍କୁ ନେବାକୁ ନିଶ୍ଚୟ କରି ଜାମ୍ବମାନ, ବିଭୀଷଣ, ହନୁମାନ, ମୈନ୍ଦ, ଦ୍ୱିବିନ୍ଦ – ଏହି ପାଞ୍ଚ ଜଣଙ୍କୁ ମର୍ତ୍ତ୍ୟରେ ଛାଡ଼ି ଦେଇ ଗଲେ। ସେ ରାକ୍ଷାସଧିପ ଲଙ୍କେଶ ବିଭୀଷଣଙ୍କୁ ପାଖକୁ ଡାକି କହିଲେ, ହେ ମହାବଳୀ ରାକ୍ଷାସ ରାଜ ସେତେ ଦିନ ପର୍ଯ୍ୟନ୍ତ ଚନ୍ଦ୍ର ଓ ସୂର୍ଯ୍ୟ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଏ ଧରାପୃଷ୍ଠରେ ତିଷ୍ଠି ରହିଥିବ ଓ ଯେତେଦିନ ପର୍ଯ୍ୟନ୍ତ ସଂସାରରେ ମୋ କଥା ପ୍ରଚଳିତ ଥିବ, ସେତେଦିନ ତୁମେ ରାଜୁତି କରିବ। ଏତିକି କହିସାରି ପୁଣି ସେ କହିଲେ ତୁମକୁ ଆଉ ଗୋଟିଏ କଥା କହିବାକୁ ଚାହୁଁଛି। ଆମ ଇକ୍ଷାକୁ କୁଳର ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ଇନ୍ଦ୍ରାଦି ଦେବତାମାନେ ତାଙ୍କୁ ନିରନ୍ତର ଆରାଧନା କରନ୍ତି। ତୁମେ ବି ସଦାସର୍ବଦା ତାଙ୍କର ପୂଜା କରୁଥିବ। 'ଆରାଧୟ ଜଗନ୍ନାଥଃ ଇକ୍ଷାକୁ କୁଳଦୈବତମ୍, ଆରାଧନୀୟମନିଶଂ ଦେବୈରପି ସଦା ସର୍ବୈଃ।' ଭଗବାନ ରାମଚନ୍ଦ୍ରଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଲଙ୍କାରେ ବିଭୀଷଣ ରାଜୁତି କରିବାକୁ ଲାଗିଲେ। କିନ୍ତୁ ସେ ପ୍ରତିଦିନ ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ଯାଆନ୍ତି। ସେଥିପାଇଁ ପୁରୀ ଶ୍ରୀମନ୍ଦିର ଉପରି ଭାଗରେ ଦକ୍ଷିଣ ଦିଗକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତ୍ରିମୂର୍ତ୍ତି ଶୋଭା ପାଉଛନ୍ତି। କାରଣ ଲଙ୍କା ରାଜ୍ୟ ଭାରତର ଦକ୍ଷିଣ ଦିଗରେ ଅବସ୍ଥିତ।

ହଜାର ହଜାର ବର୍ଷ ପୂର୍ବରୁ ମହର୍ଷି ବାଲ୍ମିକୀ ଯାହା ଲିପିବଦ୍ଧ କରିଯାଇଛନ୍ତି, ଆଜିକାଲି ବି ପୁରୀରେ ଲୋକମୁଖରେ ବିଭୀଷଣ ପ୍ରତିଦିନ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରୁଥିବାର ପ୍ରବାଦ ଶୁଣିବାକୁ ମିଳେ। ଏ ବିଷୟରେ ଏଠାରେ ଉତ୍ଥାପନ କରିବାର କାରଣ ହେଉଛି ନୀଳାଚଳନାଥ ନୀଳାଦ୍ରି ବିହାରୀ ନୀଳ ଶୈଳାଧିପତି ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁ। ସେହି ହେଉଛନ୍ତି ଇକ୍ଷାକୁ ସୂର୍ଯ୍ୟକୁଳ ଜାତ ପୁରୁଷୋତ୍ତମ ରାମଚନ୍ଦ୍ର। ସେଥିପାଇଁ ଏ କ୍ଷେତ୍ରକୁ ପୁରୁଷୋତ୍ତମ କ୍ଷେତ୍ର ବା ପୁରସ୍ତମ ବା ସଂକ୍ଷେପରେ ପୁରୀ କୁହାଯାଏ।

ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଯୁଗେ ଯୁଗେ ରହି ଆସିଅଛି। ନୀଳାଚଳ ହେଉଛି ପରମାତ୍ମାଙ୍କର ନିତ୍ୟ ଲୀଳାକ୍ଷେତ୍ର। ଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପରମ ଅବତାରି। ସେ ସବୁ ଅବତାର ମଧରେ ଶ୍ରେଷ୍ଠ। ସେ ହିଁ ସକଳ ତତ୍ତ୍ୱର ସକଳ ସତ୍ୟର ସତ୍ୟ ଓ ସକଳ ପ୍ରକାଶର ପ୍ରକାଶ। ନୀଳାଦ୍ରି ବା ପୁରୁଷୋତ୍ତମ ଧାମ ହେଉଛି ତୀର୍ଥସାର। ଜଗନ୍ନାଥ ମହାପ୍ରଭୁ ଓ ରାମଚନ୍ଦ୍ର ଉଭୟ ଇକ୍ଷାକୁ କୁଳ ସଂଭୂତ ହୋଇଥିବାରୁ ତ୍ରେତୟାର ଭଗବାନ ରାମଚନ୍ଦ୍ର ଓ କଳିର ଜଗନ୍ନାଥ ମହାପ୍ରଭୁ ଏକ ଓ ଅଭିନ୍ନ। ଏଥିରେ ସନ୍ଦେହ ନାହିଁ। ଆହୁରି ମଧ ସେତେବେଳେ ରାମଚନ୍ଦ୍ର ପିତୃ ଆଜ୍ଞା ପାଳନ କରି ବନ ଗମନ କରିଥିଲେ, ସେତେବେଳେ ଆଗରେ ରାମଚନ୍ଦ୍ର, ମଝିରେ ସୀତା ଓ ପଛରେ ଲକ୍ଷ୍ମଣ ଚାଲୁଥିଲେ। ସନ୍ଥ ତୁଳସୀ ଦାସଙ୍କ ଭାଷାରେ – 'ଆଗେ ରାମ ଅନୁଜ ପୁନି ପାଛେଁ। ମୁନିବର ବେଷ ବନେ ଅତି କାଛେଁ।। ଉଭୟ ବୀଚ ଶ୍ରୀ ସେହଇ କୈସସୀ। ବ୍ରହ୍ମ ଜୀବ ବିଚ ମାୟା ଜୈସୀ।। ମୁନିବେଶ ଧାରଣ କରି ରାମଚନ୍ଦ୍ର ଆଗରେ, ପଛରେ ଲକ୍ଷ୍ମଣ ଓ ମଝିରେ ସୀତା। ସୀତାଙ୍କୁ ଲକ୍ଷ୍ୟ କରି ତୁଳସୀ ଦାସ କହିଛନ୍ତି – ବ୍ରହ୍ମ ଓ ଜୀବ ମଧରେ ସୀତା ଶୋଭା ପାଉଛନ୍ତି। ଶକ୍ତି ରୂପିଣୀ ସୀତା ମାୟା ରୂପରେ ବ୍ରହ୍ମ ଓ ଜୀବ ମଧରେ ସଂଯୋଗ ସ୍ଥାପନ କରୁଛନ୍ତି। ସାଧାରଣତଃ ମାୟା ଦୁଇ ପ୍ରକାର, ବିଦ୍ୟା ମାୟା, ଓ ଅବିଦ୍ୟା ମାୟା। ବିଦ୍ୟା ମାୟାକୁ ମଧ ଯୋଗମାୟା କୁହାଯାଏ। ବିଦ୍ୟା ମାୟା ବ୍ରହ୍ମ ଓ ଜୀବ ମଧରେ ସଂଯୋଗ ସ୍ଥାପନ କରି ଜୀବକୁ ଭଗବତମୁଖୀ କରାଏ। ଅପର ପକ୍ଷରେ ଅବିଦ୍ୟା ମାୟା। ଜୀବକୁ ଭଗବାନ ଠାରୁ ଦୂରେଇ ଦେଇ ତାକୁ ବିଷୟାଭିମୁଖୀ କରାଏ। କିନ୍ତୁ ଏ କ୍ଷେତ୍ରରେ ସୀତା ହେଉଛନ୍ତି ବିଦ୍ୟା ମାୟା। ଏହି ଦୃଷ୍ଟିରୁ ଆମେ ଯଦି ରତ୍ନ ସିଂହାସନ ଉପରେ ଅଧିଷ୍ଠିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲକ୍ଷ୍ୟ କରିବା ତାହାହେଲେ ଜାଣି ପାରିବା ଜଗନ୍ନାଥ ଓ ବଳଭଦ୍ର ମଧରେ ଶକ୍ତି ସ୍ୱରୂପିଣୀ ସୁଭଦ୍ରା ମାତା ଅଧିଷ୍ଠିତା। ସେ ହେଉଛନ୍ତି ଜୀବ ଓ ବ୍ରହ୍ମ ମଧରେ ସଂଯୋଗକାରଣୀ ଆଦିଶକ୍ତି।

ଶ୍ରୀମନ୍ଦିରକୁ ପ୍ରବେଶ କଲାବେଳେ କୁରୁମ ବେଢ଼ା ଦୁଆର ଉପରେ ରାମ ତିଳକ ଶୋଭ ପାଉଛି। ଏହା ବ୍ୟତୀତ ପ୍ରଧାନ ମନ୍ଦିର ଉପରେ ଦଧି ନଉତି ପାଖରେ ପୂର୍ବ ଦିଗକୁ ମଧ ରାମ ତିଳକ ଦେଖିବାକୁ ମିଳେ। ଏହି ସଂକେତରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଜଗନ୍ନାଥ ମହାପ୍ରଭୁ ହିଁ ସ୍ୱୟଂ ରାମଚନ୍ଦ୍ର ଭଗବାନ। ଦ୍ୱାଦଶ ଶତାବ୍ଦୀରେ ବୈଷ୍ଣବାଚାର୍ଯ୍ୟ ବିଷ୍ଣୁ, ସ୍ୱାମୀ ରାମଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣ ଅବତାର ରୂପରେ ଗ୍ରହଣ କରିଥିଲେ। ସେ ଜଗନ୍ନାଥଙ୍କୁ ରାମଚନ୍ଦ୍ରଙ୍କର ପରିପୂର୍ଣ୍ଣ ମୂର୍ତ୍ତି ରୂପେ ପରିକଳ୍ପନା କରିଥିଲେ। ୧୪ଶ ଶତାବ୍ଦୀରେ ରାମାନନ୍ଦ ମଧ ରାମଙ୍କୁ ପୂର୍ଣ୍ଣ ବ୍ରହ୍ମ ରୂପେ ଗ୍ରହଣ କରିଥିଲେ। ସେ ଜଗନ୍ନାଥଙ୍କ ମଧରେ ରାମଙ୍କୁ ଦର୍ଶନ କରିଥିଲେ। ୧୫ଶ ଶତାବ୍ଦୀରେ ଶେଷ ଭାଗରେ ଜଗନ୍ନାଥ ମହାପ୍ରଭୁଙ୍କର ଅନନ୍ୟ ଭକ୍ତ ପଞ୍ଚସଖା ମଧରୁ ଅନ୍ୟତମ ବଳରାମ ଦାସ ଜଗନ୍ନାଥଙ୍କ ଠାରେ ରାମଙ୍କୁ କଳ୍ପନା କରି ଶ୍ରୀମନ୍ଦିରସ୍ଥିତ ଜଗମୋହନ ମଣ୍ଡପରେ ଦାଣ୍ଡି ବୃତ୍ତରେ ରାମାୟଣ ରଚନା କରିଥିଲେ। ଏହାକୁ ଜଗମୋହନ ରାମାୟଣ କୁହାଯାଏ। ୧୬ଶ ଶତାବ୍ଦୀରେ ସନ୍ଥ ତୁଳସୀ ଦାସ ଜଗନ୍ନାଥ ମହାପ୍ରଭୁଙ୍କୁ ରାମଚନ୍ଦ୍ରଙ୍କ ଅବତାର ମନେକରି ଦର୍ଶନ କରିବାକୁ ଚାଲି ଚାଲି ପୁରୀ ଆସିଥିଲେ। ସେ ପୁରୀରେ ପହଞ୍ଚି ପାଣି ପାଦ ହୀନ ବିକୃତ ଜଗନ୍ନାଥ ରୂପକୁ ଦେଖି ତାଙ୍କ ମନରେ ବିକାର ଉଦୟ ହେଲା। ତାଙ୍କର ସନ୍ଥ ପଥ ଶ୍ରମ ବୃଥା ହେଲା ଭାବି ମନସ୍ତାପରେ ଫେରିଯାଇ ତୁଳସୀ ଚଉଁରା ଗ୍ରାମ (ପୁରୀ ନିକଟବର୍ତ୍ତୀ)ରେ ଥିବା ଗୋଟିଏ ଚଉତରା ଉପରେ ରାତ୍ରୀ ଯାପନ କଲେ। ଅଖିଆ ଅପିଆ ସେ ଦିନ ରାତି ଅଧରେ ସିଏ ଶୋଇଥିବା ଅବସ୍ଥାରେ ସ୍ୱପ୍ନରେ ଜଣେ କିଏ ଦିବ୍ୟ ଜ୍ୟୋତିର୍ମୟ ପୁରୁଷ ତାଙ୍କୁ ବେତ ବାଡ଼ିରେ କେଞ୍ଚି ଉଠାଇଲା। ତାଙ୍କ ପାଖରୁ ସବୁ ବିବରଣୀ ଶୁଣି ତୁଳସୀ ଦାସଙ୍କୁ କହିଲେ ବାବୁ! ଏହା ନୀଳାଚଳ ଧାମ। ଏଠି ଭୋକ ଓପାସରେ କେହି ରହନ୍ତି ନାହିଁ। ପ୍ରଭୁଙ୍କ ଆନନ୍ଦ ବଜାର ସବୁବେଳେ ଖୋଲା। ଜଗନ୍ନାଥ ମହାପ୍ରଭୁଙ୍କ ଦୁଆର ସାହାଣ ମେଲା। ତୁମେ ମୋ କଥା ମାନି ପୁରୀ ଫେରିଯାଅ ମହାପ୍ରସାଦ ଗଣ୍ଡିଏ ଖାଇଦେବ। ସକାଳୁ ସକାଳୁ ନୀଳାଦ୍ରି ବିବହାରୀ ନୀଳାଚଳ ନାଥଙ୍କୁ ଦର୍ଶନ କଲେ ତୁମର ମନସ୍କାମନା ପୂର୍ଣ୍ଣ ହେବ।

ତୁଳସୀ ଦାସଙ୍କ ନିଦ ଚାଉଁକିନା ଭାଙ୍ଗିଗଲା। ନିଦରୁ ଉଠି ଚାରି ଆଡ଼କୁ ଅନେଇଲେ। ପାଖରେ କାହାକୁ ଦେଖିବାକୁ ପାଇଲେ ନାହିଁ। ବିଶ୍ୱାସ ଓ ଅର୍ଦ୍ଧବିଶ୍ୱାସରେ ସେ ଭୋରୁ ଭୋରୁ ଶ୍ରୀମନ୍ଦିର ଆଡ଼େ ପାଦ ବଢ଼ାଇଲେ। ଚୁମ୍ବକ ଟାଣିଲା ପରି ପାଦ ଆଗକୁ ଚାଲିଥାଏ। ମନ୍ଦିରରେ ମଙ୍ଗଳ ଆରତୀ ଚାଲିଛି – ଘଣ୍ଟାଧ୍ୱନି, କାହାଳୀ ତୁରୀ। ତୁଳସୀ ଦାସ ଗରୁଡ଼ ଖମ୍ବ ପାଖରେ ଠିଆ ହୋଇ ରତ୍ନ ସିଂହାସନକୁ ଦୃଷ୍ଟିପାତ କଲେ। ସେ ଦେଖିଲେ ନବ ନୀରଦ ବପୁଧାରୀ ଧନୁର୍ଦ୍ଧାରୀ ରାମ ରତ୍ନ ସିଂହାସନ ଉପରେ ଠିଆ ହୋଇ ହସୁଛନ୍ତି। ତାଙ୍କ ପାଖରେ ଜାନକୀ ଓ ଅନୁଜ ଲକ୍ଷ୍ମଣ। ଭକ୍ତ ବତ୍ସଳ ଭଗବାନ ଭକ୍ତିର ଅଳି ରଖିଲେ। ଆନନ୍ଦରେ ତୁଳସୀଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ। ଭଗବାନ ଭାବଗ୍ରାହୀ। ଭକ୍ତର ଭାବ ଅନୁସାରେ ସେ ରୂପ ଧାରଣ କରନ୍ତି। ଗୀତାରେ ଭଗବାନ କହିଛନ୍ତି – ଯେ ଯଥା ଯାଂ ତାଂସ୍ତଥୈବ ଭଜାମ୍ୟହମ। ଅତଏବ ତ୍ରେତୟାର ଭଗବାନ ରାମ ଓ କଳିର ନୀଳାଦ୍ରି ବିହାରୀ ନୀଳାଚଳ ନାଥ, ନୀଳମଣି, ନୀଳମାଧବ, ଜଗନ୍ନାଥ ମହାପ୍ରଭୁଙ୍କ ଭଗବାନ ରାମ ରୂପରେ ଦର୍ଶନ କଲାପରେ ସନ୍ଥ ତୁଳସୀ ଦାସ ଏତେ ଦୂର ପ୍ରଭାବିତ ହୋଇଯାଇଥିଲେ ଯେ ସେ ପରବର୍ତ୍ତୀ କାଳରେ ଯେତେବେଳେ ରାମ ରଚିତ ମାନସ ରଚନା କଲେ, ସେତେବେଳେ ରାମଚନ୍ଦ୍ରଙ୍କ ରୂପ ବର୍ଣ୍ଣନା କରି ଲେଖିଛନ୍ତି – 'ନୀଳ ସରୋରୂହ ନୀଳମଣି ନୀଳ ନୀରଧର ଶ୍ୟାମ' ଏହିଥିରୁ ସ୍ପଷ୍ଟ ସ୍ଫୁରିତ ହୁଏ, ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କର ସ୍ୱରୂପ ନୀଳ କେନ୍ଦ୍ରିକ।

ଶିଖରପୁର ଉପରସାହି, କଟକ,

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତ୍ତା

**ସୁରେଶ କୁମାର ନାୟକ ■**

ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତ୍ତାର ପ୍ରମୁଖ ଭୂମିକା ରହିଛି। ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶ ସୁସ୍ଥ ରହିଥାନ୍ତି। ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି। ଏହାଦ୍ୱାରା ମଧ ତାଙ୍କର ମାନସିକ ସ୍ଥିତି ବ୍ୟତୀତ ବୁଦ୍ଧିମତାର ବିକାଶ ଘଟିଥାଏ। ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ। ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ। ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ। ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ। ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ।

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ କ୍ୟାରମ, ଲୁଡୁ, ଚେସ। ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ ୱ୍ୱର୍କ ସହଯୋଗ ବିଷୟରେ ଶିଖିଥାଏ। ଏପରିକି କି ଖେଳ ତାଙ୍କୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ।

ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ। ପ୍ରତିଦିନ ଅତିକମରେ ୧୫-୨୦ ମିନିଟ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତା କେତେକାଂଶରେ ବିକଶିତ ହୋଇଥାଏ। ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା ମଧ ଶିଖାଇଥାଏ। ତେବେ ପିଲାଟି ଯେପରି ଏହା ବ୍ୟତୀତ ଅନ୍ୟ କୌଣସି ଗେମ୍ସ ପ୍ରତି ଆକୃଷ୍ଟ ନହୁଏ ସେ ଦିଗକୁ ମଧ ଦେଖନ୍ତୁ।

ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ। କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ। ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ'। ଯଥାର୍ଥରେ ବାଧବାଧକତାରେ ନଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ। ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ। ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମତ୍ତାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ବଢ଼ାଉଛି।

ଦିନରେ ଅତିକମରେ ଅଧଘଣ୍ଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ। ଫଳରେ ଏଥିରୁ ସେମାନେ ଟିମୱ୍ୱର୍କ ଏବଂ ସହଯୋଗ ଶିଖିଥାଆନ୍ତି। ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ। ବିଶେଷ ଭାବରେ ଚେସ, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। ଖେଳିବା ଦ୍ୱାରା ମନରୁ ନାକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ। ଖୁସି ମନରେ ସବୁବେଳେ ଖେଳିବା ଭଲ।

ମନେରଖନ୍ତୁ ପିଲାଟିର ବୁଦ୍ଧିମତ୍ତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ ହୋଇପାରିନଥାଏ। ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେହି କେହି ବୁଝନ୍ତି ଯେ ବୁଦ୍ଧିମତ୍ତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ ତେବେ ଏହା ଆଦୌ ନୁହେଁ। ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି। ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ। ଶ୍ରେଣୀ ସାରଙ୍କ ସହଯୋଗ ନିଅନ୍ତୁ ଏବଂ କୌଣସି ପ୍ରସଙ୍ଗକୁ ହାଲକାରେ ନିଅନ୍ତୁ ନାହିଁ ଏବଂ ସବୁବେଳେ ଏକ ପ୍ରକାର ମାନସିକ ଭାବେ ମୁକ୍ତ ରୁହନ୍ତୁ। ପାଠପଢ଼ାକୁ କଦାପି ବୋଝ ବୋଲି ଭାବନ୍ତୁ ନାହିଁ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

# ଟେକ୍ ନେକ୍ ସିଣ୍ଡ୍ରୋମ

**ନାରାୟଣ ଚନ୍ଦ୍ର ବିଶ୍ୱାଳ ■**

ଆଜିକାଲି ସ୍ମାର୍ଟଫୋନ, ଟାବଲେଟ ଓ ଲାପଟପ୍ ଆମ କାର୍ଯ୍ୟ, ଶିକ୍ଷା ଓ ଯୋଗାଯୋଗ ଧାରା ବଦଳାଇ ଦେଇଛି। ତା'ସହିତ ଅଲକ୍ଷ୍ୟରେ ଆମ ଅଙ୍ଗ – ଭଙ୍ଗିମା ବି ବଦଳିଯାଇଛି। ଏ ପରିବର୍ତ୍ତନର ଅନ୍ୟତମ ସାଧାରଣ ପରିଣାମ ହେଉଛି ଟେକ୍ ନେକ୍ ସିଣ୍ଡ୍ରୋମ ନାମକ ଶାରୀରିକ ଅସୁସ୍ଥତା। ତରୁଣଙ୍କ ଠାରୁ ନେଇ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ କର୍ମଚାରୀଙ୍କ ପର୍ଯ୍ୟନ୍ତ, ବୟସ ବର୍ଗ ନିର୍ବିଶେଷରେ ଉପରୋକ୍ତ ଅସୁସ୍ଥତା ବଢ଼ିଚାଲିଛି। ବେକ ଯନ୍ତ୍ରଣା, ବେକ ଅନମନୀୟତା, ଅଙ୍ଗଭଙ୍ଗୀଗତ ପୀଡ଼ା ହେଉଛି ଏ ଅସୁସ୍ଥାଜନିତ ଲକ୍ଷଣ। ଟେକ୍ ନେକ୍ ଏତେ ଧୀରେ ଆକ୍ରାନ୍ତ କରେ ଯେ ତଜ୍ଜନିତ ପୀଡ଼ା ପୁରାତନ ନ ହେଲା ପର୍ଯ୍ୟନ୍ତ ଲୋକେ ଏହାକୁ ଉପେକ୍ଷା କରିଚାଲିଥାଆନ୍ତି।

ଏ ପୀଡ଼ା ଆକସ୍ମିକ ଆଘାତ ପରି ଅନୁଭୂତ ହୁଏନାହିଁ। ବହୁ ସମୟ ବେକ ନୁଆଁଇ ସ୍କ୍ରିନ ଆଡ଼କୁ ଚାହିଁରହିବା ଓ ଗ୍ରୀବାଞ୍ଚଳ ମେରୁହାଡ଼ ଉପରେ ଚାପ ପକାଉଥିବା ନିମ୍ନ ଉଚ୍ଚତା ବିଶିଷ୍ଟ ଆସବାବପତ୍ର ଉପରେ ନିୟମିତ ବସିବା ଫଳରେ କାଳକ୍ରମେ ଏ ଅସୁସ୍ଥତା ଆକ୍ରାନ୍ତ କରିଥାଏ। ମାତ୍ରାଧିକ ସ୍କ୍ରିନ ଟାଇମ ଯୋଗୁଁ ବୃଦ୍ଧି ପାଉଥିବା ଶାରୀରିକ ଅସୁସ୍ଥତାକୁ ଟେକ୍ ନେକ୍ ସିଣ୍ଡ୍ରୋମ କୁହାଯାଏ। ଏହା ହେଉଛି ଡିଜିଟାଲ ଉପକରଣ ବ୍ୟବହାର ସମୟରେ ସବୁବେଳେ ଆଗକୁ ବେକ ଝୁଙ୍କାଇ ରଖିବାଜନିତ ସୃଷ୍ଟି କେତେକ କୁପରିଣାମର ଉପସର୍ଗ। ଫରୱାର୍ଡ଼ ହେଡ଼ ପୋସଚର ବା ଏଫଏଚପି କୁହାଯାଉଥିବା ଏ ଶରୀର ଭଙ୍ଗିମାର ନାନା ବିଧ ପରିଣାମ ରହିଛି। ଗ୍ରୀବାଞ୍ଚଳ ମେରୁହାଡ଼ସ୍ଥିତ ଗଣ୍ଠି ଓ ଟିସ୍ୟୁତନ୍ତୁ ଉପରେ ଏଫଏଚପି ଯାନ୍ତ୍ରିକ ବଳ ପ୍ରୟୋଗ କରେ ଏବଂ ଗ୍ରୀବା ସଂଲଗ୍ନ ପିଠି ମାଂସପେଶୀ ଉପରେ ମାଧ୍ୟାକର୍ଷଣ ଆକର୍ଷଣ ବୃଦ୍ଧି କରେ। ବେଶ କିଛି ଦିନ ଅତିକ୍ରାନ୍ତ କରିଗଲେ ଏତାଦୃଶ୍ୟ ପରିବର୍ତ୍ତିତ ଶରୀର ଭଙ୍ଗିମା କେତେକ ଶାରୀରିକ ଚଳନ ହ୍ରାସ, ଗ୍ରୀବାଞ୍ଚଳ ମେରୁହାଡ଼ରେ ଥିବା କେଶରୁଜ ଗୁଡ଼ିକ ମଧ୍ୟସ୍ଥ ବ୍ୟବଧାନରେ ପରିବର୍ତ୍ତନ ଓ ଶ୍ୱାସକ୍ରିୟା ବିଭ୍ରାଟ ଇତ୍ୟାଦି ଅସୁବିଧା କରିପାରେ। ଏହାଛଡ଼ା ଏଥିଯୋଗୁଁ ଟେମ୍ପୋରୋମ୍ୟାଣ୍ଡିବୁଲାର ଜଏଣ୍ଟ ଡାଇଫଙ୍କସନ, ସରଳ ଭାଷାରେ କହିଲେ ହନୁହାଡ଼, କର୍ଣ୍ଣ ଓ କପାଳର ଦୁଇପାଖରେ ପୀଡ଼ା ଏବଂ କାର୍ପାଲ ଟନେଲ ସିଣ୍ଡ୍ରୋମ ବା ସ୍ନାୟୁ ଚାପି ହେବା ଜନିତ ହାତ ଓ ଆଙ୍ଗୁଳି ବ୍ୟଥା ଆଦି ଅସୁଖ ହୋଇଥାଏ।

ସଳଖ ଅବସ୍ଥାରେ ମନୁଷ୍ୟ ମୁଣ୍ଡର ଓଜନ ପ୍ରାୟ ଚାରିରୁ ପାଞ୍ଚ କିଲୋଗ୍ରାମ ହୋଇଥାଏ। ମୁଣ୍ଡ ୪୫ରୁ ୬୦ ଡିଗ୍ରୀ ପର୍ଯ୍ୟନ୍ତ ଢ଼ଳି ରହିଲେ ତଜ୍ଜନିତ କୁପ୍ରଭାବ ଗ୍ରୀବା ଓ ମେରୁଦଣ୍ଡୀୟ ସ୍ନାୟୁ ଉପରେ ଅତି ପ୍ରବଳ ହୋଇଯାଏ। ଅର୍ଥାତ୍ ଦୀର୍ଘ ସମୟ ଫୋନରେ ସ୍କ୍ରୋଲ କରିବା ହାନିକାରକ ବୋଲି ପ୍ରତୀୟମାନ ହେଉ ନଥିବା କାର୍ଯ୍ୟ ମେରୁଦଣ୍ଡ ଉପରେ ଚାପ ବୃଦ୍ଧି କରିଥାଏ।

ବେକ ଥାଉ ଥାଉ ଏଥିପ୍ରତି ଧ୍ୟାନ ନ ଦେଲେ ଅର୍ଦ୍ଧକପାଳି, ମୁଖମଣ୍ଡଳ ପୀଡ଼ା ଓ ସମଗ୍ର ହାତରେ ବ୍ୟଥା ଅନୁଭୂତ ହୋଇଥାଏ। ତେବେ କେତେକ କଥା ପ୍ରତି ଧ୍ୟାନ ଦେଲେ ଟେକ୍ ନେକ୍ ରୋଗର ପ୍ରତିରୋଧ କରାଯାଇ ପାରିବ। ଆଖି ସହିତ ସମାନ୍ତରାଳ କରି ସ୍କ୍ରିନ ରଖିବା, ପିଠି ସଳଖ କରି ବସିବା ଏବଂ କାନ୍ଧ ଓ ମଥା ଆଗକୁ ନ ଝୁଙ୍କାଇବା ଦ୍ୱାରା ବେକ ଉପରେ ପଡୁଥିବା ଚାପ ବହୁମାତ୍ରାରେ ହ୍ରାସ ପାଇବ। ପୁଣି ପ୍ରତି ୨୦ ମିନିଟ ଅନ୍ତରରେ ୨୦ ସେକେଣ୍ଡ ଧରି ୨୦ ଫୁଟ ଦୂରକୁ ଚାହିଁବା ଦ୍ୱାରା ମାଂସପେଶୀଜନିତ ଉତ୍ତେଜନାରୁ ଆଶ୍ୱସ୍ତି ମିଳିବ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ଦୂରଭାଷ : ୯୪୩୮୨୭୬୭୬୦

# ଲିଭର ଓ ଫାଇବ୍ରୋସ୍କାନ୍

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ■**

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଫାଇବ୍ରୋ ସ୍କାନ ସମ୍ପର୍କରେ ଅନେକ ଜାଣି ନଥାନ୍ତି। ଲିଭରର ସ୍ଥିତି, ଏହାର ନିରାପଦତା ଓ କେତେ ଦୂର ଏହା କର୍ମକ୍ଷମ, କୌଣସି କ୍ଷତି ହୋଇଛି କି? ଲିଭରରେ ଯଦି କୌଣସି କ୍ଷତି ହୋଇଛି ତେବେ ତାହା କେତେ ପରିମାଣର? ଏହି ପରୀକ୍ଷା ଜଣାପଡ଼ିଥାଏ ଫାଇବ୍ରୋସ୍କାନ ପରୀକ୍ଷାରୁ। ଆଜିକାଲି ଅନେକ ଲୋକ ଏହାକୁ ଅଣଦେଖା କରିବାରୁ ପ୍ରାଥମିକ ଭାବେ ଲିଭର ଖରାପ ହେଉଛି ପରବର୍ତ୍ତୀ ସମୟରେ ଲିଭର ସିରୋସିସ ଏବଂ ସ୍ଥଳବିଶେଷରେ ଲିଭର ନଷ୍ଟ ହୋଇଯାଉଛି। ସେତେବେଳକୁ ଜଣକ ପାଖରେ ଆଉ କୌଣସି ସାଧନ ମଧ ନଥାଏ। ଲିଭର ବା ଯକୃତ (କଳିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟଭିତରର ମଧ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ବ ୨୦ସେ.ମି. ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ।

ଶରୀରରେ ହେମୋଗ୍ଲୋବିନ ଯକୃତରେ କିପରି ତିଆରି ହୁଏ? ଓ ଯକୃତର କାର୍ଯ୍ୟ ଦକ୍ଷତା କିପରି କ୍ଷତିଗ୍ରସ୍ତ ହୁଏ ଓ କମାଇ ଦିଏ?

ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଯକୃତ ବା କଳିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ।

ଲିଭରରେ ତନ୍ତୁ କିପରି ସୃଷ୍ଟି ହୁଏ? ଲିଭର ସିରୋସିସ କ'ଣ?

ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଳିଜାର କଠିନତା ସମ୍ବନ୍ଧରେ ମାପିହୁଏ।

ଫାଇବ୍ରୋସ୍କାନ ପରୀକ୍ଷା କିପରି ହୁଏ ଓ ଏହା ସମସ୍ତେ କରିପାରିବେ କି?

କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ। ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି।

ଓଡ଼ିଶାରେ ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଲିଭର ସମ୍ବନ୍ଧୀୟ ଏହି ଫାଇବ୍ରୋସ୍କାନ ପରୀକ୍ଷା ବ୍ୟବସ୍ଥା କେଉଁଠି ହେଉଛି?

ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ଡାକ୍ତରଖାନାରେ ଏହି ବ୍ୟୟବହୁଳ ପରୀକ୍ଷାର ବ୍ୟବସ୍ଥା ନାହିଁ। ଓଡ଼ିଶାରେ ଯେଉଁ ଦୁଇ ତିନୋଟି ପ୍ରାଇଭେଟ ଡାକ୍ତରଖାନାରେ ଏହାର ପରୀକ୍ଷା ହେଉଛି ସେଠାରେ ଏହାର ମୂଲ୍ୟ ସର୍ବନିମ୍ନ ପାଞ୍ଚ ହଜାରରୁ ଆରମ୍ଭ ହେଉଛି। ଆପଣ ଇଚ୍ଛା କଲେ ମୁଁ ଏକ ସ୍ୱତନ୍ତ୍ର କ୍ୟାମ୍ପ କରି ଆପଣଙ୍କ ଭୁବନେଶ୍ୱରସ୍ଥିତ ସମ୍ବାଦ ଅଫିସରେ ବିନା ମୂଲ୍ୟରେ ଏହାର ପରୀକ୍ଷା ଓ ପରାମର୍ଶ ବ୍ୟବସ୍ଥା କରିପାରିବି। ବର୍ତ୍ତମାନ ସମୟରେ ବିଶେଷକରି ବର୍ଷାଦିନେ ଏହି ପରୀକ୍ଷାଟି ଅତି ଜରୁରୀ। ଜଣେ ଖାଲିପେଟରେ ରୁହନ୍ତୁ କିମ୍ବା ନିରାମିଷ ଖାଦ୍ୟ ଖାଆନ୍ତୁ କୌଣସି ମାଦକ ଦ୍ରବ୍ୟ ସେବନ କରନ୍ତୁ ବା ଆଲକହଲ ଗ୍ରହଣ କରନ୍ତୁ, ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ପରୀକ୍ଷାଟି ଜଣେ ନିଶ୍ଚିନ୍ତ ଭାବେ କରିବା କଥା।

ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ବଢୁଛି କଳା ବଜାର, ଚଢ଼ା ଦରରେ ବିକ୍ରି ହେଉଛି ଗ୍ୟାସ

କାକଟପୁର/ଅସ୍ତରଙ୍ଗ, ୮।୪ (ସ୍ୱାଧିକାର ନ୍ୟୁଜ୍): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସୃଷ୍ଟି ହୋଇଥିବା ଏଲପିଜି ସଙ୍କଟ ପରେ ବ୍ୟବସାୟ କ୍ଷେତ୍ରରେ ଏହାର ଗୁରୁତର ପ୍ରଭାବ ପଡିଛି। ବିଶେଷ କରି ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ଗ୍ରାମାଞ୍ଚଳରେ ଟିଫିନ ସେଣ୍ଟର, ଫାଷ୍ଟଫୁଡଠାରୁ ଆରମ୍ଭ କରି ଉଠା ଦୋକାନୀଙ୍କ ଉପରେ ଏହାର ସିଧା ସଳଖ ପ୍ରଭାବ ପଡିଛି। ଦୋକାନୀ ମାନେ ଏଲପିଜି ସଙ୍କଟର ସମ୍ମୁଖୀନ ହୋଇ ସ୍ଥିତି ଦୋହଲି ଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ଅନେକ ଦୋକାନ ବନ୍ଦ ହୋଇଗଲାଣି। ଏପରି ସ୍ଥିତିରେ କିଛି ବ୍ୟବସାୟୀ କଳା ବଜାରୀ ରେ ବଡ଼ ଗ୍ୟାସ କିଣି ଦୋକାନ ଚଳାଉଛନ୍ତି। ଫଳରେ ମାର୍କେଟ ରେ ଗ୍ୟାସ କଳା ବଜାରୀ ବଢୁଥିବା ବେଳେ ଅଧିକ ଦାମ୍ ରେ ଗ୍ୟାସ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅପର ପକ୍ଷେ ବେଆଇନି କଳା ବଜାରୀ ରୋକିବା ଏବଂ ପ୍ରକୃତ ଉପଭୋକ୍ତାଙ୍କୁ ଯୋଗାଣ ସୁନିଶ୍ଚିତ କରିବା ପାଇଁ ୫କିଲୋଗ୍ରାମ ଏଲପିଜି ସିଲିଣ୍ଡରର ଖୋଲା ବଜାର ବିକ୍ରୟକୁ ନିଷିଦ୍ଧ କରିଛନ୍ତି ସରକାର। କେବଳ ଅଧିକୃତ ବିତରକମାନେ



ଏବେ ବି ଗ୍ରାହକ ମାନେ ସେଗୁଡ଼ିକୁ କିଣିବା ପାଇଁ ବାଧ୍ୟତାମୂଳକ ଇ -କେୱାଇସି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସରକାରଙ୍କ ଏହି ନିୟମ ପରେ ଗ୍ରାମାଞ୍ଚଳରେ ଥିବା ଘରୋଇ ସ୍କୁଲଗୁଡ଼ିକ ମେସରେ ରହୁଥିବା ଛାତ୍ର, ଛାତ୍ରୀ ମାନେ ଚିନ୍ତାରେ ପଡିଛନ୍ତି। ଏଥି ସହିତ ଗ୍ରାମାଞ୍ଚଳ ରହୁଥିବା ଗରିବ ଶ୍ରେଣୀ ଲୋକମାନେ ପରିବାର ପ୍ରତିପୋଷଣ ପାଇଁ ଉଠା ଦୋକାନ ପକାଇ ପରିବାର ପ୍ରତିପୋଷଣ କରୁଥିଲେ ସେମାନେ ସଙ୍କଟ ରେ ପଡ଼ିଥିବା ବେଳେ ଜୀବନ ଜୀବିକା ନେଇ ଆଶଙ୍କାରେ ପଡିଛନ୍ତି। ତେବେ ଫାଷ୍ଟଫୁଡ ଏବଂ ଜଳଖିଆ ପ୍ରସ୍ତୁତି ପାଇଁ ସମସ୍ତେ ଗ୍ୟାସ ଉପରେ ନିର୍ଭର କରୁଥିବା ବେଳେ ଏବେ ଏଲପିଜି ସଙ୍କଟ ପରେ ଏମାନଙ୍କ ଦୋକାନରେ ଚୁଲା ଜଳିବା ଏକ ପ୍ରକାର ବନ୍ଦ ହୋଇଯାଇଛି। ଗ୍ରାମାଞ୍ଚଳ ଥିବା ଉଠା ଦୋକାନୀ ଙ୍କ ଗ୍ୟାସ ସମସ୍ୟା ଚିନ୍ତାର କାରଣ ହୋଇଛି। କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଆଲସାହି, ପୋଟଳ ଛକ, କଣମଣ ଛକ, ନଈଗୁଆଁ, ତାଳଦା, ଶିଶୁଆ, ସରିପୁର ଆଦି ଅଂଚଳରେ ଗ୍ୟାସ ସଜାଡ଼ିବା ଦୋକାନ ସହ ଅନ୍ୟାନ୍ୟ ଦୋକାନ କରି ସେଥିରେ ଗ୍ୟାସ ବିକୁଥିବା ବେଳେ କଳା ବଜାରୀ ବଢ଼ିବା ସହ ଗ୍ୟାସ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଅସ୍ତରଙ୍ଗ ଥାନା ଓ ନୂଆଗଡ ସାମୁଦ୍ରିକ ଥାନା ପୁଲିସ ଏ ପର୍ଯ୍ୟନ୍ତ ଧରପଗଡ ଆରମ୍ଭ କରିନାହିଁ। ଆଗାମୀ ଦିନରେ ଗ୍ୟାସ ଯୋଗାଣ ସ୍ୱାଭାବିକ ନ ହେଲେ ଅନେକ ଦୋକାନ ରେ ତାଲା ପଡିବ ବୋଲି ବ୍ୟବସାୟୀ ବାସ୍ତବ ସ୍ୱାଇଁ କହିଛନ୍ତି।

# ଛାତ୍ରଙ୍କୁ ନିର୍ଦ୍ଧୁମ ଛେଚିଲେ ପ୍ରଧାନ ଶିକ୍ଷକ

କୋଣାର୍କ, ୮।୪ (ସ୍ୱାଧିକାର ନ୍ୟୁଜ୍): କୋଣାର୍କ ଥାନା ଅନ୍ତର୍ଗତ ବାଲିଦୋକାନ ନିକଟସ୍ଥ ଜମରା ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ୫ମ ଶ୍ରେଣୀ ଛାତ୍ରଙ୍କୁ ଅଫିସକୁ ଡାକି ନିର୍ଦ୍ଧୁମ ଛେଚିଲେ ପ୍ରଧାନଶିକ୍ଷକ । ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ ଆଣିଲେ ଅଭିଭାବକ।



ସୂଚନା ଅନୁଯାୟୀ ମଙ୍ଗଳବାର ଦୁଇ ଛାତ୍ର ସ୍କୁଲକୁ ପାଠ ଖାତା ନେବାକୁ ଭୁଲି ଯାଇଥିଲେ। ଏଥିରେ ରାଗିଯାଇ ପ୍ରଧାନଶିକ୍ଷକ ବିପିନ୍ ବିହାରୀ ନନ୍ଦୀ ଦୁଇ ଜଣ ୫ମ ଶ୍ରେଣୀ ଛାତ୍ରଙ୍କୁ ନିଜ ଅଫିସକୁ ଡାକି ନିର୍ଦ୍ଧୁମ ଛେଚିଥିଲେ । ମୁଣ୍ଡ ଓ ବେକକୁ ନୁଆଁଇ ପିଠି ଓ ଅଣ୍ଟା କୁ ବିଧା ମାରିଥିଲେ। ଘରକୁ ଯାଇ ଦେହ ଖରାପ ଓ ବିନ୍ଧା ହେଉଛି କହି ଜଣେ ଛାତ୍ର ଖାଇବା ପିଇବା କରି ନଥିଲା। ପଚାରି ବୁଝିବାରୁ ସେ ତାଙ୍କ ପିତା ମାତାଙ୍କୁ ସବୁ ଖୋଲି କହିଥିଲା। ଛାତ୍ରଙ୍କ ପିତା ରାକେଶ ରଞ୍ଜନ ବିଶ୍ୱାଳ ଓ ଅଭିଭାବକ ତଥା ଜେଜେ ଉପମନ୍ୟୁ ବିଶ୍ୱାଳ ତାଙ୍କୁ ମେଡ଼ିକାଲ ନେଇ ଚିକିତ୍ସା କରିବା ପରେ ଲିଖିତ ଭାବେ ଓ ସୋସିଆଲ ମିଡ଼ିଆ ଦ୍ୱାରା ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ଜଣାଇ ଥିଲେ। ଘଟଣାର ଖବର ପାଇ ଶିକ୍ଷା ଅଧିକାରୀ ସିଆରସିସି ଙ୍କ ଜରିଆରେ ପ୍ରାଥମିକ ତଦନ୍ତ କରି ଛାତ୍ରଙ୍କ ବୟାନ ନେଇଛନ୍ତି। ଏହି ବିଦ୍ୟାଳୟରେ ୫ ବର୍ଷରୁ ଉର୍ଦ୍ଧ୍ୱ ଧରି ଥିବା ଉକ୍ତ ପ୍ରଧାନ ଶିକ୍ଷକ ଜଣଙ୍କ ପୂର୍ବରୁ ଅନେକ ଅନିୟମିତତା କରିଥିବା ଅଭିଯୋଗ ହୋଇ ଆସୁଥିଲା। ବିଦ୍ୟାଳୟକୁ ଠିକ୍ ସମୟରେ ନଆସିବା, ମଧ୍ୟାହ୍ନ ଭୋଜନରେ ନିମ୍ନ ମାନର ଖାଦ୍ୟ ଯୋଗାଣ , ରୋଷେୟା କୁ ଦୁର୍ବ୍ୟବହାର, ସବୁଜ ବାହିନି ଅର୍ଥ ହଡପ ଆଦି କରିଥିବା ମଧ୍ୟ ଅଭିଯୋଗ ହେଇଛି। ଏଣୁ ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ବହିଷ୍କାର କରିବା ପାଇଁ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ନଚେତ୍ ପିଲାଙ୍କୁ ସ୍କୁଲ ପଠାଇବେ ନାହିଁ ବୋଲି କହିଛନ୍ତି। ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ, ବିଡ଼ିଓ ଓ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ଅଭିଯୋଗ କରାଯାଇଛି।

# ଧାମନଗର ନଗର ବିଜେପିର ପ୍ରଶିକ୍ଷଣ ବର୍ଗ

ଧାମନଗର, ୮।୪ (ସ୍ୱାଧିକାର ନ୍ୟୁଜ୍): ନଗର ମଣ୍ଡଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଧବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ବର୍ଗ ଅନୁଷ୍ଠିତ




ହୋଇଯାଇଛି। ଧାମନଗର ନଗର ସଂସଦ ପ୍ରତିନିଧି ସରୋଜ ମହାପାତ୍ରଙ୍କ ପୌରହିତ୍ୟରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ଯୋଗଦେଇ ପାର୍ଟିର ଲକ୍ଷ୍ୟ ଆଦର୍ଶ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କାର୍ଯ୍ୟକର୍ତ୍ତା ନିର୍ମାଣ, ବୁଥ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ତପନ ମହାନ୍ତି,ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକ, ରାମଚନ୍ଦ୍ର ମିଶ୍ର, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ମିଡ଼ିଆ ସେଲ ଜିଲ୍ଲା ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଆଇନଜୀବୀ ରଣଜିତ ମହାନ୍ତି ବର୍ଗରେ ଅତିଥି ବକ୍ତା ରୂପେ ଯୋଗଦେଇ ବିଭିନ୍ନ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଗୋଲାମ ଜିଲାନି ହବିବି, ବିଜୟ ରାମ, ନାରାୟଣ ରାଉତ, କୃଷ୍ଣଚନ୍ଦ୍ର ଜେନା, ଜଗଦୀଶ ପାତ୍ର, ଶୁଭେନ୍ଦୁ ପାତ୍ର,ପ୍ରଣୟ ମହାନ୍ତି, ସୌମ୍ୟ ସାହୁ, ଉତ୍ତମ ମହାନ୍ତି, ଧରଣୀଧର କର, ଶେଷଦେବ କର, କବିତା ରାୟ,ଅନୁସୂୟା ମଲ୍ଲିକ, ମାନସୀ ବେହୁରିଆ, ଶାନ୍ତିଲତା ସେଠୀ ପ୍ରମୁଖଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ। ନଗର ମଣ୍ଡଳ ବିଜେପି ସଭାପତି ପ୍ରଶାନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଫସଲ ବିବିଧି କରଣ ଯୋଜନା ଉପରେ ଆଲୋଚନା

ଯାଜପୁର ରୋଡ, ୮।୪ (ସ୍ୱାଧିକାର ନ୍ୟୁଜ୍): ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଯାଜପୁର ରୋଡ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଚାଷୀ ଓ କ୍ରେତାମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନା ପାଇଁ ଏଏଫସି ଇଣ୍ଡିଆ ଲିମିଟେଡ଼ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୃହତ ଜଳସେଚନ ପକଳ୍ପ ଅଞ୍ଚଳରେ ଚାଷୀ ମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଓ ଉତ୍ପାଦ ଜିନିଷ ଗୁଡିକର ବିକ୍ରି ବ୍ୟବସ୍ଥା ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଅତିଥି ଭାବେ ଏଏଫସିର ରାଜ୍ୟ ସମନୋୟ ଅଧିକାରୀ ବିଭୁଦତ ପାଇକରାୟ, କୃଷି ବିଭାଗର ଅବସରପ୍ରାପ୍ତ ଡାଇରେକଟର ସରୋଜକାନ୍ତ ଦାସ, ଜିଲ୍ଲା କୃଷି ବିଭାଗର ମୁଖ୍ୟ ଭବାନୀ ଶଙ୍କର ମିଶ୍ର, ଏଡିଓ ଯାଜପୁର ପିୟୁଷ ପଲବ ପରିଡା, କୋରେଇ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଅମ୍ଳାନ କର, ଯୋଜନା କୃଷି ଅଧିକାରୀ ଜୋତିରଞ୍ଜନ ଦାସ,ଧର୍ମଶାଳା ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ସୁଭଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ଚାଷୀ ମାନଙ୍କୁ ଚାଷର ପ୍ରଣାଳୀ ଓ ବୃହତ ଉଠା ଜଳସେଚନର ମୁଖ୍ୟ ଉତ୍ସ ଓ ଚାଷୀ ମାନଙ୍କ ର ରହିଥିବା ମୁଖ୍ୟ ସମସ୍ୟା ଓ



ଫସଲ ବିବିଧି କରଣ ଯୋଜନା ଉପରେ ପରାମର୍ଶ ଦେଇଥିଲେ। ଏଥି ସହିତ ଚାଷୀମାନଙ୍କର ରହିଥିବା ମୌଳିକ ସମସ୍ୟାଗୁଡିକ କିପରି ସମାଧାନ ହୋଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ଏଏଫସିର ମୁଖ୍ୟ ସଂଯୋଯୋଗ ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ଏଏସସିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବ୍ଲକରୁ ଅନେକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଆବେଦନ

ଢେଙ୍କାନାଳ,୮।୪ (ସ୍ୱାଧିକାର ନ୍ୟୁଜ୍): ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ କାଙ୍କଡପାଳ ଗ୍ରାମପଂଚାୟତର କୁଶୁପଦା ଗ୍ରାମର ବହୁ ଅଧିବାସୀମାନେ ସର୍ବସାଧାରଣ ସରକାରୀ ଜମିର ଜବରଦଖଲ ଉଚ୍ଛେଦ ନିମନ୍ତେ ଜିଲ୍ଲାପାଳଙ୍କ ପାଖରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, କୁଶୁପଦା ପ୍ରାଥମିକ ବିଦ୍ୟାଳୟକୁ ଲାଗି ଖାତା ନଂ-୯୧, ପ୍ଲଟ୍ ନଂ-୭୫ଟି ସରକାରୀ ଜମି ରହିଅଛି। ଉକ୍ତ ପ୍ଲଟ୍ ଦେଇ କୁଶୁପଦା ଆଦିବାସୀ ସାହିକୁ ଏକ ରାସ୍ତା ଯିବାସହ ଅବଶିଷ୍ଟ ଜମିକୁ ଗ୍ରାମ ଶ୍ମଶାନ ରୂପେ ଦୀର୍ଘବର୍ଷ



ହେବ ବ୍ୟବହାର କରିଆସୁଅଛନ୍ତି। ଏଥିସହ ଗ୍ରାମର ସମସ୍ତ ଗାଈଗୋରୁଙ୍କ ଚରାଭୂଇଁ ଭାବେ ବ୍ୟବହୃତ ହେଉଅଛି। କିନ୍ତୁ ବଡ ଦୁଃଖର ବିଷୟ ସେହି ଗ୍ରାମର ହୃଷି ନାଏକଙ୍କ ପୁତ୍ର ବସନ୍ତ ନାଏକଙ୍କ ସହାୟତାରେ ଢେଙ୍କାନାଳ ଟାଉନ୍‌ର ଜନୈକ ବ୍ୟକ୍ତି ଉକ୍ତ ସରକାରୀ ଜମିକୁ ବଳପୂର୍ବକ ତାରବାଡ ଦେଇ ସେଠାରେ ବେଆଇନ୍ ଭାବେ ଏକ ଘର ନିର୍ମାଣ କରିଛନ୍ତି। ଏହି ବିଷୟରେ ଗ୍ରାମବାସୀମାନେ ଗତ ୨୦୨୫ ମସିହା ଡିସେମ୍ବର ମାସ ୧ ତାରିଖରେ ଏକ ଅଭିଯୋଗ ପତ୍ର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଏହାକୁ ତଦନ୍ତ ପାଇଁ ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ସେହି ଆଧାରରେ କାଙ୍କଡପାଳ ରାଜସ୍ୱ ନିରୀକ୍ଷକ ସର୍‌ଜମିନ୍ ତଦନ୍ତ କରିବାକୁ ଯାଇଥିଲେ ମଧ୍ୟ ଅଦ୍ୟାବଧି ଜବର ଦଖଲ ଉଚ୍ଛେଦ ହେଲା ନାହିଁ। ତେଣୁ ପୁନର୍ବାର ଗ୍ରାମର ଶତାଧିକ ଗ୍ରାମବାସୀ ଉକ୍ତ ସରକାରୀ ଜମିକୁ ଉଚ୍ଛେଦ କରାଯିବା ପାଇଁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା (ରାଜସ୍ୱ)ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବୀପତ୍ର ପ୍ରଦାନ ସମୟରେ ଗ୍ରାମର ବିଭୁତି ଭୂଷଣ ବେହେରା, ବାବୁଲି ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ସାହୁ, ଧର୍ମାନନ୍ଦ ବିଶ୍ୱାଳ, ଶିଶିର ବେହେରା ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସତ ଲୁଚାଇବାକୁ ଖଣି ନିଗମର ପ୍ରୟାସ

ସୁକିନ୍ଦା, ୮।୪ (ସ୍ୱାଧିକାର ନ୍ୟୁଜ୍): ସୁକିନ୍ଦା କ୍ରୋମ ଜୋନ ଅନ୍ତର୍ଗତ କାଳିଆପାଣି ଖଣିରେ କ୍ରୋମ ଉତ୍ତୋଳନ କରୁଥିବା ଓଡ଼ିଶା ଖଣି ନିଗମ ନିଜର ଅପକର୍ମ ଲୁଚାଇବାକୁ ହୀନ ପ୍ରୟାସ କରୁଥିବାର ଜଣାପଡ଼ିଛି। ଖଣିରୁ ବାହାରୁ ଥିବା କ୍ରୋମ ମିଶା ପାଣିକୁ ବିନା ଟ୍ରିଟମେଣ୍ଟରେ ଖଣି ଅଞ୍ଚଳର ଜୀବନ ରେଖା ପାଲଟି ଥିବା ଡମଶାଳ ନାଳରେ ଛାଡ଼ି ଦେଉଛି। ଏହି କ୍ରୋମ ଯୁକ୍ତ ପାଣିକୁ ବ୍ୟବହାର କରି ଖଣି ଅଞ୍ଚଳର ଅଧିବାସୀମାନେ ବ୍ୟବହାର କରି ଉତ୍କଟ ଚର୍ମ ରୋଗ, ମାରାତ୍ମକ କର୍କଟ ଓ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। କ୍ରୋମ ଜୋନରେ ବର୍ଷ ବର୍ଷ ଧରି କ୍ରୋମ ଉତ୍ତୋଳନ କରି ହଜାର ହଜାର କୋଟି ଟଙ୍କା ରୋଜଗାର କରୁଥିବା ଖଣି ମାଲିକମାନେ ଏ ଅଞ୍ଚଳରେ ଉନ୍ନତ ମାନର ଡାକ୍ତରଖାନା କରି ନ ଥିବା ବେଳେ ଅଞ୍ଚଳବାସୀଙ୍କ ମରଣ ମୁହଁକୁ ଠେଲି ଦେଉଛନ୍ତି। ନିଜର ବେନିୟମ କାମକୁ ଲୁଚାଇବାକୁ ଯାଇ ଓଡ଼ିଶା ଖଣି ନିଗମ ଗତ ମାର୍ଚ୍ଚ ୨ ତାରିଖରେ ଏକ ଚିଠି ଦ୍ୱାରା ଖଣି ଭିତରକୁ ମୋବାଇଲ ଫୋନ ନେବାକୁ ନିଷେଧ କରିଛି। ଖଣି ନିଗମର ଏଭଳି କର୍ମଚାରୀ ଓ ଜନତା ବିରୋଧୀ କାମକୁ ବନ୍ଦ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟଥା ସ୍ଥାନୀୟ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ।

## ବୁଲିଲା ଶିକ୍ଷା ସଚେତନତା ରଥ

ମୟୂରଭଞ୍ଜ, ୮।୪(ସ୍ୱାଧିକାର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ମୋରଣ୍ଡା ଓ ବଡ଼ଦୁହୁ ଅଞ୍ଚଳର ସମସ୍ତ ବିଦ୍ୟାଳୟ ମାନଙ୍କରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳିତ ହେବା ସହ ଶିକ୍ଷା ସଚେତନତା ରଥ ପରିକ୍ରମା କରି ବେତାର ମାଧ୍ୟମରେ ସଚେତନ କରିଛି। ପ୍ରତି ବିଦ୍ୟାଳୟରେ ଶିକ୍ଷା ରଥକୁ ସମଧୁର ସଙ୍ଗୀତରେ,ଆଦିବାସୀ ନାଚ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ପ୍ରାଥମିକ ଶିକ୍ଷାରୁ କେହି ଯେପରି ବଞ୍ଚିତ ନହୁଅନ୍ତି ଏନେଇ ଶିକ୍ଷା ରଥ ପ୍ରଚାର କରୁଛି। ଆଗାମୀ ଦିନରେ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ଗଢ଼ି ଉଠିବ ଏକ ପ୍ରକାର ପ୍ରୟାସ ଜାରି ରହିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ବେଶ ଖୁସି ଥିବା ଦେଖିବାକୁ ମିଳିଥିଲା । ସିଆରସିସି ହେମାନନ୍ଦ ମହାନ୍ତ, ଗିରିଧାରି ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।

## ଭିନ୍ନକ୍ଷମଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ମେଳା



ନିମାପଡ଼ା, ୮।୪ (ସ୍ୱାଧିକାର ନ୍ୟୁଜ୍): ନିମାପଡ଼ା ବ୍ଲକ ଅଧିନ ଚଅଁରପଦା ନିକଟସ୍ଥ ପତିତପାବନ ସେବାସଂଘ ପକ୍ଷରୁ ପାରମ୍ପରିକ ଖାଦ୍ୟ ମେଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପତିତପାବନ ସେବା ସଂଘର ସମ୍ପାଦକ ଜଗତ ପ୍ରସାଦ ସାବୁତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେପିର ମୁଖପାତ୍ର ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ପୂର୍ବତନ ନଗର ସଭାପତି ଜିବନାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ପ୍ରଧ୍ୟାପକ କୃଷ୍ଣ ଚନ୍ଦ୍ର ସାବତ, ଭଗବାନ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଭିନ୍ନକ୍ଷମ ପିଲାମାନଙ୍କ ଦ୍ୱାରା ନିଆରା ଢଙ୍ଗରେ ଆୟୋଜିତ ହୋଇଥିବା ଖାଦ୍ୟ ମେଳା ବୁଲି ଦେଖିବା ସହିତ ପାରମ୍ପରିକ ଖାଦ୍ୟର ମଜା ନେଇଥିଲେ। ପତିତପାବନ ସେବା ସଂଘର ଭିନ୍ନକ୍ଷମ ପିଲାଙ୍କ ଦ୍ୱାରା ଚାଳ ଛପର ଘରେ ପ୍ରସ୍ତୁତ ହୋଉଥିବା ପାରମ୍ପରିକ ଓଡ଼ିଆ ଖାଦ୍ୟ ଓ ବିଭିନ୍ନ ପ୍ରକାର ପିଠା, କଖାରୁ ଫୁଲ ପୀଠଉ, ଦହିପାଖଳା ସହିତ ବିଭିନ୍ନ ଓଡ଼ିଆ ଖାଦ୍ୟର ଆୟୋଜନ କରାଯାଇଥିଲା। ସମସ୍ତ ଖାଦ୍ୟ ଷ୍ଟଲ ଅତିଥିମାନେ ବୁଲିବା ସହିତ ପାରମ୍ପରିକ ଖାଦ୍ୟର ମଜା ନେଇ ପତିତପାବନ ସେବା ସଂଘର ଭିନ୍ନକ୍ଷମ ପିଲାଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂଶା କରିଥିଲେ।

# ପାରାଦୀପ ବନ୍ଦର ପ୍ରାଧିକରଣରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ




ପାରାଦୀପ, ୮।୪ (ସ୍ୱାଧିକାର ନ୍ୟୁଜ୍): ପାରାଦୀପ ବନ୍ଦର ପ୍ରାଧିକରଣ ଅଧୀନରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ୬ଷ୍ଠ ଆନ୍ତଃ-ବିଭାଗ ଏବଂ ୫ମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ.କେ. ଘୋଷ ଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜନସମାଗମକୁ ସମ୍ବୋଧନ କରି ମୁଖ୍ୟ ଅତିଥି ଦଳୀୟ ସମନ୍ୱୟ, ଏକତା ଓ କ୍ରୀଡା ମନୋଭାବର ଗୁରୁତ୍ୱକୁ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏପରି ଟୁର୍ଣ୍ଣାମେଣ୍ଟ କେବଳ ଖେଳ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ କର୍ମଚାରୀମାନଙ୍କ ମଧ୍ୟରେ ବିଶ୍ୱାସ, ସମନ୍ୱୟ ଓ ସୁଦୃଢ଼ ପେଶାଗତ ସମ୍ପର୍କ ଗଢ଼ି ତୋଳିବାରେ ସାହାଯ୍ୟ କରେ। ସେ ସମସ୍ତ ଖେଳାଳିଙ୍କୁ ନ୍ୟାୟସଙ୍ଗତ ଖେଳ, ସୁରକ୍ଷା ଓ ଖେଳର ଉତ୍ସାହ କୁ ଅତୁଟ ରଖିବାକୁ ଆହ୍ୱାନ ଦେଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟ ରେ ବନ୍ଦର ପ୍ରଶାସନ, ଅର୍ଥ, ଇଞ୍ଜିନିୟରିଂ, ଚିକିତ୍ସା, ବିଦ୍ୟୁତ, ଟ୍ରାଫିକ ଏବଂ ମେରାଇନ ବିଭାଗ ସହିତ ବିଭିନ୍ନ ବିଭାଗର ଟିମ୍‌ମାନେ ଉତ୍ସାହପୂର୍ଣ୍ଣ ଭାବେ ଅଂଶଗ୍ରହଣ କରୁଛନ୍ତି। ସେହିପରି କର୍ପୋରେଟ ଟୁର୍ଣ୍ଣାମେଣ୍ଟରେ ଆଇଓସିଏଲ, ଇଫକୋ, ଆଦାନି ୱିଲମାର, ଇଣ୍ଡିଆନ୍ କୋଷ୍ଟ ଗାର୍ଡ, ପାରାଦୀପ ପୋଲିସ, ରେଲୱେ (ପାରାଦୀପ) ଓ ଅନ୍ୟାନ୍ୟ ପ୍ରମୁଖ ସଂସ୍ଥାମାନେ ଅଂଶଗ୍ରହଣ କରୁଛନ୍ତି। ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ୍ ଗୁଡ଼ିକ ସନ୍ଧ୍ୟାବେଳେ ଫ୍ଲଡଲାଇଟ୍ ତଳେ ଆୟୋଜିତ ହେଉଛି, ଯାହା ଖେଳାଳି ଓ ଦର୍ଶକମାନଙ୍କ ପାଇଁ ଆକର୍ଷଣୀୟ ପରିବେଶ ସୃଷ୍ଟି କରିବ। ତେବେ ବନ୍ଦର ଆନ୍ତଃ-ବିଭାଗ ଟୁର୍ଣ୍ଣାମେଣ୍ଟ ଚଳିତ ଅପ୍ରେଲ ୧୩ ତାରିଖରେ ସମାପ୍ତ ହେଉଥିବା ବେଳେ କର୍ପୋରେଟ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୧୯ ତାରିଖରେ ସମାପ୍ତ ହେବ । ଏହି ଟୁର୍ଣ୍ଣାମେଣ୍ଟ ବନ୍ଦର ମୁଖ୍ୟ ଯନ୍ତ୍ରୀ ତଥା ଗୋପବନ୍ଧୁ କ୍ରୀଡା ସଂସଦର ଅଧ୍ୟକ୍ଷ ଏଚ୍.ଏସ୍. ରାଉତ,ଉପ ମୁଖ୍ୟ ଚିକିତ୍ସାଧିକାରୀ ତଥା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଡି.ପି.ସେଠୀ ଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜିତ ହେଉଛି।

# ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ଭଦ୍ରକ, ୮।୪ (ସ୍ୱାଧିକାର ନ୍ୟୁଜ୍): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତ ଦାନ ଭଳି ମହତ କାର୍ଯ୍ୟକ୍ରମ ସ୍ଥାନୀୟ ଗେଲପୁର ସ୍ଥିତ ନୂତନ ମୁଖ୍ୟ ଚିକିତ୍ସାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଅଭିଯାନ ଓଡିଆ ପାଳନ ନେଇ ଆରମ୍ଭ ହୋଇଥିଲା । ଏହି ରକ୍ତଦାନ ଶିବିରରେ ଆଜି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଏବଂ ଭଦ୍ରକ ଏସପି ମନୋଜ କୁମାର ରାଉତ ରକ୍ତ ଦାନ କରିଥିଲେ ଓ ଏଥିସହିତ ବହୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ । ସାଂସଦ ଅଭିମନ୍ୟୁ ସେଠି, ଜିଲ୍ଲା ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଡାକ୍ତର ମିନତୀ ଦାସ, ଜିଲ୍ଲା ସୂଚନା ଉପଖଣ୍ଡ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ ଏହି ଶିବିରରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# କର୍ମୀଙ୍କ ଏକତା ଦଳର ସବୁଠୁ ବଡ ଶକ୍ତି: ପ୍ରିତିରଞ୍ଜନ




ସୁକିନ୍ଦା, ୮।୪ (ସ୍ୱାଧିକାର ନ୍ୟୁଜ୍): କର୍ମୀଙ୍କ ଏକତା ହେଉଛି ଦଳର ସବୁଠୁ ବଡ଼ ଶକ୍ତି ଓ ସେମାନେ ଦଳର ବଡ ସମ୍ପତ୍ତି ବୋଲି ମତ ପ୍ରକାଶ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ। ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତ ରେ ଏକ ଦଳୀୟ କର୍ମୀ ବୈଠକରେ ଯୋଗ ଦେଇ ଶ୍ରୀ ଘଡ଼େଇ ଏ ମତ ରଖିଛନ୍ତି। ବିଜୁ ଜନତା ଦଳର ମୂଳ ଭିତ୍ତିକୁ ଅଧିକ ଶକ୍ତିଶାଳୀ କରିବା ସହିତ ଦଳୀୟ ସଂଗଠନକୁ କ୍ରିୟାଶୀଳ କରି ସୁଦୃଢ଼ କରିବା ପାଇଁ ସେ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜନ ସାଧାରଣଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ବ୍ରତୀ ହେବା ସହିତ ଆଗାମୀ ରଣ ନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମୀ ସମ୍ମିଳନୀରେ ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ଏସ ଆର ସି କେ ଏମ ଏସର ସମ୍ପାଦକ ଭରତ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତଙ୍କ ସମେତ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି ଓ କର୍ମୀ ମାନେ ଯୋଗ ଦେଇଥିଲେ।

# ଶ୍ମଶାନ ସୁରକ୍ଷା ସମିତି ସଦସ୍ୟଙ୍କୁ ଦୁଃର୍ବ୍ୟବହାର

ଭବାନୀପାଟଣା, ୮।୪ (ସ୍ୱାଧିକାର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ପୁରୁଣାପଡ଼ାସ୍ଥିତ ଶ୍ମଶାନ ସୁରକ୍ଷା ସମିତି ତରଫରୁ ଶ୍ମଶାନ ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ନେଇ ଆଜି ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏକ ଆବେଦନ ପତ୍ର ପ୍ରଦାନ କରିଥିଲେ। ଏହି ଆବେଦନରେ ଶ୍ମଶାନରେ ଏକ ହାଇ ମାଷ୍ଟ ଲାଇଟ୍ ଲଗାଇବାର ବ୍ୟବସ୍ଥା କରିବାକୁ ଉଲ୍ଲେଖ କରାଯାଇଛି। ଏହି ଦାବୀ ପତ୍ର ପ୍ରଦାନ ସମୟରେ ଦୁଖିଶ୍ୟାମ ପ୍ରଧାନ, ଲକ୍ଷ୍ମୀନାରାୟଣ ପଣ୍ଡା, ମାନସ ଜେନା, କମ୍ବୁପାଣି ପରିଛା, କାଳିପ୍ରସାଦ ଡାକୁଆ, ସୀତାକାନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ଗୋପାଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ କିଛି ଦିନ ପୂର୍ବରୁ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ପୁରୁଣାପଡା ଶ୍ମଶାନରେ ହାଇ ମାଷ୍ଟ୍ ଲାଇଟ୍ ଲଗାଇବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଅଧିକାରୀ ଶ୍ରୀ ପାଢୀ ସମ୍ମତି ପ୍ରକାଶ କରିଥିଲେ। ଏପରି ସିଧାସଳଖ ଦରଖାସ୍ତ ନ ଦେଇ ନିୟମ ଦୃଷ୍ଟିରୁ କାଉନ୍ସିଲରଙ୍କ ଜରିଆରେ ଦେବାକୁ କହିଥିଲେ। ପୂର୍ବରୁ ହାଇ ମାଷ୍ଟ ଲାଇଟ୍ ଅତି ସହଜରେ ଲାଗିବାର ବ୍ୟବସ୍ଥାକୁ ଅଧିକାରୀ ସ୍ୱୀକାର କରୁଥିଲାବେଳେ ଆଜି ସେହି ବ୍ୟବସ୍ଥାକୁ ଅତି ଜଟିଳ ବୋଲି ପରୋକ୍ଷରେ ପ୍ରକାଶ କରିଥିଲେ। ତେବେ ଅଧିକାରୀଙ୍କ ଏହି ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି, ଏହା ନିଃସନ୍ଦେହ । ଗତ ସୋମବାର ଦିନ ଅଧିକାରୀଙ୍କୁ ସମୟ ମାଗି ଆଜି ସକାଳ ୧୧ ଘଣ୍ଟା ସମୟରେ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନ କରିବା ପାଇଁ ସମୟ ନିର୍ଦ୍ଧାରଣ କରିଥିଲେ ମଧ୍ୟ ଦରଖାସ୍ତ ଦେବାକୁ ଆସିଥିବା ପଡାବାସୀଙ୍କୁ ଫେସନ୍ କରନି କହି ଦୁଃବ୍ୟବହାର କରିଥିଲେ। ଏହି ଦୁଃବ୍ୟବହାରରେ ଉପସ୍ଥିତ ଦରଖାସ୍ତ ପ୍ରଦାନକାରିମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହା ପରେ ଅଧିକାରୀ ଶ୍ରୀ ପାଢୀ ଏପରି କହି ନାହିଁ କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ଯେ ବୁଦ୍ଧିଜିବୀ ଫୋରମକୁ ଅଧିକାରୀ ଏପରି ଦୁଃବ୍ୟବହାର କରି ପାରୁଛନ୍ତି ତେବେ ସାଧାରଣ ବ୍ୟକ୍ତିଙ୍କୁ କିପରି ବ୍ୟବହାର ଦେଉଥିବେ ଏହା ସହଜରେ ଅନୁମେୟ। ନିର୍ବାହୀ ଅଧିକାରୀଙ୍କ ଏହି ଦୁଃବ୍ୟବହାର ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।

# ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅଧିକାର ସଂପର୍କିତ ସଚେତନତା ଶିବିର

ଢେଙ୍କାନାଳ, ୮।୪ (ସ୍ୱାଧିକାର ନ୍ୟୁଜ୍): ପୁରୁଣା ଜିଲ୍ଲା ପରିଷଦ ହଲ୍‌ଠାରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠିଙ୍କ ଅଧ୍ୟକ୍ଷତାରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଅଧିକାର ଅଧିକାର ଅଧିନିୟମ- ୨୦୧୬ ସଂପର୍କିତ




ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତାତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଭିନ୍ନକ୍ଷମ ମାନେ ସେମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଥିବା ସମସ୍ତ ଆଇନ-କାନୁନ ସଂପର୍କରେ ଅବଗତ ହେବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ସେମାନଙ୍କର ଅଧିକାର ଅକ୍ଷୁର୍ଣ୍ଣ ରହିବ ଓ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମ୍ମାନର ସହ ଜୀବନ ନିର୍ବାହ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଭିନ୍ନକ୍ଷମ ମାନଙ୍କୁ ପୂର୍ଣ୍ଣ ସହଯୋଗ କରି, ଅଗ୍ରାଧିକାର ଭିତ୍ତିରେ ସେମାନଙ୍କର ଅସୁବିଧାର ସମାଧାନ କରିବା ପାଇଁ ସଂପୃକ୍ତ ପଦାଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଭିନ୍ନକ୍ଷମ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଚାର ବ୍ୟବସ୍ଥା ରହିଛି, ତେଣୁ ଯଦି କୌଣସି ଭିନ୍ନକ୍ଷମ ବ୍ୟକ୍ତି ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇପାରୁ ନାହାନ୍ତି ତେବେ ଭିନ୍ନକ୍ଷମ ଆୟୁକ୍ତଙ୍କ ଦୃଷ୍ଟିକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ରିସୋର୍ସ ପରସନ୍ ରାମ କିଶୋର ଶର୍ମା ପାୱାର ପଏଣ୍ଟ ମାଧ୍ୟମରେ ଭିନ୍ନକ୍ଷମ ମାନଙ୍କ ଅଧିକାର ଅଧିନିୟମ-୨୦୧୬ ସଂପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ପ୍ରଶିକ୍ଷଣ, ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି ସଂପର୍କରେ ଆଲୋଚନା କରିଥିଲେ । ଉଚ୍ଚ ଶିକ୍ଷା ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଦ୍ୱାରା ଆତ୍ମ ନିର୍ଭରଶୀଳ ହେବା, ସେମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେଲେ , ସେଥିପାଇଁ ଥିବା ବିହିତ ଜୋରିମାନା ଓ ଦଣ୍ଡବିଧାନ ସଂପର୍କରେ ଅବଗତ କରାଇଥିଲେ । ସକାରାତ୍ମକ ମନୋଭାବ ସହିତ ସେମାନଙ୍କୁ ସୁବିଧା ସୁଯୋଗ ଓ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କଲେ ସେମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବେ ବୋଲି ସେ ପ୍ରକାଶ କରିଥିଲେ । ଏହି ସଚେତନତା ଶିବିରରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ୧୪ ଜଣ ଭିନ୍ନକ୍ଷମଙ୍କ ଅଭିଯୋଗ ଶୁଣାଣି କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ବର୍ଷା ଉଜାଡ଼ି ଦେଲା ମୁଗଚାଷ

କାକଟପୁର/ଅସ୍ତରଙ୍ଗ, ୮।୪ (ସ୍ୱାଧିକାର ନ୍ୟୁଜ୍): ମୁଗ ବିଲରେ ଅଦିନିଆଁ ବର୍ଷାର ତାଣ୍ଡବ। ମୁଗ ଫସଲରେ ଫୁଲ ଧରି ଆସୁଥିବା ବେଳେ ପାଣି ଜମି ରହିବା ଯୋଗୁଁ ଚାଷ ନଷ୍ଟ ହେବାକୁ ଆରମ୍ଭ କଲାଣି। ଯଦି ଆଗକୁ ବର୍ଷା ଲାଗି ରହେ ତା 'ହେଲେ ମୁଗ ବିଲରେ କୀଟନାଶକ ଔଷଧ ଛିଞ୍ଚନ କରିବା ମଧ୍ୟ କଷ୍ଟକର ହୋଇପଡିବ। ସେଥିରେ ପୁଣି ଯଅଁରା ପୋକଙ୍କ ଆତଙ୍କ। ଅସମୟରେ ଲଗାଣ ବର୍ଷା ଯୋଗୁଁ ଉତ୍ପାଦନ ହେବାକୁ ଥିବା ଲକ୍ଷାଧିକ ଟଙ୍କାର ମୁଗ ଫସଲ ଉଜୁଡିଯିବାକୁ ବସିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଂଚାୟତର ବିଭିନ୍ନ ଅଂଚଳରେ ବର୍ଷା ଯୋଗୁଁ ବ୍ୟାପକ ମୁଗ ଫସଲର ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରୁଛନ୍ତି। ଧାର କରଜ, ହାତ ଉଧାରି ହେଉ ଅବା ଋଣ ଆଣି ଫସଲ କରିଥିବା ଚାଷୀ ଚିନ୍ତାରେ ପଡିଯାଇଛନ୍ତି। ଜଣେ ଜଣେ ଚାଷୀ ୪ରୁ ୫ଏକର ପର୍ଯ୍ୟନ୍ତ ମୁଗ ଚାଷ କରିଛନ୍ତି। ଅସ୍ତରଙ୍ଗ କୃଷି ବିଭାଗ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ରବି ରେ ପ୍ରାୟ ୧୫ ଶହ ହେକ୍ଟର ରୁ ଉର୍ଦ୍ଧ୍ୱ ଜମିରେ ମୁଗ ଫସଲ ଚାଷ କରାଯାଇଛି। ହେଲେ ଅଦିନିଆ ବୃଷ୍ଟିପାତ ଯୋଗୁଁ ଏବେ ରବି ଫସଲ ପ୍ରଭାବିତ ହେବାକୁ ବସିଲାଣି। ମୁଗ ଗଛ ଠିକ ଫୁଲ ଧରିବା ପୂର୍ବରୁ ବୁନ୍ଦାଏ ବି ବର୍ଷା ଛିଟା ଜମିରେ ପଡ଼ିନଥିଲା। ହେଲେ ଫୁଲ ଧରିବା ବେଳକୁ ମୁଗ ଫସଲରେ ପାଣି ପଶିଯିବାରୁ ଫସଲ ନଷ୍ଟ ହେବାକୁ ବସିଛି। ମୁଗ ବିଲରେ ଏବେ ଛିଡା ହୋଇଛି ବର୍ଷା ପାଣି। ପାଣି ରେ ବୁଡି ରହିବା ଯୋଗୁଁ ମୁଗ ଗଛ ପଚି ନଷ୍ଟ ହୋଇଯିବାକୁ ବସିଛି। ନିଜ ଆଖି ଆଗରେ ନିଜ ପରିଶ୍ରମର ଫଳ ଉଜୁଡି ଯାଉଥିବା ବେଳେ ଚାଷୀ ମୁଣ୍ଡରେ ସତେ ଯେମିତି ଚଡକ ପଡିଛି। ହଜାର ହଜାର ଚାଷୀ ଭାଗକୁ ନେଇ ମୁଗ ଚାଷ କରିଥିଲେ। ଯେହେତୁ ସରକାରୀ ରିହାତି ଦରରେ ବିହନ ମିଳି ନଥିଲା ସେଥିପାଇଁ ଚାଷୀ ସ୍ଥାନୀୟ ବଜାର ରୁ ସବୁଜ ଓ କଳା ରଙ୍ଗର ମୁଗ ବିହନ ଚଢା ଦରରେ କିଣିଥିଲେ। ହେଲେ ଅସମୟରେ ବର୍ଷା ହେବା କାରଣରୁ ମୁଗ ବିକ୍ରି କରି ଦି 'ପଇସା ରୋଜଗାର କରିବାକୁ ଆଶା ରଖିଥିବା ଚାଷୀ ନିରାଶ ହୋଇଛି। କିଛିଦିନ ଆଗରୁ ପତ୍ର ପୋଡା ରୋଗ ହୋଇଥିବାରୁ ପୋକ ଲାଗି ଗଛର ପତ୍ର ଗୁଡିକ ନଷ୍ଟ ହୋଇଯାଇଥିଲା। ଅଦିନିଆ ବର୍ଷା ଓ ରୋଗପୋକ ଦାଉରୁ ଚାଷୀ ଫସଲକୁ କେମିତି ରକ୍ଷା କରିବେ, ତାହାକୁ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ସ୍ୱାଧିକାର
The Swadhikar
ଏପ୍ରିଲ ୯ ଗୁରୁବାର ୨୦୨୬
କେନ୍ଦ୍ରାପଡ଼ା



# ଧର୍ମରେ ତର୍କର ଧାରଣା ପ୍ରୟୋଗ କରାଯାଇପାରିବ ନାହିଁ: ଜଷ୍ଟିସ ସୁନ୍ଦରେଶ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ସାବରିମାଳା ମନ୍ଦିର ସମେତ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ଭେଦଭାବ ଏବଂ ବିଭିନ୍ନ ଧର୍ମ ଦ୍ୱାରା ପାଳନ କରାଯାଉଥିବା ଧାର୍ମିକ ସ୍ୱାଧୀନତାର ପରିସର ଏବଂ ପରିସର ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟର ନଅ ଜଣିଆ ଖଣ୍ଡପୀଠ ଚୂଡ଼ାନ୍ତ ଶୁଣାଣି ଆରମ୍ଭ କରିଛନ୍ତି । ଖଣ୍ଡପୀଠ ଧାର୍ମିକ ସ୍ୱାଧୀନତା ଏବଂ ଧାର୍ମିକ ସମ୍ପ୍ରଦାୟ ସହିତ ଜଡିତ ଧାରା ୨୫ ଏବଂ ୨୬ ଉପରେ ନିର୍ଦ୍ଦିଷ୍ଟ ଭାବରେ ବିଚାର କରିବାକୁ ସ୍ଥିର କରିଛନ୍ତି । ଗତକାଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ବୟସ ଗୋଷ୍ଠୀ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଲିଙ୍ଗକୁ ପୂଜାସ୍ଥଳରେ ପ୍ରବେଶରୁ ନିଷିଦ୍ଧ କରିବା ଭେଦଭାବ ନୁହେଁ। ସାମ୍ବିଧାନିକ ଖଣ୍ଡପୀଠ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିଭି ନାଗରତ୍ନା, ଏମ୍ ଏମ୍ ସୁନ୍ଦରେଶ, ଆହସାନୁଦ୍ଦିନ ଅମାନୁଲ୍ଲା, ଅରବିନ୍ଦ କୁମାର, ଅଗଷ୍ଟିନ୍ ଜର୍ଜ ମସିହ, ପ୍ରସନ୍ନ ବି ଭାରେଲେ, ଆର୍ ମହାଦେବନ ଓ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ହୋଇଛି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଏକ ଧର୍ମନିରପେକ୍ଷ କୋର୍ଟ କେବଳ ଏକ ଧାର୍ମିକ ପ୍ରଥାକୁ ଅନ୍ଧବିଶ୍ୱାସ ଭାବରେ ଲେବଲ କରିପାରିବେ ନାହିଁ, କାରଣ ଏପରି ଏକ ବିଷୟ ନିର୍ଣ୍ଣୟ କରିବା ପାଇଁ ବିଶେଷଜ୍ଞତାର ଅଭାବ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି, ନାଗାଲାଣ୍ଡର ଏକ ସମ୍ପ୍ରଦାୟ ପାଇଁ ଯାହା ଧାର୍ମିକ ବୋଲି ବିବେଚନା କରାଯାଏ ତାହା ମୋତେ ଅନ୍ଧବିଶ୍ୱାସ ଭାବରେ ମନେ ହୋଇପାରେ । ଆମର ସମାଜ ବହୁ ବିବିଧ, ବିଭିନ୍ନ ଲୋକ, ଧର୍ମ ଏବଂ ବିଶ୍ୱାସ ରହିଛି । ଏପରି ପରିସ୍ଥିତିରେ, କୋର୍ଟ ପାଇଁ ଏପରି ରାୟ ଦେବା ବିପଦପୂର୍ଣ୍ଣ ହୋଇପାରେ । ଜଷ୍ଟିସ୍ ଅମାନୁଲ୍ଲାହ ଖାନ କହିଥିଲେ, ସଲିସିଟର ଜେନେରାଲ ମାମଲାକୁ ଅଧିକ ସରଳ କରିଦେଇଛନ୍ତି। ଅନ୍ଧବିଶ୍ୱାସ କ'ଣ ତାହା ନିର୍ଣ୍ଣୟ କରିବା ପାଇଁ କୋର୍ଟର ନ୍ୟାୟିକ ସମୀକ୍ଷାର କ୍ଷମତା ଅଛି । ତେବେ ଏପରି ବିଷୟ ଉପରେ ଆଇନ ପ୍ରଣୟନ କିମ୍ବା କାର୍ଯ୍ୟାନୁଷ୍ଠାନ ନେବା ବିଧାନସଭା (ସଂସଦ କିମ୍ବା ବିଧାନସଭା)ର ଦାୟିତ୍ୱ ହୋଇପାରେ, କିନ୍ତୁ ଏହା କୁହାଯାଇପାରିବ ନାହିଁ ଯେ କେବଳ ବିଧାନସଭା ହିଁ ଶେଷ ନିଷ୍ପତ୍ତି ନେବ । ନ୍ୟାୟମୂର୍ତ୍ତି ସୁନ୍ଦରେଶ କହିଛନ୍ତି, ଧର୍ମରେ ତର୍କର ଧାରଣା ପ୍ରୟୋଗ କରାଯାଇପାରିବ ନାହିଁ । ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ଭେଦଭାବ ପ୍ରସଙ୍ଗ ଗତ ୨୬ବର୍ଷ ଧରି ଦେଶର କୋର୍ଟଗୁଡ଼ିକରେ ବିଚାରାଧୀନ ଅଛି । ୨୦୧୮ ମସିହାରେ, ଏକ ପାଞ୍ଚ ଜଣିଆ ଖଣ୍ଡପୀଠ, ୪:୧ ବହୁମତରେ, ମନ୍ଦିରରେ ମହିଳାଙ୍କ ପ୍ରବେଶ ଉପରେ ଥିବା ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ଅନେକ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା । ସୁପ୍ରିମକୋର୍ଟର ଏକ ନଅ ଜଣିଆ ସମ୍ବିଧାନ ଖଣ୍ଡପୀଠ ୭ ଏପ୍ରିଲରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ୫୦ ରୁ ଅଧିକ ଆବେଦନର ଶୁଣାଣି କରିବେ ।



## ଯୁଦ୍ଧବିରତି ମଧ୍ୟରେ ଭାରତୀୟମାନଙ୍କୁ ଅବିଳମ୍ୱେ ଇରାନ୍ ଛାଡିବାକୁ ପରାମର୍ଶ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହୋଇଥିଲେ ହେଁ ପରିସ୍ଥିତି ଏବେ ବି ଅତ୍ୟନ୍ତ ସମ୍ବେଦନଶୀଳ ଓ ଅସ୍ଥିର ରହିଛି । ଏହି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ତେହେରାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବୁଧବାର, ଏପ୍ରିଲ ୮ ତାରିଖରେ ଏକ ଜରୁରୀକାଳୀନ ଆଡଭାଇଜରୀ ଜାରି କରାଯାଇଛି । ଇରାନରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଅବିଳମ୍ୱେ ଏବଂ ଯୁଦ୍ଧକାଳୀନ ଭିତ୍ତିରେ ଦେଶ ତ୍ୟାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାମ୍ପ୍ରତିକ ଘଟଣାବଳୀର ଭୟାବହତାକୁ ଅନୁଭବ କରି ଦୂତାବାସ ସ୍ପଷ୍ଟ କରିଛି ଯେ, ଇରାନର ମାଟି ବର୍ତ୍ତମାନ ଭାରତୀୟଙ୍କ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ । ସେଠାରେ ରହୁଥିବା ନାଗରିକମାନେ କୌଣସି ବିପଦଜ୍ଜନକ ପଦକ୍ଷେପ ନନେଇ ଦୂତାବାସ ସହିତ ନିରବଚ୍ଛିନ୍ନ ସମ୍ପର୍କ ରଖିବାକୁ କୁହାଯାଇଛି । ବିଶେଷ କରି, ଦୂତାବାସର ପୂର୍ବ ନିର୍ଦ୍ଦେଶ ବିନା କୌଣସି ଅନ୍ତର୍ଜାତୀୟ ସ୍ଥଳ ସୀମାକୁ ଅତିକ୍ରମ କରିବା ପାଇଁ ଦୁଃସାହସ ନକରିବାକୁ କଠୋର ଚେତାବନୀ ଦିଆଯାଇଛି। ଯୁଦ୍ଧବିରତିର ଛଳନା ମଧ୍ୟରେ ଯେପରି କୌଣସି ଭାରତୀୟ ସାଂଘାତିକ ବିପଦର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ମୋଦୀ ସରକାର ସମସ୍ତ କୂଟନୈତିକ ସୁରକ୍ଷା କବଚ ପ୍ରସ୍ତୁତ କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଇରାନରେ ଥିବା ଭାରତୀୟଙ୍କ ମଧ୍ୟରେ କମ୍ପନ ସୃଷ୍ଟି କରିଥିଲେ ହେଁ, ଆଗାମୀ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ ଏହା ଏକ ଅପରିହାର୍ଯ୍ୟ ପଦକ୍ଷେପ ।

# ରେପୋ ହାର ଅପରିବର୍ତ୍ତିତ, ମୁଦ୍ରାସ୍ଫୀତି ହାର ୪.୬% ରହିବ ବୋଲି ଆକଳନ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ନୂତନ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରା ନୀତି କମିଟି (ଏମ୍ପିସି) ବୈଠକରେ ସୁଧ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି । ଆର୍ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଛଅ ଜଣିଆ ସଦସ୍ୟ ବିଶିଷ୍ଟ ଏମ୍ପିସି ସର୍ବସମ୍ମତିକ୍ରମେ ରେପୋ ହାରକୁ ୫.୨୫% ରେ ଅପରିବର୍ତ୍ତିତ ରଖିଛନ୍ତି । ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା, ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଏବଂ ଟଙ୍କାର ଦୁର୍ବଳତାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ସତର୍କ ମନୋଭାବ ଗ୍ରହଣ କରିଛନ୍ତି । ଡିସେମ୍ବର ୨୦୨୫ରେ ଶେଷ ହାର ହ୍ରାସ ପରଠାରୁ, ପୂର୍ବ ନୀତି ପରିବର୍ତ୍ତନର ସମ୍ପୂର୍ଣ୍ଣ ପ୍ରଭାବ ଅର୍ଥନୀତି ଉପରେ ପଡ଼ିବା ପାଇଁ ଆର୍ବିଆଇ ୱେଟ୍ ଆଣ୍ଡ୍ ୱାଚ୍ ପଦ୍ଧତି ଗ୍ରହଣ କରୁଛି । ଏଥର ମଧ୍ୟ, ଏମ୍ପିସି ନିଜର ନିରପେକ୍ଷ ମନୋଭାବ ବଜାୟ ରଖିଛି, ଯାହା ସୂଚାଇ ଦେଇଛି ଯେ, ବ୍ୟାଙ୍କ ଭବିଷ୍ୟତ ପରିସ୍ଥିତି ଉପରେ ଆଧାର କରି ନମନୀୟ ଭାବରେ ନିଷ୍ପତ୍ତି ନେବା ଜାରି ରଖିବ । ସଞ୍ଜୟ ମାଲହୋତ୍ରା କହିଛନ୍ତି, ଘରୋଇ ମୁଦ୍ରାସ୍ଫୀତି ବର୍ତ୍ତମାନ ନିୟନ୍ତ୍ରଣରେ ଥିବା ବେଳେ, ବିଶ୍ୱବ୍ୟାପୀ ଯୋଗାଣ ପ୍ରତିବନ୍ଧକ ଏବଂ ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ଆହୁରି ବିପଦ ସୃଷ୍ଟି କରିପାରେ । ଆରବିଆଇର ପ୍ରାଥମିକ ଲକ୍ଷ୍ୟ ହେଉଛି ସ୍ଥାୟୀ ଭାବରେ ମୁଦ୍ରାସ୍ଫୀତି ୪% ପାଖାପାଖି ବଜାୟ ରଖିବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ।





ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଏବଂ ଶକ୍ତି ଭିତ୍ତିଭୂମିର କ୍ଷତି ଯୋଗାଣରେ ଏକ ଆଘାତ ସୃଷ୍ଟି କରିଛି, ଯାହା ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ଉଭୟକୁ ପ୍ରଭାବିତ କରିପାରେ । ତଥାପି, ଭାରତୀୟ ଅର୍ଥନୀତିର ମୌଳିକ ତତ୍ତ୍ୱଗୁଡ଼ିକୁ ଦୃଢ଼ ଏବଂ ବାହ୍ୟ ଆଘାତ ସହ୍ୟ କରିବାକୁ ସକ୍ଷମ ବୋଲି ବର୍ଣ୍ଣନା କରାଯାଇଛି । ବିଦେଶୀ ନିବେଶ କ୍ଷେତ୍ରରେ, ଭଲ ଖବର ହେଉଛି ଯେ, ନିବେଶକଙ୍କ ବିଶ୍ୱାସକୁ ପ୍ରତିଫଳିତ କରି ନିବେଶକମାନେ ପ୍ରାୟ ୨୦% ଏଫ୍ଡିଆଇ ବୃଦ୍ଧି ପାଇଛି । ତଥାପି, ରପ୍ତାନି କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି, ବର୍ଷର ପ୍ରାରମ୍ଭିକ ମାସଗୁଡ଼ିକରେ ସାମଗ୍ରୀ ରପ୍ତାନି ସାମାନ୍ୟ ହ୍ରାସ ପାଇଛି । ଟଙ୍କାର ସ୍ଥିତି ସମ୍ପର୍କରେ, ଆର୍ବିଆଇ ସ୍ପଷ୍ଟ କରିଛି, ବ୍ୟାଙ୍କ କେବଳ ଅସ୍ଥିରତା ନିୟନ୍ତ୍ରଣ କରିବା ପାଇଁ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ କରିଥାଏ, କୌଣସି ନିର୍ଦ୍ଦିଷ୍ଟ ସ୍ତର ବଜାୟ ରଖିବା ପାଇଁ ନୁହେଁ । ଗତ ବର୍ଷକ ମଧ୍ୟରେ, ଆରବିଆଇ ଫେବୃଆରି ଏବଂ ଜୁନ୍ ୨୦୨୫ ମଧ୍ୟରେ ୧୦୦ ବେସିସ୍ ପଏଣ୍ଟ ସୁଧ ହ୍ରାସ କରିଥିଲା, ଅଗଷ୍ଟ-ଅକ୍ଟୋବର ୨୦୨୫ ଏବଂ ଫେବୃଆରି ୨୦୨୫ ରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଥିଲା । ଶେଷ ଥର ପାଇଁ ଡିସେମ୍ବର ୨୦୨୫ ରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ହାର ୪.୬% ରହିବ ବୋଲି ଆକଳନ କରାଯାଇଛି, ତ୍ରୈମାସିକ ଆଧାରରେ ପରିବର୍ତ୍ତନ ସମ୍ଭବ । ଆର୍ବିଆଇ ସ୍ୱୀକାର କରିଛି ଯେ ଶକ୍ତି ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ମୁଦ୍ରାସ୍ଫୀତି ପାଇଁ ବିପଦ ସୃଷ୍ଟି କରୁଛି, ଯଦିଓ ଖାଦ୍ୟ ମୂଲ୍ୟର ସମ୍ଭାବନା ବର୍ତ୍ତମାନ ସନ୍ତୁଳିତ ମନେ ହେଉଛି ।

## ଉତ୍ତରାଖଣ୍ଡ-ଚାରିଧାମରେ ତତୁଷାରପାତ

# ଉତ୍ତର ପ୍ରଦେଶରେ ସପ୍ତାହକରେ ୧୫ ମୃତ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ଦେଶରେ ଏକସାଙ୍ଗରେ ଦୁଇଟି ପଶ୍ଚିମାଝଡ଼ ସକ୍ରିୟ ହେବା ଯୋଗୁ ପାଣିପାଗରେ ବ୍ୟାପକ ପରିବର୍ତ୍ତନ ଦେଖାଯାଇଛି। ଉତ୍ତରାଖଣ୍ଡରେ ଚାରିଧାମ - କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରି ଓ ଯମୁନେତ୍ରିରେ ପ୍ରବଳ ତୁଷାରପାତ ହେଉଛି । ଏହାସହିତ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ଲାଗି ରହିଛି । ରାଜସ୍ଥାନରେ ଶ୍ରୀଗଙ୍ଗାନଗର, ହନୁମାନଗଡ଼, ନାଗୋର ସମେତ ଅନେକ ଜିଲ୍ଲାରେ ଝଡ଼ବର୍ଷା ସହିତ କୁଆପଥର ବର୍ଷା ହେଉଛି । ଅନେକ ଜିଲ୍ଲାରେ ଏକ ଇଞ୍ଚରୁ ଅଧିକ ବର୍ଷା ହୋଇଛି ।ଭାରତପୁର ଜିଲ୍ଲାରେ ବଜ୍ରପାତ ଯୋଗୁ ଘରେ ଥିବା ଗ୍ୟାସ ସିଲିଣ୍ଡରରେ ବିସ୍ଫୋରଣ ଘଟିଛି। ବର୍ଷା ଯୋଗୁ ରାଜସ୍ଥାନରେ ତାପମାତ୍ରା ୭ ଡିଗ୍ରି ହ୍ରାସ ପାଇଛି । ଉତ୍ତର ପ୍ରଦେଶର ମିରଟ, ବରେଲି, ଶାହଜାହାନପୁରରେ ଅପରାହ୍ଣରେ କୁଆପଥର ବର୍ଷା ହୋଇଛି । ଲକ୍ଷ୍ନୌ, ଗୋରଖପୁର, ଗୋଣ୍ଡା, ଜୌନପୁର, ଅଲିଗଡ଼ ସମେତ ୨୫ ଜିଲ୍ଲାରେ ଆଜି ପ୍ରବଳ ପବନ ସହିତ ତୁହାକୁ ତୁହା ବର୍ଷା ହୋଇଛି । ଗତ ଏକ ସପ୍ତାହ ହେଲା ଉତ୍ତର ପ୍ରଦେଶରେ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁ ୧୫ ଜଣ ଲୋକଙ୍କର ମୃତ୍ୟୁ ହେଲାଣି । ମଧ୍ୟପ୍ରଦେଶରେ ୩ଟି ଘୂର୍ଣ୍ଣିବଳୟ ସକ୍ରିୟ ଅଛି । ପାଣିପାଗ ବିଭାଗ ୧୮ ଜିଲ୍ଲାକୁ ବର୍ଷା ଆଲର୍ଟ ଜାରି କରିଛି । ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଯୋଗୁ ଜମ୍ମୁ-ଶ୍ରୀନଗର ହାଇୱେ ବନ୍ଦ ହୋଇଯାଇଛି ।

# ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କୁ ଘେରିଲେ ଆମେରିକାବାସୀ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବା ସମୟରେ ଘୋଷଣା କରିଥିଲେ ଯେ ସେ ଇରାନର ଶାସନ ପରିବର୍ତ୍ତନ କରିବେ, କିନ୍ତୁ ଏବେ ଏହାର ବିପରୀତ ଘଟିଛି । ରାତି ୮ଟା ପାଖେଇ ଆସୁଥିବା ବେଳେ ସମୟସୀମା ପୂରଣର ୯୦ ମିନିଟ୍ ପୂର୍ବରୁ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା । ସନ୍ଧ୍ୟା ୬ଟା ୩୨ରେ ଘୋଷଣା ହୋଇଥିଲା । ଟ୍ରମ୍ପଙ୍କ ଧମକ ପରେ ଇରାନୀ ଲୋକମାନେ ସେମାନଙ୍କ ସରକାରଙ୍କୁ ସମର୍ଥନ କରି ରାସ୍ତାକୁ ଓହ୍ଲାଇଥିବାବେଳେ ଆମେରିକାର ଲୋକମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରତିବାଦ କରିବା ଆରମ୍ଭ କରିଛନ୍ତି । ଆମେରିକା ଇରାନ ସହିତ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରିବା ପରେ ରାଜଧାନୀ ୱାସିଂଟନ ଡିସିରେ ପ୍ରଦର୍ଶନକାରୀମାନେ ଟ୍ରମ୍ପ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ରାସ୍ତାକୁ ଓହ୍ଲାଇଛନ୍ତି ।ପ୍ରତିବାଦକାରୀମାନେ କହିଛନ୍ତି ଅସ୍ତ୍ରବିରତି କିଛି ହାସଲ ହେବ ନାହିଁ। ଟ୍ରମ୍ପ ଏବଂ ତାଙ୍କ ସମଗ୍ର ଶାସନ କ୍ଷମତାରୁ ନହଟିବା ପର୍ଯ୍ୟନ୍ତ କିଛି ହେବ ନାହିଁ । ପ୍ରତିବାଦକାରୀମାନେ ବ୍ୟାନର ଧରିଛନ୍ତି ଯେଉଁଥିରେ ଲେଖା ଅଛି, 'ଟ୍ରମ୍ପ୍ ଏବେ ଯିବା ଉଚିତ', ଟ୍ରମ୍ପ ଯୁଦ୍ଧ ଅପରାଧ ବନ୍ଦ କର' । ଜଣେ ପ୍ରତିବାଦକାରୀ ଗଣମାଧ୍ୟମକୁ କହିଛନ୍ତି, ଆମେ ଆଜି ରାତିରେ ଏଠାରେ ଅଛୁ କାରଣ ଯାହା ଘଟୁଛି ତାହା ଆମେ ସହ୍ୟ କରିପାରିବୁ ନାହିଁ । ଆମେ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିପାରିବୁ ନାହିଁ । ଏହି ଦେଶରେ ଯାହା ଘଟୁଛି ତାହା ଏବେ ବନ୍ଦ ହେବା ଉଚିତ । କେବଳ ଏହି ଦେଶରେ ନୁହେଁ ବରଂ ଏହି ଦେଶ ମାଧ୍ୟମରେ ସମଗ୍ର ବିଶ୍ୱରେ ଘଟୁଥିବା ବର୍ବରତା ପାଇଁ ଟ୍ରମ୍ପ ଦାୟୀ଼ ରାଷ୍ଟ୍ରପତି ହ୍ୱାଇଟ୍ ହାଉସରୁ ଯୁଦ୍ଧ ଅପରାଧ କରିଛନ୍ତି । ଏହି ବ୍ୟକ୍ତିଙ୍କୁ କ୍ଷମତାରୁ ଯିବା ଉଚିତ । ସମଗ୍ର ଶାସନକୁ ହଟିବା ଉଚିତ । ସେ ନଯିବା ପର୍ଯ୍ୟନ୍ତ ଆମେ ପ୍ରତିଦିନ ରାସ୍ତାରେ ପ୍ରଦର୍ଶନ କରିବୁ । ତାଙ୍କ ଯୋଗୁଁ ପ୍ରତିଦିନ ଲୋକ ମରୁଛନ୍ତି । ତାଙ୍କ ଯୋଗୁଁ ସାରା ବିଶ୍ୱରେ ଲୋକ କଷ୍ଟ ପାଉଛନ୍ତି । ଅନ୍ୟ ଜଣେ ପ୍ରତିବାଦକାରୀ କହିଛନ୍ତି, ମୁଁ ଯେକୌଣସି ବିଦେଶୀ ସାମରିକ କାର୍ଯ୍ୟାନୁଷ୍ଠାନର ଦୃଢ଼ ବିରୋଧ କରୁଛି । ଏହା ଯୋଗୁ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥାଏ । ମୁଁ ଭାବୁନାହିଁ ଯେ ଆମେରିକାର ସେନା କୌଣସି ବାହାନା ବିନା ଇରାନ ଉପରେ ବେପରୁଆ ବୋମା ପକାଇବା ଉଚିତ, ଯାହା ସମଗ୍ର ଅଞ୍ଚଳର ଦେଶଗୁଡ଼ିକର କ୍ଷତି କରିବ । ମୁଁ ଭାବୁଛି ଏହା ଏକ ସମ୍ପୂର୍ଣ୍ଣ ଦୁଃଖଦ ଘଟଣା, ଏବଂ ଆମକୁ ଏହାକୁ ଯଥାଶୀଘ୍ର ସମାପ୍ତ କରିବାକୁ ପଡିବ ।

# ଆମେରିକା-ଇରାନ ଯୁଦ୍ଧବିରତିକୁ ଭାରତର ସ୍ୱାଗତ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ଆମେରିକା ଓ ଇରାନ ମଧ୍ୟରେ ସାମରିକ ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ହୋଇଥିବା ଯୁଦ୍ଧବିରତି ଚୁକ୍ତିକୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଉତ୍ସାହର ସହ ସ୍ୱାଗତ କରିଛି । ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନାକୁ ପ୍ରଶମିତ କରିବା ଦିଗରେ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି ବୈଦେଶିକ ମନ୍ତ୍ରଣାଳୟ ବର୍ଣ୍ଣନା କରିବା ସହ ଏହି ବୁଝାମଣା ଆଗାମୀ ଦିନରେ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଓ ସ୍ଥିରତା ଆଣିଦେବ ବୋଲି ଆଶା ପ୍ରକଟ କରିଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି କରିଡର 'ହର୍ମୁଜ ପ୍ରଣାଳୀ'' ଦେଇ ଅବାଧ ଓ ସୁରକ୍ଷିତ ଜଳଯାତ୍ରା ସୁନିଶ୍ଚିତ କରିବା ଉପରେ ଭାରତ ବିଶେଷ ଗୁରୁତ୍ୱାରୋପ କରିଛି । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ ସ୍ପଷ୍ଟ କରିଛି ଯେ, ସଂଘର୍ଷ ନୁହେଁ ବରଂ ଆଲୋଚନା, କୂଟନୀତି ଓ ସମନ୍ୱୟ ହିଁ ଯୁଦ୍ଧର ସମାଧାନ । ଏହି ରକ୍ତାକ୍ତ ସଂଘର୍ଷ କେବଳ ସାଧାରଣ ଜନତାଙ୍କୁ ଯନ୍ତ୍ରଣା ଦେଇନାହିଁ, ବରଂ ବିଶ୍ୱର ଶକ୍ତି ଯୋଗାଣ ଓ ବାଣିଜ୍ୟିକ ନେଟୱାର୍କକୁ ଛାରଖାର କରିଦେଇଛି । ହର୍ମୁଜ ପ୍ରଣାଳୀରେ ନୌଚଳାଚଳର ସ୍ୱାଧୀନତା ଓ ବାଣିଜ୍ୟର ନିରନ୍ତର ପ୍ରବାହ ପାଇଁ ଭାରତ ନିଜର ଦୃଢ଼ ଦାବି ଉପସ୍ଥାପନ କରିବା ସହ ପଶ୍ଚିମ ଏସିଆରେ ଶାନ୍ତି ଫେରାଇ ଆଣିବାକୁ ସମଗ୍ର ବିଶ୍ୱକୁ ଆହ୍ୱାନ ଦେଇଛି । ଏହି ଯୁଦ୍ଧବିରତି ଭାରତର ଆର୍ଥିକ ସାର୍ବଭୌମତ୍ୱ ଓ ଶକ୍ତି ସୁରକ୍ଷା ପାଇଁ ଏକ କୂଟନୈତିକ ସଞ୍ଜୀବନୀ ସଦୃଶ ହୋଇଛି ।

# ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଟିଏମସି ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ବିବାଦ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ମତଦାନ ତାରିଖ ପାଖେଇ ଆସୁଛି। ଏହା ସହିତ ତୃଣମୂଳ କଂଗ୍ରେସ (ଟିଏମସି) ନିର୍ବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ପ୍ରତି ଆକ୍ରାମକ ହେବାରେ ଲାଗିଛି । ତୃଣମୂଳ କଂଗ୍ରେସ ନିର୍ବାଚନ କମିଶନରଙ୍କୁ ବିଜେପି ସପକ୍ଷରେ ନିଷ୍ପତ୍ତି ନେଇଥିବା ଅଭିଯୋଗ କରିଛି । ପଶ୍ଚିମବଙ୍ଗରେ ଏସଆଇଆର ପରେ ୯୦.୬୬ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯିବାର ପ୍ରତିବାଦରେ ବୁଧବାର ଦିଲ୍ଲୀରେ ଟିଏମସିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଭେଟିଥିଲେ । ଏହି ବୈଠକ ମାତ୍ର ସାତ ମିନିଟ୍ ଚାଲିଥିଲା । ଟିଏମସି ଅଭିଯୋଗ କରିଛି ଯେ ମୁଖ୍ୟ ନିର୍ବାଚନ କମିଶନର ସେମାନଙ୍କ କଥା ଶୁଣି ନଥିଲେ ଏବଂ ସାତ ମିନିଟ୍ ଆଲୋଚନା ପରେ ସେମାନଙ୍କୁ କହିଥିଲେ ଗେଟ୍ ଲଷ୍ଟ ବା ଏଠାରୁ ବାହାରି ଯାଅ ।'ନିର୍ବାଚନ କମିଶନ ମଧ୍ୟ ଏହାର ଉତ୍ତର ରଖିଛନ୍ତି, ଟିଏମସି ସାଂସଦ ଡେରେକ୍ ଓ'ବ୍ରାଏନ୍ ବୈଠକରେ ଚିତ୍କାର କରି କହିଥିଲେ, କହିଥିଲେ, ଆମେ ଏଠାକୁ ଶୁଣିବାକୁ ଆସିନାହୁଁ। ଏହା ପରେ, ବୈଠକରେ ପରିବେଶ ହୋଇଯାଇଥିଲା ଖୁବ୍ ସରଗରମ । ସେପଟେ ଡେରେକ୍ ଓ'ବ୍ରାଏନ୍ କହିଛନ୍ତି, ନିର୍ବାଚନ କମିଶନଙ୍କ ବୈଠକ ସାତ ମିନିଟ୍ ଧରି ଚାଲିଥିଲା । ମୁଖ୍ୟ ନିର୍ବାଚନ କମିଶନ ଆମକୁ 'ଗେଟ୍ ଲଷ୍ଟ' କହିଥିଲେ । ଆମେ ସଂସଦରେ ଦ୍ୱିତୀୟ ବୃହତ ଦଳ, ତଥାପି ଆମର ମତାମତ ଶୁଣାଯାଇ ନଥିଲା ।ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ସଫେଇ ଦିଆଯାଇଛି ଓ ଟିଏମସି ନେତାଙ୍କ ଉପରେ ଗମ୍ଭୀର ଅଭିଯୋଗ ଲଗାଯାଇଛି । ଟିଏମସି ରାଜ୍ୟସଭା ସାଂସଦ ଡେରେକ୍ ଓ'ବ୍ରାଏନ୍ ବେଠକ ପରେ ମିଡିଆ ସହ କଥା ହୋଇ ନିର୍ବାଚନ କମିଶନଙ୍କ ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ଟିଏମସିର କହିବା ଅନୁସାରେ ୭ ମିନିଟରେ ବେଠକ ଶେଷ ହୋଇଯାଇଥିଲା। ଓ'ବ୍ରାଏନଙ୍କ କହିବା ଅନୁସାରେ, ଜ୍ଞାନେଶ କୁମାରଙ୍କ ବ୍ୟତୀତ କେଣସି ଅନ୍ୟ ନିର୍ବାଚନ କମିଶନ୍ ଗୋଟିଏ ବି ଶବ୍ଦ କହିନଥିଲେ । ସିଇସି ଜ୍ଞାନେଶ କୁମାର ଆମକୁ କେବଳ କହିଥିଲେ, ଗେଟ୍ ଲଷ୍ଟ । ଆମେ ନିର୍ବାଚନ କମିଶନଙ୍କୁ ଏହି ବୈଠକର ଟ୍ରାନ୍ସକ୍ରିପ୍ଟ ପ୍ରକାଶ କରିବାକୁ ଚ୍ୟାଲେଞ୍ଜ କରୁଛୁ । ନଚେତ୍, ଆମେ ଏହାକୁ ପ୍ରକାଶ କରିବୁ । ଅନ୍ୟପକ୍ଷେ ନିର୍ବାଚନ କମିଶନ୍ ଟିଏମସିର ଦାବିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଛନ୍ତି । କମିଶନଙ୍କ ସୂତ୍ରରୁ କୁହାଯାଇଛି ଡେରେକ୍ ଓ'ବ୍ରାଏନ୍ ନିର୍ବାଚନ କମିଶନଙ୍କ ଉପରେ ଚିଲାଇବା ସହ ଅଭଦ୍ର ବ୍ୟବହାର କରିଥିବାରୁ ତାଙ୍କୁ ମୁଖ୍ୟ ନିର୍ବାଚନ କମିଶନ କହିବାକୁଦେଇନଥିଲେ । ସିଇସି ଜ୍ଞାନେଶ କୁମାର ଓ'ବ୍ରାଏନଙ୍କୁ ମର୍ଯ୍ୟାଦାର ସହ କଥା ହେବାକୁ ଅନୁରୋଧ କରିଥିଲେ । ଏହା ସହ କହିଥିଲେ କମିଶନଙ୍କ କକ୍ଷରେ ଚିଲାଇବା ଓ ଅଭଦ୍ର ବ୍ୟବହାର କରିବା ଉଚିତ ନୁହେଁ । ସିଇସି ଟିଏମସି ନେତାଙ୍କୁ କେବଳ ସିଧା ଓ ସ୍ପଷ୍ଟ କଥା କହିଥିଲେ, ଯାହାକୁ ସେ ଗ୍ରହଣ କରିନଥିଲେ । ନିର୍ବାଚନ କମିଶନର ଅଧିକାରୀମାନେ କହିଛନ୍ତି ଯେ ଓ'ବ୍ରାଏନ୍ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚିତ୍କାର କରିଥିଲେ ଏବଂ ତାଙ୍କୁ ଚୁପ୍ ରହିବାକୁ କହିଥିଲେ ।

## ମୋନାଲିସା-ଫରମାନଙ୍କୁ ଜାତୀୟ ମାନବାଧିକାରୀ କମିଶନଙ୍କ ନୋଟିସ୍

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ମହାକୁମ୍ଭ ଭାଇରାଲ ଗାର୍ଲ ମୋନାଲିସା ଫରମାନଙ୍କ ବିବାହ କରିବା ଦିନର ଚର୍ଚ୍ଚାରେ ରହିଛନ୍ତି । ପରିବାର ଲୋକ ଏବଂ ସନୋଜ ମିଶ୍ର ସେମାନଙ୍କୁ ପୂର୍ବରୁ ସମାଲୋଚନା କରିଛନ୍ତି । ଅଲଗା ଧର୍ମରେ ବିବାହ ପରେ ବିବାଦରେ ରହିଛନ୍ତି ମୋନାଲିସା । ଆଉ ଏବେ ଜାତୀୟ ମାନବାଧିକାରୀ କମିଶନଙ୍କ ନୋଟିସ୍ ହୋଇଛି । ଫରମାନ ଏବଂ ମୋନାଲିସାଙ୍କୁ ନୋଟିସ୍ କରାଯାଇଛି । ସେମାନଙ୍କୁ ମିଳିଥିବା ନୋଟିସରୁ ଜଣାପଡ଼ିଛି କି, ମୋନାଲିସାଙ୍କ ବୟସ ସମ୍ପର୍କରେ ତଦନ୍ତ କରାଯିବ । ଫରମାନଙ୍କୁ ବିବାହ କରିବା ପରେ ବୟସ ପ୍ରମାଣପତ୍ର ଦେବାକୁ ପଡ଼ିବ । ଜାତୀୟ ମାନବାଧିକାରୀ କମିଶନ ଦିଲ୍ଲୀ ଖାରଗୋନ୍ ପୁଲିସ ଅଧିକ୍ଷକଙ୍କୁ ନୋଟିସ୍ କରିଛନ୍ତି । ସେ ଏହାର ତଦନ୍ତ କରିବେ । ସେପଟେ ମଧ୍ୟପ୍ରଦେଶ ଏବଂ କେରଳର ମୁଖ୍ୟ ସଚିବ ଏବଂ ଡିଜିପିଙ୍କୁ ମଧ୍ୟ ସମନ୍ୱୟ ରକ୍ଷା କରିବା ପାଇଁ କୁହାଯାଇଛି । ମୋନାଲିସାଙ୍କୁ ବିବାହ କରିଥିବା ଫରମାନଙ୍କ ବିରୋଧରେ ପୂର୍ବରୁ ସନୋଜ ମିଶ୍ରା ଏବଂ ମୋନାଲିସାଙ୍କ ପରିବାର ବର୍ଷିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି କି, ମୋନାଲିସା ନାବାଳିକା ତାଙ୍କୁ ଫଶାଇ ବିବାହ କରିଛି ଫରମାନ । ନାବାଳିକା ହୋଇଥିବାରୁ ଫରମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଅଭିଯୋଗ କରିଛନ୍ତି କାଗଜପତ୍ର ଭୁଲ୍ କରି ସେମାନେ ବିବାହ କରିଛନ୍ତି । ଏଣୁ ଏହାର ଯାଞ୍ଚ ହେଉ ବୋଲି ପୂର୍ବରୁ କହିଥିଲେ । ଆଉ ଏବେ ଯାଞ୍ଚ କରାଯିବା ନେଇ ନୋଟିସ୍ ହୋଇଛି ।

# ପ୍ରତି ବର୍ଷ ୩୦୦ ପ୍ଲୁଟୋନିୟମ ପରମାଣୁ ବମ୍ ତିଆରି କରିବ ଭାରତ, ଟେନସନରେ ପାକିସ୍ତାନ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ପରମାଣୁ ଉର୍ଜା କାର୍ଯ୍ୟକ୍ରମରେ ଭାରତକୁ ଆଉ ପାଦେ ସଫଳତା । ଭାରତୀୟ ବୈଜ୍ଞାନିକମାନେ ତାମିଲନାଡୁର କଲ୍ପକ୍କମରେ ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ନିର୍ମିତ ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡର୍ ରିଆକ୍ଟର (PFBR)ର କ୍ରିଟିକାଲିଟି ହାସଲ କରିଛନ୍ତି । ସାରା ବିଶ୍ୱ ଭାରତକୁ ପ୍ରଶଂସାରେ ପୋତି ପକାଉଛି । ହେଲେ ପଡୋଶୀ ପାକିସ୍ତାନର ଛାତି ଧଡ଼ଧଡ଼ ହେଲାଣି । ଭାରତ ଏହି କ୍ଷମତା ହାସଲ କରିବା ପରେ ତୀବ୍ର ଗତିରେ ପ୍ଲୋଟୋନିୟମ ପରମାଣୁ ବମ୍ ତିଆରି କରିବ ବୋଲି ପାକିସ୍ତାନର ଆର୍ମସ୍ କଣ୍ଟ୍ରୋଲ ପରାମର୍ଶଦାତା ଜାହିର କାଜମୀ ଅଭିଯୋଗ କରିଛନ୍ତି । ଜାହିର କାଜମୀ କହିଛନ୍ତି ଯେ, ଭାରତର ଏହି ଅସୁରକ୍ଷିତ ପରମାଣୁ କାର୍ଯ୍ୟକ୍ରମ, ଯେଉଁଥିରେ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ PFBR ଏବଂ ଆଠଟି PHWR ଅନ୍ତର୍ଭୁକ୍ତ, ଏହାର ପରମାଣୁ ଅସ୍ତ୍ର କ୍ଷମତାକୁ ଆହୁରି ବୃଦ୍ଧି କରିବ । ଭାରତର ନୂଆ ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡର ରିଅକ୍ଟରର ଅସ୍ତ୍ର-ଗ୍ରେଡ୍ ପ୍ଲୁଟୋନିୟମ୍ ଉତ୍ପାଦନକୁ ଅକହୁରି ପ୍ରୋତ୍ସାହନ ଦେବ । ଭବିଷ୍ୟତରେ, ଭାରତ ପ୍ରତିବର୍ଷ ୩୦୦ ପରମାଣୁ ଅସ୍ତ୍ର ଉତ୍ପାଦନ କରିବାର କ୍ଷମତା ରଖିବ । ଜାହିର କାଜମୀ ପୁଣି କହିଛନ୍ତି ଯେ, ପ୍ରାୟ ୪୮୦-୨୬୦୦ ପରମାଣୁ ଅସ୍ତ୍ରଶସ୍ତ୍ର, ଶହ ଶହ କିଲୋଗ୍ରାମର ଅସ୍ତ୍ର-ଗ୍ରେଡ୍



ପ୍ଲୁଟୋନିୟମ୍, ବହୁ ଟନ୍ ବିଶିଷ୍ଟ HEU, ଏବଂ ଦୁଇ କ୍ଷମତା ସମ୍ପନ୍ନ କ୍ଷେପଣାସ୍ତ୍ରର ବର୍ଦ୍ଧିତ ଅସ୍ତ୍ରାଗାର ସହିତ, ଭାରତ ବିଶ୍ୱରେ ଏକ ପ୍ରମୁଖ ଅସ୍ଥିରତା ସୃଷ୍ଟିକାରୀ କାରକ ପାଲଟିଛି ।

# ସୁଧୁରୁଛି ଭାରତ-ବାଂଲା ସମ୍ପର୍କ, ଅଜିତ ଡୋଭାଲଙ୍କ ଘରେ ଡିନର କଲେ ବାଂଲାଦେଶ ବୈଦେଶିକ ମନ୍ତ୍ରୀ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ସୁଧୁରୁଛି ଭାରତ-ବାଂଲାଦେଶ ସମ୍ପର୍କ । ନୂଆ ସରକାର ଆସିବା ପରେ ନିକଟତର ହେଉଛନ୍ତି ଦୁଇ ପଡୋଶୀ । ଏହି ମଧ୍ୟରେ ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଖଲିଲୁର ରହମାନ ତିନି ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ସେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଘରେ ଡିନର କରିଛନ୍ତି । ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଗାଦିଚ୍ୟୁତ ହେବାପରେ ଦୀର୍ଘ ୧୮ ମାସ ହେଲା ଦୁଇ ଦେଶ ମଧ୍ୟରେ ତିକ୍ତତା ଜାରି ରହିଥିଲା । ହେଲେ ନୂଆ ସରକାର ଆସିବା ପରେ ଦୀର୍ଘ ୧୮ ମାସ ପରେ ବାଂଲା ମନ୍ତ୍ରୀ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ରହମାନ ବୁଧବାର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଅନ୍ୟ ମନ୍ତ୍ରୀଙ୍କୁ ବି ଭେଟିବେ ।



ବାଂଲାଦେଶ ବୈଦେଶିକ ମନ୍ତ୍ରୀ ଖଲିଲୁର ରହମାନ ତିନି ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଘରେ ସେ ଡିନର କରିଥିଲେ । ଆଜି ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ସହ ସେ ବୈଠକ କରିବେ । ଏହି ଅବସରରେ ଦୁଇ ଦେଶର ସମ୍ପର୍କରେ ସୁଧାର ଆସିବ । ଚଳିତ ବର୍ଷ ଶେଷ ହେବାକୁ ଥିବା ଗଙ୍ଗା ଜଳ ଚୁକ୍ତି ଆଗକୁ ବଢ଼ାଇବାକୁ ଆଲୋଚନା ହୋଇପାରେ । ଏତଦ୍ ବ୍ୟତୀତ ପେଟ୍ରୋଲ-ଡିଜେଲ୍ ସପ୍ଲାଇ ଭଳି ପ୍ରସଙ୍ଗରେ ଆଲୋଚନା ହୋଇପାରେ । ବାଂଲାଦେଶ ଭାରତ ଠାରୁ ଅତିରିକ୍ତ ଇନ୍ଧନ ଚାହୁଁଛି । ସବୁଠୁ ବଡ଼ କଥା ହେଲା, ବାଂଲାଦେଶ ଏବେ ତାର ଭାବମୂର୍ତ୍ତି ପରିବର୍ତ୍ତନ କରୁଛି । ଖଲିଲୁର ରହମାନ ଭାରତ ଆସିବା ପୂର୍ବରୁ ପ୍ରଧାନମନ୍ତ୍ରୀ ତାରିକ ରହମାନ ତାଙ୍କ ଅଞ୍ଚଳର ୫ଟି ହିନ୍ଦୁ ମନ୍ଦିର ପାଇଁ ୬.୫ କୋଟି ଟାକା ଆର୍ଥିକ ସହାୟତା ଘୋଷଣା କରିଥିଲେ ।

## ହିନ୍ଦୁ ଦେବା-ଦେବୀଙ୍କ ଉପରେ ଆପତ୍ତିଜନକ୍ ପୋଷ୍ଟ

# ସାମ୍ବାଦିକା ରାଣା ଆୟୁବଙ୍କ ବିରୋଧରେ ହାଇକୋର୍ଟଙ୍କ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):** ହିନ୍ଦୁ ଦେବା-ଦେବୀଙ୍କ ପ୍ରତି ଅପମାନଜନକ ଓ ଉତ୍ତେଜନାକାରୀ ବୟାନକୁ ନେଇ ଦିଲ୍ଲୀ ହାଇକୋର୍ଟଙ୍କ କଡା ପଦକ୍ଷେପ । ସାମ୍ବାଦିକା ଆୟୁବ ରାଣାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ କୋର୍ଟ ଆୟୁବଙ୍କୁ ନୋଟିସ୍ ଜାରି କରି ନିଜର ପକ୍ଷ ରଖିବାକୁ କହିଛନ୍ତି । ଏହି ମାମଲାରେ ୨୦୧୩ ରୁ ୨୦୧୭ ଭିତରେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କରାଯାଇଥିବା ପୋଷ୍ଟ ସହିତ ଜଡିତ । ଯେଉଁଥିରେ ତାଙ୍କ ଉପରେ ଭାରତ ବିରୋଧି ଭବନା ସୃଷ୍ଟି କରିବାର ଅଭିଯୋଗ ରହିଛି । କୋର୍ଟ ଏହି ମାମଲାର ଗମ୍ଭୀରତାକୁ ଦେଖି ସମ୍ପର୍କିତ ପକ୍ଷକୁ ଜବାବ ମାଗିଛନ୍ତି । ଏହି ମାମଲା ୨୦୧୩ ରୁ ୨୦୧୭ ଭିତରେ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କରାଯାଇଥିବା ପୋଷ୍ଟ ସହିତ ଜଡିତ । ଯେଉଁଥିରେ ତାଙ୍କ ଉପରେ ଭାରତ ବିରୋଧି ଭାବନା ସୃଷ୍ଟି କରିବାର ଅଭିଯୋଗ ଲଗାଯାଇଛି। କୋର୍ଟ ଏହି ମାମଲାକୁ ଗମ୍ଭୀର ବୋଲି ମାନିବା ସହ ସମ୍ପର୍କିତ ପକ୍ଷକୁ ଜବାବ ମାଗିଛନ୍ତି । ଶୁଣାଣି ସମୟରେ, କୋର୍ଟ ହିନ୍ଦୁ ଦେବତା ଏବଂ ବୀର ସାଭରକରଙ୍କ ସମ୍ପର୍କରେ ରାଣା ଆୟୁବଙ୍କ କିଛି ବାର୍ତ୍ତାକୁ କଡ଼ା ସମାଲୋଚନା କରିଥିଲେ । କୋର୍ଟ କହିଥିଲେ ଯେ ଏହି ବାର୍ତ୍ତାଗୁଡ଼ିକ ଆପତ୍ତିଜନକ, ଉତ୍ତେଜକ ଏବଂ ସାମ୍ପ୍ରଦାୟିକ ପ୍ରକୃତିର ମନେହୁଏ, ଯାହା ସମାଜରେ ଉତ୍ତେଜନା ସୃଷ୍ଟି କରିବାର ସମ୍ଭାବନା ଥାଏ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଏପରି ମାମଲାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । କୋର୍ଟ ରାଣା ଆୟୁବଙ୍କୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି ଓ ତାଙ୍କୁ ଏହି ମାମଲାରେ ନିଜର ପକ୍ଷ ରଖିବାକୁ କହିଛନ୍ତି । କୋର୍ଟ କହିଛନ୍ତି, ଏହି ମାମଲା ସାର୍ବଜନୀକ ଭାବନା ଓ ସାମାଜିକ ସୌହାର୍ଦ୍ଦ ସହିତ ଜଡିତ, ତେଣୁ ଏହାର ଗମ୍ଭୀରତାକୁ ଦେଖି ସବୁ ପକ୍ଷଙ୍କୁ ଜବାବ୍ ସମୟରେ ଆସିବା ଜରୁରୀ । ଏହା ସହ ଦିଲ୍ଲୀ ହାଇକୋର୍ଟ ଦିଲ୍ଲୀ ପୋଲିସ, କେନ୍ଦ୍ର ସରକାର ଓ ସୋସିଆଲ ସାଇଟ୍ ଏକ୍ସକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆଗାମୀ ଦିନ ପର୍ଯ୍ୟନ୍ତ ନିଜର ଜବାବ୍ ଦାଖଲ କରନ୍ତୁ। କୋର୍ଟ ଏହି ମାମଲାରେ ଆଗାମୀ ଶୁଣାଣୀ ୧୦ ଏପ୍ରିଲକୁ କରିବେ, ଯେଉଁଠି ପୁରା ମାମଲା ଉପରେ ବିସ୍ତାର ଭାବରେ ଚର୍ଚ୍ଚା କରାଯିବ ।



# ଯୁଦ୍ଧରେ ବିରାମ: ହର୍ମୁଜ ପ୍ରଣାଳୀରୁ ହଟିଲା ସଙ୍କଟ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ପ୍ରଳୟଙ୍କାରୀ ଯୁଦ୍ଧରେ ଦୁଇ ସପ୍ତାହର ସାମରିକ ବିରାମ ଘୋଷଣା ସହ ବିଶ୍ୱ ଅର୍ଥନୀତିର ଧମନୀ 'ହର୍ମୁଜ ପ୍ରଣାଳୀ'କୁ ମୁକ୍ତ କରାଯାଇଛି । ପାକିସ୍ତାନର ମଧ୍ୟସ୍ଥତା ଓ ଇରାନର ପ୍ରତିବଦ୍ଧତା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ବିସ୍ଫୋରକ ନିଷ୍ପତ୍ତି ଭାରତର ଶକ୍ତି ସୁରକ୍ଷା କ୍ଷେତ୍ରରେ ଉପୁଜିଥିବା ଅନ୍ଧକାରମୟ ସଙ୍କଟକୁ ଦୂର କରିଛି । ଯୁଦ୍ଧ ଯୋଗୁଁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇ ଭାରତୀୟ ବଜାର



ଉପରେ ଯେଉଁ ଭୀଷଣ ଚାପ ସୃଷ୍ଟି ହୋଇଥିଲା, ଏହି ଯୁଦ୍ଧବିରତି ତାହାକୁ ଅତି ଶୀଘ୍ର ପ୍ରଶମିତ କରିବ । ସାମରିକ ପରିଭାଷାରେ ଏକ ବୃହତ ମୋଡ଼ ଆଣି ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ପ୍ରଚଣ୍ଡ ବୋମାମାଡ଼କୁ ସ୍ଥଗିତ ରଖିଥିବାବେଳେ ଇରାନ ସେନା ଜାହାଜଗୁଡ଼ିକର ସୁରକ୍ଷିତ ପ୍ରସ୍ଥାନ ପାଇଁ ରାଜି ହୋଇଛି । ଏହାର ସୁଯୋଗ ନେଇ ଭାରତୀୟ ଏଲପିଜି ଟ୍ୟାଙ୍କର୍ 'ଗ୍ରୀନ୍ ସାନଭି' ଓ 'ଗ୍ରୀନ୍ ଆଶା' ପ୍ରାୟ ୬୨,୦୦୦ ଟନ୍ ଗ୍ୟାସ୍ ଧରି ଯୁଦ୍ଧକାଳୀନ ଭିତ୍ତିରେ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ପାରସ୍ୟ ଉପସାଗରରେ ଅଟକି ରହିଥିବା ଅନ୍ୟ ୧୬ଟି ଭାରତୀୟ ଜାହାଜ ମଧ୍ୟ ଏହି କୂଟନୈତିକ ୱିଣ୍ଡୋରୁ ସୁରକ୍ଷିତ ଫେରିବା ପାଇଁ ସବୁଜ ସଙ୍କେତ ପାଇଛନ୍ତି । ଦେଶର ୯୦% ଏଲପିଜି ଓ ୪୦% ଅଶୋଧିତ ତୈଳର ଆମଦାନୀ ପଥ ପୁଣି ଥରେ ଉନ୍ମୁକ୍ତ ହେବା ଭାରତର ଆର୍ଥିକ ସାର୍ବଭୌମତ୍ୱ ପାଇଁ ଏକ ବଡ଼ ବିଜୟ ।

ସ୍ୱାଧିକାର
The Swadhikar
ଏପ୍ରିଲ୍ ୦୯, ଗୁରୁବାର ୨୦୨୬
କେନ୍ଦ୍ରାପଡ଼ା



# ଇଣ୍ଡିଆନ୍ସକୁ ହରାଇଲେ ରୟାଲ୍ସ

## ଯଶସ୍ୱୀ, ବୈଭବଙ୍କ ଭୟଙ୍କର ବ୍ୟାଟିଂ

ଗୁଆହାଟୀ,୮।୪: ଚଳିତ ଆଇପିଏଲ୍‌ର ୧୩ତମ ମ୍ୟାଚ୍‌ରେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ୨୭ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୧୫୧ ରନ୍‌ର ବଡ ବିଜୟ ଲକ୍ଷ୍ୟର ଚାପରେ ଚାପି ହୋଇ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ୩ ଓଭରରେ ୩ ୱିକେଟ୍ ହରାଇ ସଙ୍କଟରେ ପଡିଥିଲା। ଏହାପରେ ମଧ୍ୟ ଲଗାତାର ୱିକେଟ୍ ହରାଇ ଦଳ ୯ ୱିକେଟ୍‌ରେ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ସେର୍ଫାନ୍ ରଦରଫୋର୍ଡ ୨୫, ନମନ ଧୀର ୨୫ ଓ ତିଳକ ବର୍ମା ୧୪ କେବଳ ଦୁଇଅଙ୍କ ଛୁଇଁ ପାରିଥିଲେ।




ବର୍ଷା ଯୋଗୁଁ ପ୍ରାୟ ୩ ଘଣ୍ଟା ବିଳମ୍ବରେ ମ୍ୟାଚ୍ ଆରମ୍ଭ ହେବାରୁ ୧୧ ଓଭରିଆ କରାଯାଇଥିଲା। ଏଥିରେ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ଘରୋଇ ଦଳ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ରୟାଲ୍ସକୁ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୀପକ ଚାହରଙ୍କ ପ୍ରଥମ ଓଭରରୁ ଜୟସ୍ୱାଲ ୨୨ ରନ୍ ଆଦାୟ କରି ନେଇଥିଲେ। ଦ୍ୱିତୀୟ ଓଭର ଯଶପ୍ରୀତ ବୁମ୍ରା ପକାଇଥିଲେ। ୧୫ ବର୍ଷୀୟ ବ୍ୟାଟର୍ ସୂର୍ଯ୍ୟବଂଶୀ ତାଙ୍କୁ ଛକା ମାରି ସ୍ୱାଗତ କରିଥିଲେ। ଏହି ଓଭରରୁ ୧୪ ରନ୍ ସଂଗ୍ରହ ହୋଇଥିଲା ପର ଓଭରରେ ଟ୍ରେଣ୍ଟ ବୋଲ୍ଟ ୨୨ ରନ୍ ବ୍ୟୟ କରିବାରୁ ୩.୨ ପାୱାର ପ୍ଲେରେ ଆର୍‌ଆର୍ ବିନା କ୍ଷତିରେ ୫୯ ରନ୍ ଯୋଡି ନେଇଥିଲା। ପଞ୍ଚମ ଓଭରର ଶେଷ ବଲ୍‌ରେ ସୂର୍ଯ୍ୟବଂଶୀ (୩୯, ୧୪ ବଲ୍, ୧ ଚୌକା, ୫ ଛକା)ଙ୍କୁ ଶାର୍ଦ୍ଦୁଳ ଠାକୁର ଆଉଟ୍ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଧ୍ରୁବ ଜୁରେଲ (୨) ସଅଳ ଆଉଟ୍ ହୋଇଥିଲା ବେଳେ ଅଧିନାୟକ ରିୟାନ ପରାଗ (୧୦ ବଲ୍‌ରୁ ୨୦) ବଡ ସ୍କୋର୍ କରିବା ପୂର୍ବରୁ ପ୍ୟାଭିଲିୟନ୍ ଫେରିଥିଲେ। ଉଭୟଙ୍କୁ ଆଲ୍ଲା ଗଜନ୍‌ଫର୍ ଆଉଟ୍ କରିଥିଲେ। ଗୋଟିଏ ପଟେ ୱିକେଟ୍ ଖସୁଥିଲା ବେଳେ ଜୟସ୍ୱାଲ ବିସ୍ଫୋରକ ବ୍ୟାଟିଂ ଜାରି ରଖି ୩୨ ବଲ୍‌ରୁ ୧୦ ଚୌକା, ୪ ଛକା ସହାୟତାରେ ଅପରାଜିତ ୭୭* ରନ୍ କରି ଦଳୀୟ ସ୍କୋର୍ ୧୧ ଓଭରରେ ୧୫୦/୩ରେ ପହଞ୍ଚାଇଥିଲେ। ସଂକ୍ଷିପ୍ତ ସ୍କୋର୍: ରାଜସ୍ଥାନ ରୟାଲ୍ସ ୧୧ ଓଭରରେ ୧୫୦/୩ (ଯଶସ୍ୱୀ ଜୟସ୍ୱାଲ ୭୭*, ବୈଭବ ସୂର୍ଯ୍ୟବଂଶୀ ୩୯, ରିୟାନ ପରାଗ ୨୦, ଆଲ୍ଲା ଗଜନ୍‌ଫର୍ ୨/୨୧, ଶାର୍ଦ୍ଦୁଳ ଠାକୁର ୧/୩୬)। ମୁମ୍ବାଇ ଇଣ୍ଡିଆନ୍ସ ୧୧ ଓଭରରେ ୧୨୩/୯ (ସେର୍ଫାନ୍ ରଦରଫୋର୍ଡ ୨୫, ନମନ ଧୀର ୨୫, ନାନ୍ଦ୍ରେ ବର୍ଗର ୨/୨୧, ରବି ବିଷ୍ଣୋଇ ୨/୨୫ , ସନ୍ଦୀପ ଶର୍ମା ୨/୨୬)।

# ଖେଳପଡିଆ ଦୁର୍ଘଟଣା ରୋକିବାକୁ ନିୟମାବଳୀ

ନୂଆଦିଲ୍ଲୀ,୮।୪(ଏଜେନ୍ସି); ସାମ୍ପ୍ରତିକ କିଛି ଖେଳପଡିଆ ଦୁର୍ଘଟଣାକୁ ନଜରରେ ରଖି ଭାରତ ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ଏକ ନୂଆ ନିୟମାବଳୀ ଜାରି କରିଛି। ସମସ୍ତ ରାଜ୍ୟ ସରକାରଙ୍କୁ ତୁରନ୍ତ ଲାଗୁ କରିବାକୁ ନିର୍ଦ୍ଦେଶ ବି ଦେଇଛି। ଖେଳପଡିଆ ଦୁର୍ଘଟଣାକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଗୁଡିକ ଆବଶ୍ୟକ ପଦକ୍ଷେପ ନେବାକୁ ଏଥିରେ କୁହାଯାଇଛି। କ୍ରୀଡା ଭିତ୍ତିଭୂମିରେ ଥିବା ସରଞ୍ଜାମ, ବିଭିନ୍ନ ସୁବିଧା ସୁଯୋଗ, ଷ୍ଟାଡିୟମ୍‌ରେ ଥିବା କୋଠାବାଡି ତଥା ଷ୍ଟ୍ରକ୍‌ଚରାଲ୍ ସ୍ଥିତି ସହିତ କେଣସି ବିପଜ୍ଜନକ ଆଶଙ୍କା ପ୍ରତି ସତର୍କ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।





କେଣସି ଷ୍ଟ୍ରକ୍‌ଚର୍ ମରାମତି ଯୋଗ୍ୟ ନଥିଲେ ଚେତାବନୀ ରଖିବା ସହ ତୁରନ୍ତ ଭାଙ୍ଗିଦେବା, ଷ୍ଟାଡିୟମ୍ ଆଦିର ବିଦ୍ୟୁତ୍ ସଂଯୋଗ ତଦାରଖ କରିବା, ଦର୍ଶକ ପରିଚାଳନା ଓ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା, ନିୟମିତ ବ୍ୟବଧାନରେ କ୍ରୀଡା ବ୍ୟବସ୍ଥାର ସମୀକ୍ଷା କରିବାକୁ ଏହି ନିୟମାବଳୀରେ ରଖାଯାଇଛି। ଗତବର୍ଷ ହରିୟାଣାର ରୋହତକରେ ଏକ ଖୁଣ୍ଟ ଭାଙ୍ଗିଯିବାରୁ ଏଥିରେ ଆହତ ହୋଇ ଜଣେ ୧୬ ବର୍ଷୀୟ ଜାତୀୟସ୍ତରର ବାସ୍କେଟ୍‌ବଲ୍ ଖେଳାଳିଙ୍କ ମୃତ୍ୟୁ ହୋଇଥିଲା। ସୋମବାର ମଧ୍ୟ ପୁଣେରେ ଜଣେ ୨୦ ବର୍ଷୀୟ ମେରାଇନ୍ ଇଂଜିନିୟର୍ ଛାତ୍ର ଉପରେ ବାସ୍କେଟ୍‌ବଲ୍ ହୁପ୍ ଖସିପଡିବାରୁ ସେ ପ୍ରାଣ ହରାଇଛନ୍ତି। ଏଭଳି କିଛି ଘଟଣାକୁ ନଜରରେ ରଖି ସରକାର ରାଜ୍ୟ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି।ସରକାରଙ୍କ ଅଧୀନରେ ଥିବା ସମସ୍ତ କ୍ରୀଡା ସୁବିଧା, ନଗର, ବ୍ଲକ୍, ପଞ୍ଚାୟତ, କର୍ପୋରେଟ୍ ସଂସ୍ଥା, ସ୍ୱୟଂଶାସିତ ସଂସ୍ଥା, ଶିକ୍ଷାନୁଷ୍ଠାନ, ଷ୍ଟାଡିୟମ୍, ଇନ୍‌ଡୋର୍ ଷ୍ଟାଡିୟମ୍, ଖେଳପଡିଆ, ଓପନ୍ ଜିମ୍, ପୁଲ୍, ଛୋଟବଡ ନିର୍ମାଣ, ପୋଲ୍ସ, ସ୍କୋର୍‌ବୋର୍ଡ, ମ୍ୟାନ୍‌ହୋଲ୍, ଅସ୍ଥାୟୀ ନିର୍ମାଣ ଉପରେ ନଜର ରଖିବାକୁ କୁହାଯାଇଛି। ବଡ କ୍ରୀଡା ପ୍ରତିଯୋଗିତାଗୁଡିକ ସମୟରେ ଦର୍ଶକଙ୍କ ସୁରକ୍ଷା ଓ ପରିଚାଳନା ଉପରେ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ନିୟମାବଳୀରେ ଉଲ୍ଲେଖ କରାଯାଇଛି। ଫ୍ୟାସିଲିଟି ମ୍ୟାନେଜର୍ ଏ ଦିଗରେ ନିୟମିତ ବ୍ୟବଧାନରେ ତଦାରଖ, ଅଧିକାରୀଙ୍କ ପରିଦର୍ଶନ ଓ ସମୀକ୍ଷାର ବିବରଣୀକୁ ପଞ୍ଜୀକରଣ କରିବେ ବୋଲି ଆଦେଶ ଦିଆଯାଇଛି।

# ମଦ ପିଇ ଗାଡ଼ି ଚଳାଇବା ଅଭିଯୋଗରେ ୱାର୍ଣ୍ଣର ଗିରଫ

ସିଡନୀ,୮।୪: ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଡେଭିଡ ୱାର୍ନରଙ୍କ ପାଇଁ ଅଡୁଆ ବଢ଼ିଛି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ବେଳେ ସିଡନୀ ପୋଲିସ ତାଙ୍କୁ ଗିରଫ କରିଛି। ଏହି ଖବର ପ୍ରକାଶ ପାଇବା ପରେ କ୍ରିକେଟ ଜଗତରେ ହଲଚଲ ସୃଷ୍ଟି ହୋଇଛି। ରିପୋର୍ଟ ଅନୁଯାୟୀ, ଗତ ୫ ଏପ୍ରିଲ ସାରେ ସିଡନୀର ମାରୁବ୍ରା ଅଞ୍ଚଳରେ ପୋଲିସ ଗାଡ଼ି ଗୁଡ଼ିକର ଯାଞ୍ଚ କରୁଥିଲା। ଏହି ସମୟରେ ୱାର୍ନର ପୋଲିସ ଚେକ୍-ପୋଷ୍ଟ ଦେଖି ନିଜ ଗାଡ଼ିକୁ କିଛି ଦୂରରେ ଅଟକାଇ ଦେଇଥିଲେ। ଏହା ଦେଖି ପୋଲିସର ସନ୍ଦେହ ହୋଇଥିଲା। ଯାଞ୍ଚ ପରେ ତାଙ୍କର 'ବ୍ରେଥ ଆନାଲିସିସ୍' କରାଯାଇଥିଲା। ରିପୋର୍ଟରେ ୱାର୍ନରଙ୍କ ଶରୀରରେ ମଦ ପରିମାଣ ସୀମାଠାରୁ ଦୁଇ ଗୁଣରୁ ଅଧିକ ଥିଲା। ଏଣୁ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ନେଇଥିଲା ଏବଂ ପରେ ଏକ କୋର୍ଟ ନୋଟିସ ଦେଇ ଛାଡ଼ି ଦେଇଛି। ଆସନ୍ତା ମଇ ୭ ତାରିଖରେ ତାଙ୍କୁ କୋର୍ଟରେ ହାଜର ହେବାକୁ ପଡ଼ିବ।ୱାର୍ନର ଚଳିତ ଆଇପିଏଲ (ଓଟଖ)ରେ ଖେଳୁନାହାନ୍ତି, ସେ ଚଝଖ-୨୦୨୬ ରେ 'କରାଚି କିଙ୍ଗସ' (କବକ୍ସବମଷସ କସଭଶକ୍ସ) ର ଅଧିନାୟକତ୍ୱ କରୁଛନ୍ତି। ୱାର୍ନରଙ୍କ ନେତୃତ୍ୱରେ ଦଳ ପ୍ରଥମ ୩ଟି ଯାକ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅଛି। ଏପ୍ରିଲ ୩ରେ ସେ ପରିବାର ସହ ସମୟ ବିତାଇବା ପାଇଁ ଅଷ୍ଟ୍ରେଲିଆ ଆସିଥିଲେ। ଆସନ୍ତା ୯ ଏପ୍ରିଲରେ କରାଚି କିଙ୍ଗସର ପରବର୍ତ୍ତୀ ମ୍ୟାଚ୍ ରହିଛି।ୱାର୍ନରଙ୍କୁ ପୋଲିସ ଛାଡ଼ି ଦେଇଥିବାରୁ ଏବଂ ତାଙ୍କ ଉପରେ କୌଣସି ଯାତ୍ରା କଟକଣା (ଈବସକ୍ଷ ମକ୍ଟଭୟସକ୍ସସକ୍ଟଭକ୍ସ) ନ ଥିବାରୁ ସେ ପାକିସ୍ତାନ ଫେରିବା ପାଇଁ ସ୍ୱାଧୀନ ଅଛନ୍ତି। କିନ୍ତୁ ଏହି ବିବାଦ ପରେ ଫ୍ରାଞ୍ଚାଇଜ କିମ୍ବା ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କ ବିରୋଧରେ କୌଣସି ଆନୁଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା।

---

## ୧୫ ଦିନିଆ... (ପ୍ରଥମ ପୃଷ୍ଠାରୁ)

ଶେଷ ହେବା ମାତ୍ରେ କଠୋର ପଦକ୍ଷେପ ନେବାକୁ ଚେତାବନୀ ଦେଇଛି।ଦୁଇ ସପ୍ତାହ ଯୁଦ୍ଧବିରତି ଘୋଷଣାକୁ ବିଶ୍ୱ ସ୍ତରରେ ସ୍ୱାଗତ କରାଯାଇଛି। ଭାରତ, କତର ଏବଂ ୟୁରୋପୀୟ ସଂଘ ଶାନ୍ତି ପ୍ରତିଷ୍ଠା ପାଇଁ ଆଶା ପ୍ରକଟ କରିଥିବା ବେଳେ ପୋପ୍ ଲିଓ ଏହାକୁ ମାନବଜାତି ପାଇଁ ଆଶାର କିରଣ ବୋଲି କହିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଚୁକ୍ତିରେ ଲେବାନନକୁ ସାମିଲ କରିବା ପାଇଁ ଜୋର୍? ଦେଇଛନ୍ତି, କାରଣ ଇସ୍ରାଏଲ ଏବେ ମଧ୍ୟ ଏହା ବିଭିନ୍ନ ସହର ସମେତ ଦକ୍ଷିଣ ଲେବାନନରେ ହେଜବୁଲ୍ଲା ବିରୋଧରେ ଆକ୍ରମଣ ଜାରି ରଖିଛି। ଏଭଳି ସ୍ଥିତିରେ ଇରାନ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ନିଜର ପୂର୍ଣ୍ଣ ବିଜୟ ଘୋଷଣା କରିବା ସହ ଆମେରିକାର ଶୋଚନୀୟ ପରାଜୟ ହୋଇଥିବା କହିଛି। ଇରାନର ସମସ୍ତ ପ୍ରମୁଖ ସର୍ତ୍ତକୁ ଆମେରିକା ଗ୍ରହଣ କରିଛି ବୋଲି ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଦାବି କରିଛନ୍ତି। ଆମେରିକା ମଧ୍ୟ ସର୍ତ୍ତ ଗ୍ରହଣ ନେଇ ସକାରାତ୍ମକ ସଙ୍କ?ତ ଦେଇଥିବାରୁ ଇସ୍ରାଏଲ ଓ ୟୁଏଇ ଭଳି ମିତ୍ର ଦେଶଗୁଡ଼ିକ ଆମେରିକାର ଏହି ପଦକ୍ଷେପକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ସେମାନଙ୍କର ଭୟ ଯେ ଆମେରିକୀୟ ସେନା ପ୍ରତ୍ୟାହାର ହେଲେ ଅଞ୍ଚଳରେ ଏକ ସ୍ଥାୟୀ ଶକ୍ତି ଶୂନ୍ୟତା ସୃଷ୍ଟି ହେବ। ବର୍ତ୍ତମାନର ଯୁଦ୍ଧବିରତି ଘୋଷଣାର ସଫଳତା ଇସଲାମାବାଦରେ ହେବାକୁ ଥିବା ପରବର୍ତ୍ତୀ ଆଲୋଚନାର ଫଳାଫଳ ଉପରେ ମୁଖ୍ୟତଃ ନିର୍ଭର କରୁଛି। ୱାସିଂଟନ ପ୍ରକୃତରେ ଇରାନର ଦାବିଗୁଡ଼ିକୁ ପୂରଣ କରିବ କି ନାହିଁ, ସେଥିପାଇଁ ସାରା ବିଶ୍ୱ ଅପେକ୍ଷା କରିଛି।ଯୁଦ୍ଧବିରତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ଇରାନର ଟୋଲ୍ ଆଦାୟ ପ୍ରସ୍ତାବ ଭବିଷ୍ୟତରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିବାର ଆଶଙ୍କା ରହିଛି। ଦୁଇ ସପ୍ତାହର ବିରତି ସ୍ଥାୟୀ ଶାନ୍ତିରେ ପରିଣତ ହେବାନେଇ ଅନେକ

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଆମେରିକା ତାର ସାମରିକ ଉଦ୍ଦେଶ୍ୟ ହାସଲ କରିସାରିଛି ଏବଂ ବର୍ତ୍ତମାନ ଇରାନ ସହିତ ଏକ ଦୀର୍ଘକାଳୀନ ଶାନ୍ତି ଚୁକ୍ତିନାମା ପାଇଁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ଇରାନରୁ ଏକ ୧୦ ସୂତ୍ରୀ ପ୍ରସ୍ତାବ ମିଳିଛି। ଏନେଇ ଆଲୋଚନା କରାଯିବ। ଆମେରିକା ଏବଂ ଇରାନ ମଧ୍ୟରେ ଅଧିକାଂଶ ଦୀର୍ଘକାଳୀନ ବିବାଦ ଉପରେ ସହମତି ହୋଇଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଚୁକ୍ତିନାମାକୁ ଚୂଡ଼ାନ୍ତ ର ପାଇଁ ପ୍ରୟାସ କରାଯିବ। ଯଦି ସବୁକିଛି ଯୋଜନା ଅନୁଯାୟୀ ହୁଏ, ତେବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଖୁବଶୀଘ୍ର ବନ୍ଦ ହୋଇଯିବ, ଶାନ୍ତି ଫେରିବ।

ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଇସଲାମାବାଦରେ ଆମେରିକା ସହ ୧୦ ସୂତ୍ରୀ ପ୍ରସ୍ତାବ ଉପରେ ଆଲୋଚନା କରାଯିବ। ଅସ୍ତ୍ରବିରତିର ଅର୍ଥ ଯୁଦ୍ଧ ସମାପ୍ତି ନୁହେଁ। ଏବେବି ଟ୍ରିଗର ଆମ ହାତରେ ଅଛି। କିଛିବି ଏପଟ ସେପଟ ହେଲେ ପୁରା ଦମ୍? ରେ ଜବାବ ଦିଆଯିବ। ସୂଚନା ଥାଉକି, ପ୍ରାୟ ୧୫ ଦିନ ଯାଏଁ ଏହି ଆଲୋଚନା ଚାଲିପାରେ। ଉଭୟ ପକ୍ଷ ଏଥିରେ ସହମତ ହେଲେ ଯୁଦ୍ଧ ବନ୍ଦ ହୋଇପାରେ।

ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ ସ୍ପଷ୍ଟ କରିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାରେ ଚୀନ୍ ସକ୍ରିୟ ଭୂମିକା ଗ୍ରହଣ କରୁଛି। ସେ କହିଛନ୍ତି ଯେ ଚୀନ୍ ନିରନ୍ତର ଏକ ଅସ୍ତ୍ରବିରତି ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛି ଏବଂ ଉପସାଗରୀୟ ଅଞ୍ଚଳ ସମେତ ସମଗ୍ର ମଧ୍ୟପ୍ରାଚ୍ୟରେ ସ୍ଥିରତା ଫେରାଇ ଆଣିବାରେ "ଗଠନାତ୍ମକ ଭୂମିକା" ନିର୍ବାହ କରିବ।

ଚୀନର ପ୍ରତିକ୍ରିୟା ଏପରି ସମୟରେ ଆସିଛି ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ ଯେ ଚୀନ ଇରାନକୁ ଆଲୋଚନା ଟେବୁଲକୁ ଆଣିବାରେ ସାହାଯ୍ୟ କରିଛି। ଏହି ମତ ଚୀନର ନିଜକୁ ମଧ୍ୟସ୍ଥି ଏବଂ ସନ୍ତୁଳନ ଶକ୍ତି ଭାବରେ ଉପସ୍ଥାପନ କରିବାର ଇଚ୍ଛାକୁ ସୂଚାଇଥାଏ, ବିଶେଷକରି ଯେତେବେଳେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତ?ଜନା ଶୀର୍ଷରେ ଅଛି।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଚୀନ୍ ପ୍ରକୃତରେ ଆଲୋଚନାକୁ ଆଗକୁ ବଢ଼ାଇବାରେ ସଫଳ ହୁଏ, ତେବେ ଏହା ବିଶ୍ୱ କୂଟନୀତିରେ ଏହାର ଭୂମିକାକୁ ଆହୁରି ମଜବୁତ କରିପାରିବ ଏବଂ ସଂଘର୍ଷକୁ କମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରମାଣିତ ହୋଇପାରେ।

## ଭାରତକୁ ପ୍ରଶଂସା...

ଖୁବ୍? ଭଲ ଥିଲା। ଭାରତର ବିଦେଶ ବ୍ୟାପାର ମନ୍ତ୍ରୀ ମଧ୍ୟ ତାଙ୍କ ଇରାନ ପ୍ରତିପକ୍ଷଙ୍କ ସହ ଅନେକ ଥର ସଫଳପ୍ରଦ କଥା ହୋଇଛନ୍ତି। ଅତ୍ୟନ୍ତ ଭାବପ୍ରବଣ ଭାବେ ଇଲାହି ଭାରତୀୟଙ୍କୁ ଅସାଧାରଣ ବୋଲି କହିଥିଲେ ଏବଂ ଭାରତୀୟଙ୍କୁ ସେ କିଭଳି ଭାବେ ପ୍ରଶଂସା କରିବେ ସେଥିପାଇଁ କେ?ଣସି ଭାଷା ପାଇନଥିଲେ। ଏଏନ୍?ଆଇକୁ ସାକ୍ଷାତକାର ?ଦେଇ ଇଲାହି ଗୁରୁତ୍ୱାରୋପ କରିଛନ୍ତି ଯେ ଇରାନର ଏହାର ପଡ?ଶୀମାନଙ୍କ ସହ ସଂଘର୍ଷରେ ପଶିବାର କେ?ଣସି ଇଚ୍ଛା ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ଆମେରିକା ଇରାନ ଉପରେ ଆକ୍ରମଣ ପାଇଁ ଆରବ ରାଷ୍ଟ୍ରର ସାମରିକ ଘାଟି ଗୁଡିକୁ ବ୍ୟବହାର କରିଛି। ଇଲାହି କହିଛନ୍ତି, ଇରାନ ଏବଂ ଆମେରିକା ୨ ସପ୍ତାହର ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ଆମେ ଏହି ଯୁଦ୍ଧ ଚାହିଁନଥିଲୁ ଏବଂ ଏହା ଆମ ଉପ??ରେ ଲଦି ଦିଆଯାଇଥିଲା ବୋଲି ସେ କହିଛନ୍ତି।

## ଇରାନ..

କରିବେ ନାହିଁ ବୋଲି ରାଜି ହୋଇଥିଲେ। ସେହିପରି ୨ ସପ୍ତାହ ଯାଏ ଦୁଇ ପକ୍ଷ ଯୁଦ୍ଧ ବିରତିର ନିୟମ ପାଳନ କରିବେ ବୋଲି ଘୋଷଣା କରିଥିଲେ। ତଥାପି ଇରାନ ଉପରେ ହମଲା ହୋଇଛି। ଏହାର ଜବାବରେ ଇରାନ ପକ୍ଷରୁ ମଧ୍ୟ ୟୁଏଇ ଓ କୁଏତରେ ଆଟାକ କରିଛି। ଏକାଧିକ ଡ୍ରୋନ ଓ ମିସାଇଲକୁ ଇରାନ ପକ୍ଷରୁ ୟୁଏଇର ତୈଳ ବିଶୋଧନାଗାରକୁ ଟାର୍ଗେଟ କରାଯାଇଛି। ଇରାନ ଆକ୍ରମଣରୁ କୁଏତ ମଧ୍ୟ ବର୍ତ୍ତି ପାରିନି। ଏହାବାଦ ଏପି ରିପୋର୍ଟରେ ଦାବି କରାଯାଇଛି ଯୁଦ୍ଧ ବିରତି ପରେ ମଧ୍ୟ ୟୁଏଇ, ଇସ୍ରାଏଲ, ସାଉଦି ଆରବ, ବାହାରିନ୍ ଓ କୁଏତରେ ମିସାଇଲ ଆଲର୍ଟ ଶୁଣିବାକୁ ମିଳିଛି। ଅବୁଧାବିର ଏକ ଗ୍ୟାସ୍ ପ୍ରୋସେସିଂ କେନ୍ଦ୍ର ଇରାନର ଆକ୍ରମଣ ଯୋଗୁ ଜଳି ଯାଇଛି।

## ରାମଦାସପୁରରେ...

ହେବ । ଏହା ସହିତ ଆଜି ଭୂଇଁପୁର ଠାରେ ମଧ୍ୟ ମାସ୍ ଇଣ୍ଡିଆ କ୍ଲଥ?ଂ ପ୍ରାଃ.ଲି ର ଟେକ୍ସଟାଇଲ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି । ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ । ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ । ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି । ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍‌ଯୋଗ ପ୍ରତିଷ୍ଠା କରାଯାଉଛି । ଗତବର୍ଷ ଜୁଲାଇ ମାସରେ ଓଡିଶାରେ ଟେକ୍ସଟାଇଲ ସମିଟ୍ ହୋଇଥିଲା । ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା । ଏହିସବୁ ପ୍ରସ୍ତାବ ଗୁଡିକ ଏବେ ଦୃତ ଗତିରେ କାର୍ଯ୍ୟକାରୀ ହେଉଛି ।

ସେ କହିଥିଲେ ଯେ, ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ, ଷ୍ଟାର୍ଟଅପ୍, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ୍ୟ ଏହାର ପ୍ରଭାବ ପଡିଥାଏ । ଏହା ଏକ ସୁଦୃଢ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ ଗଠନ କରେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଓଡିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଜି ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ୪୧ ହଜାର କୋଟି ଟଙ୍କାର ଅନେକ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍?ଘାଟନ କରାଯାଇଥିବା ବେଳେ, ଏହି ନୂଆ ଆପାରେଲ୍ ୟୁନିଟ୍ ରାଜ୍ୟରେ ଟେକ୍ସଟାଇଲ୍ ଓ ପୋଷାକ ଶିଳ୍ପକୁ ଆହୁରି ଗତିଶୀଳ କରିବ।

ସେ ଆହୁରି କହିଥିଲେ ଯେ, ଆଜି ଦିନରେ ପ୍ରାୟ ୬୦ ହଜାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ଯାହା ଓଡିଶାର ଯୁବଶକ୍ତି ପାଇଁ ଏକ ନୂଆ ଆଶା ଜଗାଇଛି।

ସେ କହିଥିଲେ ଯେ, ଓଡିଶାକୁ ପୂର୍ବ ଭାରତର "ସୁରାଟ" କିମ୍ବା "ତିରୁପୁର" ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଟେକ୍ସଟାଇଲ୍ ଓ ଆପାରେଲ୍ କ୍ଷେତ୍ରରେ ଦକ୍ଷ ଓଡିଆ କାରିଗରମାନଙ୍କ ସମ୍ଭାବନାକୁ ରାଜ୍ୟରେ ହିଁ ଉପଯୋଗ କରିବା ପାଇଁ ନୀତିଗତ ସୁଧାର ଓ ଶିଳ୍ପ-ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି।

ସେ ଆହୁରି କହିଥିଲେ ଯେ, ରାଜ୍ୟରେ ଆପାରେଲ୍ ପାର୍କଗୁଡିକରେ 'ପ୍ଲଗ୍ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ୍ ଜମି, ବିଜୁଳି, ପାଣି ଓ ଯାତାୟାତ ସହିତ ସମସ୍ତ ମୌଳିକ ଢାଞ୍ଚା ଉପଲବ୍ଧ କରାଯାଉଛି। ଏହାଦ୍ୱାରା ନିବେଶକମାନଙ୍କ ପାଇଁ ଓଡିଶା ଏକ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିଛି। ଟେକ୍ସଟାଇଲ୍ କ୍ଷେତ୍ରରେ ପ୍ରାୟ ୭,୨୧୨ କୋଟି ଟଙ୍କାର ବିନିଯୋଗ ଓ ୪୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସାଲେପୁରର ଝିଅ ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଝିଅ ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଷ୍ଟରଙ୍ଘସକ୍ଷର ଇଣ୍ଡଷ୍ଟ୍ରି ରେ କାର୍ଯ୍ୟକରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ଅଭିଜ୍ଞତା ଓ ଦକ୍ଷ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ପାଇଥିଲେ ।

ଶିଳ୍ପ ଓ ନିଯୁକ୍ତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ସରକାରଙ୍କ ଫୋକସ୍ ହେଉଛି କିପରି ଇଣ୍ଡଷ୍ଟ୍ରି ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ । ଏହି ସବୁ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନେକ ଗଝଗର ମଧ୍ୟ ଗଢ଼ି ଉଠିବ, ଯାହାଦ୍ୱାରା ଅନେକ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପାଇବେ ।

ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ, ଞରଙ୍ଘସକ୍ଷର ଇଣ୍ଡଷ୍ଟ୍ରି ଓଡ଼ିଶାର ଶିଳ୍ପ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି । ଆମର ଦକ୍ଷ ମାନବ ସମ୍ବଳ ପାଇଁ ରାଜ୍ୟରେ ପୁଞ୍ଜି ନିବେଶ ଅନେକ ସହାୟକ ହେବ ।

ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଶ୍ରୀ ଦେବୀରଞ୍ଜନ ତ୍ରିପାଠୀ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେ?, ପେଜ୍ ଇଣ୍ଡଷ୍ଟ୍ରିଜ୍?ର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶ୍ରୀ ଭି.ଏସ୍. ଗଣେଶ୍ ଓ ରଙ୍ଘରମଙ୍କସଙ୍ଗର ଉସକ୍ସରମସକ୍ଟକ୍ସ କେ ଶ୍ରୀନିବାସନ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ସମୟ ଲାଗୁ...

ହୋଇଥିଲା। ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ରତ୍ନ ସବୁ ଗଣାଯାଇ ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଥିଲା। ଅଳଙ୍କାର ସବୁକୁ ଅଲଗା ଅଲଗା ସିନ୍ଦୁକରେ ରଖାଯିବା ସହ ସବୁ ରତ୍ନର କ୍ୟାଟ୍?ଲଗ୍? ପ୍ରସ୍ତୁତ କରାଯାଇଥିଲା। ରତ୍ନଗୁଡିକର ଓଜନ କରାଯିବା ସହ ପ୍ରଥମ ଥର ପାଇଁ ମୁଖ୍ୟ ଅଳଙ୍କାରଗୁଡିକର ୩ଡି-ମ୍ୟାପିଂ କରାଯାଇଥିଲା। ଆଜି ବାହାର ଭଣ୍ଡାର ଖୋଲା ହୋଇଥିଲା। ଏହି ପ୍ରକ୍ରିୟା ଲଗାତାର ୪ ଦିନ ଧରି (୧୧ ତାରିଖ ଯାଏଁ) ଚାଲିବ ବୋଲି ଆଶା କରାଯାଉଛି। ୧୨ ତାରିଖ ରବିବାର ବନ୍ଦ ରହି ପୁଣି ଥରେ ୧୩ ତାରିଖରେ ହେବ। ୧୪ ଓ ୧୫ ଦୁଇଦିନ ବନ୍ଦ ରହିବା ପରେ ୧୬ରୁ ୧୮ ତାରିଖ ତିନିଦିନ ଲଗାତାର ଜାରି ରହିବ। ଏହା ପରେ କେବେ ଗଣତି ହେବ ସେ ନେଇ ଆଲୋଚନା ପରେ ତାରିଖ ଧାର୍ଯ୍ୟ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

## ରାଜ୍ୟରେ...

ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମୃଦ୍ଧ ଓଡିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତପୂର୍ଣ୍ଣ ଫର୍ଦ୍ଧ ଯୋଡି ହୋଇଗଲା। ବର୍ତ୍ତମାନ ଓଡିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି। ଆମ ପ୍ରତିଶ୍ରୁତି, ଆମେ ନିଶ୍ଚୟ ପୂରଣ କରୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦୁଇ-ତିନି ବର୍ଷ ମଧ୍ୟରେ ଓଡିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହି ନାହିଁ, ବରଂ ଓଡିଶା ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରିବା ଆରମ୍ଭ କରିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଆମରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ। ୫୯ ହଜାର ନୂଆ ନିଯୁକ୍ତି କୌଣସି ଦୃଷ୍ଟିକୋଣରୁ ଏକ ଛୋଟ ଉପଲବ୍?ଧି ନୁହେଁ। ପୂର୍ବରୁ ଆମ ସରକାର ଏହି ୧୮-୨୦ ମାସ ମଧ୍ୟରେ ପ୍ରାୟ ଅ??ଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍?ଘାଟନ କରିଛନ୍ତି । ଯାହାଦ୍ୱାରା, ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଏବଂ ୫୯ ହଜାର ନିଯୁକ୍ତି ସୃଷ୍ଟି ହୋଇଛି ।

ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡିକ ଏବେ ଆମ ଖୋର୍ଦ୍ଧା ମାଟିରେ ତିଆରି ହେବ। ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡିଶାରେ ନିର୍ମିତ ସାମଗ୍ରୀ ବିଶ୍ୱ ବଜାରକୁ ଯିବ ଏବଂ ଆମ ଶିଳ୍ପ ବ୍ୟବସ୍ଥାକୁ ଆହୁରି ସ୍ୱାବଲମ୍ବୀ କରି ଗଢିତୋଳିବାରେ ସହାୟକ ହେବ। ଏହି ଶିଳ୍ପପ୍ରକଳ୍ପ ଗୁଡିକ ଆତ୍ମନିର୍ଭର ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚଳିତ ବଜେଟରେ ଭିତ୍ତିଭୂମି ପାଇଁ ୭୨ ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି ଯାହା ବର୍ତ୍ତମାନ ଆମ ରାଜ୍ୟ ଏଉଚର ପ୍ରାୟ ୬.୫ ପ୍ରତିଶତ। ଏହା ଦ୍ୱାରା ଭିତ୍ତିଭୂମି ନିର୍ମାଣ ତ୍ୱରାନ୍ୱିତ ହେବା ସହିତ ନୂତନ ରୋଜଗାର ସୃଷ୍ଟି ହେଉଛି ବୋଲି ସେ କହିଥିଲେ ।

ଓଡିଶାରେ ଗତ ୨୦ ମାସ ଧରି ଶିଳ୍ପ କ୍ଷେତ୍ରରେ ଏକ ନୂତନ ଦିଗ ଦେଖାଯାଇଛି ଏବଂ ବିଶେଷ କରି ୨୦୨୫ ଜାନୁଆରୀରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ୨୦୩୬ ପାଇଁ ଆଉ ୧୦ ବର୍ଷ ରହିଛି ଏବଂ ଏହି ୧୦ ବର୍ଷ ହେଉଛି ସମସ୍ତଙ୍କ ପାଇଁ 'ସଂକଳ୍ପର ଦଶକ'। ଓଡିଆ ଅସ୍ମିତା ସହିତ ଅର୍ଥନୈତିକ ଉନ୍ନତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଆମର ଅର୍ଥନୀତି ଯେତେବେଳେ ଶକ୍ତିଶାଳୀ ହେବ ଏବଂ ଭିତ୍ତିଭୂମି ବିଶ୍ୱସ୍ତରୀୟ ହେବ, ସେତେବେଳେ ଓଡିଶାର ଅର୍ଥନୀତି ସମଗ୍ର ବିଶ୍ୱର ଅର୍ଥନୀତି ସହିତ ସଂଯୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତି ମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡଟେବୁଲ୍ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପ ଉନ୍ନତି ପାଇଁ ଓଡିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜମି, ବିଦ୍ୟୁତ୍, ପାଣି ଓ ଯୋଗାଯୋଗ ପରି ସମସ୍ତ ଆବଶ୍ୟକୀୟ ସୁବିଧା ପୂର୍ବରୁ ଆମ ସରକାର ଯୋଗାଇ ଆସୁଛନ୍ତି ଏବଂ ଆଗକୁ ମଧ୍ୟ ଯୋଗାଇବ। ଏହା ସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମସ୍ତ ଅନୁମୋଦନ ସମୟତା ମଧ୍ୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ କୌଣସି ସମସ୍ୟା ହେଲେ ଶିଳ୍ପପତିମାନେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ କରି ସମାଧାନ ପାଇପାରିବେ ବୋଲି ଶିଳ୍ପପତି ମାନଙ୍କୁ ଆଶ୍ୱାସନା ଦେଇଥିଲେ। ସାଧାରଣ ସଭା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପ ଗୁଡିକର ପ୍ରଦର୍ଶନୀ ବୁଲି ଦେଖିବା ସହିତ କମ୍ପାନୀର କର୍ମଚାରୀ ମାନଙ୍କ ସହିତ କଥା ହୋଇଥିଲେ ।

ଏହି ଅବସରରେ, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଆଜିର ଏହି ଭିତ୍ତିଭୂମି ଏବଂ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଏକ ବିବିଧ, ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଇକୋସିଷ୍ଟମ ଗଠନ ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କଥାରେ କହିବା ଏବଂ ପ୍ରତିଶ୍ରୁତିକୁ ଯଥାର୍ଥତାରେ ପ୍ରତିଫଳନ କରିବା, ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟ। ଆଉ ଆମ ସରକାର ସବୁ କଥାକୁ କାମରେ କରି ଦେଖାଉଛି ବୋଲି ସେ କହିଥିଲେ। ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ ଯେ ୧୯ ମାସରେ ଓଡିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସମସ୍ତ କାର୍ଯ୍ୟ , ଆମ ସରକାରଙ୍କ ଦୃଢ଼ ଶାସନ ଏବଂ ଶିଳ୍ପ ପାଇଁ ଓଡ଼ିଶାର ପ୍ରତିଷ୍ଠାକୁ ପ୍ରମାଣିତ କରୁଛି ।

ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ଶ୍ରୀ ପ୍ରଦୀପ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆଦାନୀ ପୋର୍ଟସ୍ ଏଣ୍ଡ୍ ଝରତ ର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶ୍ରୀ କରନ୍ ଆଦାନୀ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ଏହା ସହିତ ଆଜି ଶିଳାନ୍ୟାସ ଓ ଉଦ୍ଘାଟନ ହେଉଥିବା ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ସଂସଦୀୟ...

ସସ୍ମିତଙ୍କୁ ଏହି ପଦରୁ ହଟାଇବା ନିମନ୍ତେ ଗୋଟିଚାଳନା ହୋଇଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ସଂସଦୀୟ କାର୍ଯ୍ୟରେ ବେଶ୍ ଭଲ ପ୍ରଦର୍ଶନ କରୁଥିବା ସସ୍ମିତଙ୍କୁ କେଉଁ ତ୍ରୁଟି ପାଇଁ ଏହି ପଦରୁ ଅଚାନକ ହଟାଇବାକୁ ଏଭଳି ଷଡଯନ୍ତ୍ର ରଚାଗଲା ତାକୁ ନେଇ ଦଳରେ କେହି ମୁହଁ ଖୋଲୁନାହାନ୍ତି। ତେବେ ସନ୍ତୃପ୍ତ ମିଶ୍ର ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଘଟିଥିଲା ଏହି ଘଟଣା।

## ପେଟ୍ରୋଲ୍?

ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଦିଆଯାଉଛି। ସେଠୁ ବି ନେଇପାରିବେ। ରିଫିଲ ପାଇଁ କୌଣସି ଦୈନିକ କଟକଣା ନାହିଁ। ପେଟ୍ରୋଲ ପମ୍ପରେ ବି ମିଳିପାରିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରରେ ନୃଶଂସ ହତ୍ୟାକାଣ୍ଡ

# ଆତ୍ମହତ୍ୟା କରି ନପାରି ହତ୍ୟାକାରୀ ସାଜିଲା ଅଫିସର ସ୍ୱାମୀ

ଭୁବନେଶ୍ୱର, ୮।୪ (ସ୍ୱାଧିକାର ନ୍ୟୁଜ୍): ଆଜି ଦିନ ଦ୍ୱିପ୍ରହରରେ ରାଜଧାନୀ ଭୁବନେଶ୍ୱର ଅନ୍ତର୍ଗତ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି । ନିଜ ସ୍ତ୍ରୀର ତଣ୍ଟିକାଟି ହତ୍ୟା କରିବା ପରେ ୬୨ ବର୍ଷର ହତ୍ୟାକାରୀ ସ୍ୱାମୀ ଥାନାରେ ପହଞ୍ଚି ଆତ୍ମସମର୍ପଣ କରିବା ସହିତ ନିଜର ଦୋଷ ସ୍ୱୀକାର କରିଛନ୍ତି । ହତ୍ୟାକାରୀ ସ୍ୱାମୀ ଭୁବନେଶ୍ୱର ଏଜି ଅଫିସରେ ସିନିୟର ଆକାଉଣ୍ଟାଟ୍ ଭାବେ କାର୍ଯ୍ୟକରି ୨ ବର୍ଷ ତଳେ ଚାକିରିରୁ ଅବସର ନେଇଥିଲେ ।

ଆଜି ଦିନ ୧୨ଟା ସମୟରେ ଏୟାରଫିଲ୍ଡ ଥାନାରେ ଜଣେ ବରିଷ୍ଠ ନାଗରିକ ତଥା ଏଜି ଅଫିସର ପୂର୍ବତନ ସିନିୟର ଆକାଉଣ୍ଟାଟ ଦେବରାଜ ଷଡ଼ଙ୍ଗୀ ପହଞ୍ଚି ପୋଲିସ୍‌କୁ କହିଥିଲେ ଯେ 'ମୁଁ ମୋ ସ୍ତ୍ରୀକୁ ହତ୍ୟା କରିଛି, ମୋତେ ଗିରଫ କର' । ଏହା ଶୁଣି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ସେହି ବ୍ୟକ୍ତିଙ୍କୁ ଧରି ପୁଲିସ ପହଞ୍ଚିଥିଲା ତାଙ୍କ ଘରେ । ସେଠାରେ ବେଡ୍‌ରୁମ୍‌ରେ ତାଙ୍କ ପତ୍ନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ । ତାଙ୍କ ତଣ୍ଟି କାଟି ଦିଆଯାଇଥିଲା । ମୃତ ମହିଳାଙ୍କ ନାଁ ପ୍ରିୟମ୍ବଦା ଷଡ଼ଙ୍ଗୀ । ତାଙ୍କୁ ୫୫ ବର୍ଷ ହୋଇଥିଲା । ଅଭିଯୁକ୍ତ ତଥା ତାଙ୍କ ସ୍ୱାମୀଙ୍କ ନାଁ ଦେବରାଜ ଷଡ଼ଙ୍ଗୀ । ତାଙ୍କୁ ୬୨ ବର୍ଷ ହୋଇଛି । ସେ ଏଜି ଅଫିସରେ ବରିଷ୍ଠ ଏକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ । ୨ ବର୍ଷ ତଳେ ସେ ଚାକିରିରୁ ଅବସର ନେଇଛନ୍ତି । ଏୟାରଫିଲ୍ଡ ଥାନା କୁହା ଗ୍ରାମର ସ୍ୱସ୍ତିକନଗରରେ ତାଙ୍କ ଘର ।



ଦେବରାଜ ଆଜି ତାଙ୍କ ପତ୍ନୀଙ୍କୁ ହତ୍ୟା କରିବା ପରେ ପ୍ରଥମେ ତାଙ୍କ ଝିଅ ଘରକୁ ଯାଇଥିଲେ । ଦିନ ପ୍ରାୟ ୧୧ଟା ବେଳେ ସେ ଝିଅ ଘରକୁ ଯାଇ ପତ୍ନୀଙ୍କର ସମସ୍ତ ସୁନା ଗହଣା ସହିତ କିଛି ନଗଦ ଟଙ୍କା ଦେଇଥିଲେ । କାମ ଅଛି କହି, ସେ ସେଠାରୁ ଚାଲି ଯାଇଥିଲେ । ତା'ପରେ ସେ ଥାନାକୁ ଯାଇଥିଲେ । ପୁଲିସ୍ ଫୋନ୍ କରି ତାଙ୍କ ଝିଅଙ୍କୁ ଘଟଣା ସଂପର୍କରେ ଖବର ଦେଇଥିଲା । ଏକ ପରିବାର କଟା ଛୁରୀରେ ଦେବରାଜ ତାଙ୍କ ପତ୍ନୀଙ୍କ ତଣ୍ଟିକୁ କାଟି ଦେଇଥିଲେ ବୋଲି ଜଣାପଡ଼ିଛି । ଏୟାରଫିଲ୍ଡ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏଥିପାଇଁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଛି ପୁଲିସ । ଘଟଣାସ୍ଥଳରୁ ତଥ୍ୟ,ପ୍ରମାଣ ସଂଗ୍ରହ କରିଛି । ଦେବରାଜଙ୍କୁ ପଚରାଉଚରା ବେଳେ ପୁଲିସ ଜାଣିବାକୁ ପାଇଛି ଯେ ସେ ଏକାଧିକ ରୋଗରେ ପୀଡ଼ିତ ଥିଲେ ଏବଂ ନିଜେ ବହୁବାର ଆତ୍ମହତ୍ୟା କରିବା ପାଇଁ ଚେଷ୍ଟା କରିଆସୁଥିଲେ ।

ତାଙ୍କର ୫୫ ବର୍ଷିୟା ସ୍ତ୍ରୀ ପ୍ରିୟମ୍ବଦା ସବୁ ସମୟରେ ସ୍ୱାମୀଙ୍କୁ ଜଗି ରହୁଥିଲେ ଏବଂ ସେ ଯେପରି ଆତ୍ମହତ୍ୟା ଭଳି ଜଘନ୍ୟ କାଣ୍ଡ ନ କରନ୍ତୁ, ସେଥିପାଇଁ ତାଙ୍କୁ ପ୍ରବର୍ତ୍ତାଇ ଆସୁଥିଲେ । ନିଜ ସ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ଦେବରାଜ ନିଜ କାର୍ଯ୍ୟରେ ସଫଳ ହୋଇପାରୁ ନଥିଲେ । କିଛି ଦିନ ହେବ ସେ ମାନସିକ ଦୁଶ୍ଚିନ୍ତାରେ ମଧ୍ୟ ଥିଲେ । ସେଥିପାଇଁ ସେ ବାରମ୍ବାର ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ମଧ୍ୟ ନିଜ ସ୍ତ୍ରୀଙ୍କ ପାଇଁ ତାହା କରିପାରୁ ନଥିଲେ । ଆଜି ହଠାତ୍ ଦେବରାଜ କୌଣସି କାରଣରୁ ଉତ୍‌କ୍ଷିପ୍ତ ହୋଇ ତାଙ୍କ ପତ୍ନୀଙ୍କୁ ତଣ୍ଟିକାଟି ହତ୍ୟା କରିଥିବା ଜଣାପଡ଼ିଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଏହା ପ୍ରକୃତ କାରଣ ନା ନୁହେଁ, ତାହା ଜାଣିବାକୁ ଖୋଳତାଡ଼ କରୁଛି ପୁଲିସ ।

ଚାକିରିରୁ ଅବସର ନେବା ପରେ ଭଲରେ ରହିବା ପାଇଁ ନୂଆ ଘର କରିଥିଲେ ଦେବରାଜ । ଏହା ଭିତରେ ତାଙ୍କର ଏକମାତ୍ର ଝିଅକୁ ବାହା ଦେଇ ସାରିଥିଲେ । ନାତୁଣୀକୁ ଦେଖି ଖୁସିରେ ରହୁଥିଲେ । କିନ୍ତୁ ହଠାତ୍ ଏମିତି କିଛି ଘଟି ଯିବ ବୋଲି ତାଙ୍କର ପୂରା ପରିବାରରେ କେହି ବି ବିଶ୍ୱାସ କରିପାରୁ ନାହାନ୍ତି ।

## ୩୪୩୫ ଗ୍ୟାସ୍ ସିଲିଣ୍ଡର ଜବତ

ଭୁବନେଶ୍ୱର, ୮।୪ (ସ୍ୱାଧିକାର ନ୍ୟୁଜ୍): ମଧ୍ୟପ୍ରାଚ୍ୟ ଯୁଦ୍ଧ୍ୟର ବିଭୀଷିକା ମଧ୍ୟରେ ଖାଉଟିମାନଙ୍କ ଜୀବନ ଜୀବିକା ସହିତ ଖେଳଖେଳି ଏଲ୍‌ପିଜି ଗ୍ୟାସ୍‌ର କଳାବଜାରୀ ରୋକିବା ପାଇଁ ୩୦ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆଜି ସୁଦ୍ଧା ୩୪୩୫ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି ବୋଲି ରାଜ୍ୟ ସରକାରଙ୍କୁ ଯୋଗାଣ ବିଭାଗ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ କୁହାଯାଇଛି ।



ଖୋର୍ଦ୍ଧା ସିଏସ୍‌ଓ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ସମସ୍ତ ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା । ଏହି ଯାଞ୍ଚ ୭୦୨ଟି ଗ୍ୟାସ୍ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନରେ କରାଯାଇଥିଲା । ସେମାନଙ୍କଠାରୁ ଏହି ଗ୍ୟାସ୍ ସିଲିଣ୍ଡର ଜବତ କରାଯିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ଟି ମାମଲା ରୁଜୁ କରାଯାଇଛି । ୧୯ଟି ଏଫ୍‌ଆଇଆର୍ ଦାଖଲ ହୋଇଛି । କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଚ୍ଛିତ ରଖିଥିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି ।

ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ, ପୁଲିସ୍ ସହାୟତାରେ ଯୋଗାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ସାମନ୍ତରାପୁର ଅଞ୍ଚଳରେ ଚଢ଼ଉ କରାଯାଇଥିଲା । ଏକ କାଠଗୋଦାମ ପଛପଟରେ ବେଆଇନ ଭାବରେ ଅତ୍ୟନ୍ତ ବିପଦଜନକ ଭାବରେ ଗ୍ୟାସ୍ ସିଲିଣ୍ଡର ରଖାଯାଇ କଳାବଜାର କରାଯାଉଥିବା ଦୃଷ୍ଟିକୁ ଆସିଥିଲା । ସେହି ସ୍ଥାନରୁ ବେଆଇନ ଭାବରେ ୧୦୭ଟି ଗ୍ୟାସ୍ ପୂର୍ଣ୍ଣ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିଲା । ସେଥି ମଧ୍ୟରୁ ୭୮ଟି ଘରୋଇ ସିଲିଣ୍ଡର, ୫ଟି ବାଣିଜିକ ସିଲିଣ୍ଡର, ୨୪ଟି ୫ କେଜିଆ ସିଲିଣ୍ଡର ଜବତ କରାଯାଇଛି । ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ସୋସିଆଲ ମିଡିଆ ନିୟନ୍ତ୍ରଣ ପାଇଁ ଆସିବ ଆଇନ୍

ଭୁବନେଶ୍ୱର, ୮।୪ (ସ୍ୱାଧିକାର ନ୍ୟୁଜ୍): ଅପଶବ୍ଦ ବ୍ୟବହାର ଉପରେ ଲାଗିବ ରୋକ୍ । ସୋସିଆଲ ମିଡିଆ ହେଉ କିମ୍ବା ବାହାରେ । କେଉଁଠି ବି କେହି ଅପଶବ୍ଦ ବ୍ୟବହାର କରିପାରିବେ ନାହିଁ । ସର୍ବ ସାଧାରଣ



ସ୍ଥାନରେ ଖରାପ ଶବ୍ଦ ପ୍ରୟୋଗ କଲେ ଦଣ୍ଡ ବିଧାନର ବ୍ୟବସ୍ଥା କରାଯିବ । ଏନେଇ ସୂଚନା ଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଇନ ମନ୍ତ୍ରୀ କହିଛନ୍ତି ଯେ, ସୋସିଆଲ ମିଡିଆ ଅତ୍ୟନ୍ତ କୁତ୍ସିତ ମିଡିଆ ହେବା ଆରମ୍ଭ କଲାଣି । କାହାକୁ କଣ ସମ୍ମାନ ଦେବା କଥା ତାହା କେହି ମାନୁ ନାହାଁନ୍ତି । କେଉଁ ବୟସର ୟୁଜର ଦେଖୁଛନ୍ତି ତାହା କେହି ଭାବୁ ନାହାଁନ୍ତି । ଅନେକ ବ୍ୟକ୍ତି ମନଇଚ୍ଛା ଭାଷା ପ୍ରୟୋଗ କରୁଛନ୍ତି । କିଏ ସେମାନଙ୍କ ଭିଡିଓ କିମ୍ବା କଣ୍ଟେଣ୍ଟ୍ ଦେଖୁଛି ତାହା ସେମାନେ ଚିନ୍ତା କରୁ ନାହାଁନ୍ତି ।

ସେହିପରି ଯେଉଁମାନେ ସୋସିଆଲ ମିଡିଆରେ ଅଶାଳୀନ ଶବ୍ଦ ପ୍ରୟୋଗ କରୁଛନ୍ତି ସେମାନେ ହେଲେ ମାନସିକ ରୋଗୀ । ସେମାନଙ୍କୁ ପାଗଳଖାନାରେ କରେଣ୍ଟ୍ ଦିଆଯିବା ଭଳି ବ୍ୟବସ୍ଥା କରାଯିବା ଦରକାର । ଯଦି ସେମାନଙ୍କୁ ଏପରି କାର୍ଯ୍ୟରୁ ନିବୃତ୍ତ ନରଖା ଯାଏଁ ତେବେ ସେମାନେ ସୋସିଆଲ ମିଡିଆର ଶାଳୀନତାକୁ ଧ୍ୱଂସ କରିଦେବେ ବୋଲି ଆଇନ ମନ୍ତ୍ରୀ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଅପଶବ୍ଦ ପ୍ରୟୋଗ ଉପରେ ଅଙ୍କୁଶ ଆଣିବା ପାଇଁ ଏକ ଆଇନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି ଆଇନ କମିଶନ । ପ୍ରିଭେଣ୍ଟସନ୍ ଅଫ୍ ହେଟ୍ ସ୍ପିଚ୍ ଏବଂ ହେଟ୍ କ୍ରାଇମ୍ ଆକ୍ଟକୁ ଲାଗୁ କରିବା ପାଇଁ କମିଶନ ପ୍ରସ୍ତାବ ଦେଇଛନ୍ତି । ଏହା ଛଡ଼ା ଆରଟିଆଇକୁ ଆବାସିକ ମାଧ୍ୟମରେ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ଲୋକଙ୍କ ଦରଖାସ୍ତର ଉତ୍ତରକୁ ୧୫ଦିନ ଭିତରେ ଦେବାକୁ ପ୍ରସ୍ତାବ ରହିଛି । ପ୍ରସ୍ତାବରେ ଆହୁରି ମଧ୍ୟ ଉଲ୍ଲେଖ ଅଛି ଯେ, ୧୫ ଦିନ ଭିତରେ ଉତ୍ତର ଦେବା ପାଇଁ ଆଇନ ଆସିବ । ଯଦି ତଥ୍ୟ ଦିଆଯାଉ ନାହିଁ ତେବେ ସେ ଅଧିକାରୀଙ୍କ ସିସିଆରରେ ଏହା ଲେଖାଯିବ । ଏମିତି ଅନେକ ନୂଆ ଆଇନ ଓ ପୁରୁଣା ଆଇନକୁ ନେଇ ନିଜର ପ୍ରସ୍ତାବ ଦେଇଛନ୍ତି କମିଶନ ।

କୁନି ପୁଅକୁ ଚୋରି କରିନେଲେ ଦୁର୍ବୃତ୍ତ

## ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ବାପା ମାଆ



ଜଂକିଆ, ୮।୪ (ସ୍ୱାଧିକାର ନ୍ୟୁଜ୍): ଗତକାଲି ରାତିରେ ଏକ ଅଭାବନୀୟ ଘଟଣା କ୍ରମରେ ଜଣେ ୪ ମାସର ଶିଶୁପୁତ୍ର ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାଟି ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ରେଳବାଇ ଷ୍ଟେସନ ୩ ନଂ ପ୍ଲାଟଫର୍ମରେ ଘଟିଛି । ସୂଚନା ମୁତାବକ, ନୟାଗଡ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମ ପ୍ରଶାନ୍ତ କୁମାର ପ୍ରଧାନ ଓ ତାଙ୍କ ପତ୍ନୀ ନିଜର ୪ ମାସର ଶିଶୁପୁତ୍ର ସହ ଗତ ୦୩/୦୪/୨୦୨୬ ରିଖ ରାତିରେ ବ୍ରହ୍ମପୁର - ଭୁବନେଶ୍ୱର ଡିଏମୟୁ ଆସି ପ୍ଲାଟଫର୍ମ ୩ ନଂରେ ପୁଅକୁ ଧରି ଶୋଇଥିଲେ । ରାତି ପ୍ରାୟ ୧୨:୩୦ ସମୟରେ ଶିଶୁଟି ପାଖରେ ନଥିବା ଦେଖି ବାପା ମାଆ ଚିନ୍ତାରେ ପଡ଼ିଯାଇଥିଲେ ଏବଂ ଚାରିଆଡ଼େ ଖୋଜାଖୋଜି କରିଥିଲେ ।

ଏହି ସମ୍ପର୍କରେ ସେମାନେ ସ୍ଥାନୀୟ ନିରାକାରପୁର ରେଳବାଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ନିଜର କୋମଳମତି ଶିଶୁକୁ ଫେରି ପାଇବା ପାଇଁ ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି । ବାପା ମାଆ ଏବେ ଆକୁଳ ନିବେଦନ କରିବା ସହ ପ୍ରଶାସନର ସାହାଯ୍ୟ ଭିକ୍ଷା କରିଛନ୍ତି । କୁନି ପୁଅକୁ କେହି ଚୋରି କରି ନେଇଛି ନା ଏହା ପଛରେ ଅନ୍ୟ କିଛି ରହସ୍ୟ ରହିଛି, ତାହା ପୁଲିସର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ । ବର୍ତ୍ତମାନ ସୁଦ୍ଧା ଶିଶୁଟିର କୌଣସି ସନ୍ଧାନ ମିଳିପାରି ନାହିଁ ।

ଆସିଲା ପ୍ରାଥମିକ ରିପୋର୍ଟ

## ଇଞ୍ଜିନ୍‌ରେ ତେଲ ଚାପ କମ୍ ଥିଲା

ଭୁବନେଶ୍ୱର, ୮।୪ (ସ୍ୱାଧିକାର ନ୍ୟୁଜ୍): ଗତ ଜାନୁଆରୀ ୧୦ ତାରିଖରେ ରାଉରକେଲାର ଜଲଦା ନିକଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ତା'ର ପ୍ରାଥମିକ ତଦନ୍ତ ରିପୋର୍ଟ ଆସିଛି । ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ କରାଯାଇଛି ।

ପ୍ରାଥମିକ ରିପୋର୍ଟ ଅନୁଯାୟୀ, ରାଉରକେଲାଠାରୁ ପ୍ରାୟ ୩୦ ନଟିକାଲ୍ ମାଇଲ୍ ଦୂରରେ ପାଇଲଟମାନେ ଦେଖିଥିଲେ ଯେ ଇଞ୍ଜିନ ତେଲ ଚାପ କମ୍ ରହିଥିଲା । ସେମାନେ ନିରୀକ୍ଷଣ କରିବା ଆରମ୍ଭ କରିଦେଇଥିଲେ । ସେମାନେ ଲକ୍ଷ୍ୟ କରଥିଲେ ଯେ ତେଲର ଚାପ ହ୍ରାସ ପାଇବା ସହିତ ଇଞ୍ଜିନର ଶକ୍ତି ମଧ୍ୟ ହ୍ରାସ ପାଉଥିଲା । କମ୍ ତେଲ ଚାପ କଥା ସ୍ପଷ୍ଟ ହୋଇଯିବା ପରେ ସେମାନେ ନିକଟସ୍ଥ ଉପଯୁକ୍ତ ସ୍ଥାନରେ ଏମର୍ଜେନ୍‌ସୀ ଲ୍ୟାଣ୍ଡିଂ କରିବାକୁ ପ୍ରସ୍ତୁତ ହୋଇଯାଇଥିଲେ । ରାଉରକେଲା ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ଏକ ମେ' ଡେ କଲ୍ ଦେଇଥିଲେ । ନିକଟସ୍ଥ ଏକ ପଡ଼ିଆରେ ବିମାନଟିକୁ ଓହ୍ଲାଇବା ନେଇ ମଧ୍ୟ ପାଇଲଟ ରାଉରକେଲା ଏଟିସିକୁ ସୂଚନା ଦେଇଥିଲେ ।



ଏହି ରିପୋର୍ଟରେ କୁହାଯାଇଛି ଯେ ପାଇଲଟ ଦ୍ୱୟ ପ୍ରଥମେ ଏକ ଶୁଖିଲା ନଦୀ ଉପରେ ଲ୍ୟାଣ୍ଡିଂ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଆବଶ୍ୟକ ଉଚ୍ଚତା ନଥିବାରୁ ଏକ ଖୋଲା ପଡ଼ିଆରେ ଅବତରଣ କରିବାକୁ ପାଇଲଟ ଦ୍ୱୟ ନିଷ୍ପତ୍ତି ନେଇଥିଲେ । ସେମାନେ ବିମାନକୁ ଏମର୍ଜେନ୍ସୀ ଲ୍ୟାଣ୍ଡିଂ କରୁଥିବା ବେଳେ ଏହା ଏକ ଗଛର ଶିଖରରେ ପିଟି ହୋଇଥିଲା । ଗଛ ପାଖ ଦେଇ ବିଦ୍ୟୁତ୍ ତାର ଯାଇଥିଲା । ବିମାନ ଯେପରି ବିଦ୍ୟୁତ୍ ତାରରେ ପିଟି ନହେବ ସେଥିପାଇଁ ପାଇଲଟ ଦ୍ୱୟ ସତର୍କ ରହିଥିଲେ । ଆଉ ତା' ଭିତରେ ବିମାନଟି ତଳେ ପଡ଼ିଯାଇଥିଲା । ବିମାନଟି ୪ ଜଣ ଯାତ୍ରୀଙ୍କୁ ଧରି ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା । ରାଉଲକେଲା ଆଉ ଅଳ୍ପ ବାଟ ଥିବା ବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ଘଟିବାର ୭ ଦିନ ପରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ବର୍ଷା ଋତୁରେ ବି ମୌସୁମୀ ହେବ ଦୁର୍ବଳ

ଭୁବନେଶ୍ୱର, ୮।୪ (ସ୍ୱାଧିକାର ନ୍ୟୁଜ୍): ଚଳିତ ବର୍ଷ କମ ହୋଇପାରେ ବର୍ଷା । ସ୍ୱାଭାବିକ ଠାରୁ ୬ ପ୍ରତିଶତ କମ ବର୍ଷା ହେବାକୁ ନେଇ ପୂର୍ବାନୁମାନ କରିଛି ବିଦେଶୀ ସଂସ୍ଥା ସ୍କାଇମେଟ । ସମଗ୍ର ଭାରତରେ ଏ ବର୍ଷ କମ ମୌସୁମୀ ବର୍ଷା ସମ୍ଭାବନା ରହିଛି । ତେବେ ଏଲ-ନିନୋର ପ୍ରଭାବ ଓଡିଶା ଉପରେ ପଡିନପାରେ ବୋଲି କହିଛନ୍ତି ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ । ପୂର୍ବରୁ ମୌସୁମୀ ଉପରେ ଏଲନିନୋର ପ୍ରଭାବ ଥାଇ ମଧ୍ୟ ତାହା ଓଡିଶା ଉପରେ କାର୍ଯ୍ୟକରି ନାହିଁ ବୋଲି ସେ କହିଛନ୍ତି । ୨୦୨୫ ମସିହା, ୨୦୨୩ରେ ଏଲ-ନିନୋ ପ୍ରଭାବ ରହିଥିଲା । କିନ୍ତୁ ଓଡ଼ିଶାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଥିବା ମଧ୍ୟ ତଥ୍ୟ ରହିଛି । ଚଳିତ ବର୍ଷ ଏହାର ପ୍ରଭାବ କିପରି ରହିବ ତାହା ମେ ମାସ ବେଳକୁ ସ୍ପଷ୍ଟ ହେବ । ଏପଟେ କିନ୍ତୁ ସ୍କାଇମେଟର ଆକଳନ କହୁଛି ଏ ବର୍ଷ ୯୪ ପ୍ରତିଶତ ବର୍ଷା ସମଗ୍ର ଭାରତରେ ରେକର୍ଡ ହେବ । ବିଶେଷ କରି ଜୁନ ଜୁଲାଇରେ ବର୍ଷାର ମାତ୍ର କମ ରହିବ ।

ଏହା ପ୍ରଭାବ ଦେଶର ହରିୟାଣା, ପଞ୍ଜାବ, ରାଜସ୍ଥାନ ପରି ରାଜ୍ୟରେ ପଡିବା ଦମ୍ଭବନା ରହିଛି । ମୌସୁମୀ ବର୍ଷା ପାଇଁ ବିଭିନ୍ନ ଫ୍ୟାକ୍ଟର ରୁହେ । ଖରା, ପବନର ଦିଗ, ଲଘୁଚାପ । ତେଣୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୌସୁମୀ ଜନିତ ପୂର୍ବାନୁମାନ ଏହାକୁ ସ୍ପଷ୍ଟ କରିବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି । ଯଦି ବର୍ଷା କମ ହୁଏ ତେବେ ଚାଷୀଙ୍କ ପାଇଁ ଚିନ୍ତା ବଢିବ ବୋଲି ସେ କହିଛନ୍ତି । ଏବର୍ଷ ଖରା ଓ ତାର ପ୍ରକୋପ ମଧ୍ୟ ଅଧିକ ରହିବାକୁ ନେଇ ପୂର୍ବାନୁମାନ ହୋଇଛି ।

## ୨ କୋଟି ଆତ୍ମସାତ; ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୫ କର୍ମଚାରୀ ଗିରଫ

ଗଞ୍ଜାମ, ୮।୪ (ସ୍ୱାଧିକାର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଛି ବଡ଼ ଧରଣ ଘୋଟାଲା । ଭିଜିଲାନ୍ସର ତଦନ୍ତ ପରେ ସାମ୍ନାକୁ ଆସିଛି ଏହି ଘଟଣା । ୨ କୋଟିରୁ ଅଧିକ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗରେ ଭିଜିଲାନ୍ସ ବୁଧବାର ଏହି ଡାକ୍ତରଖାନାର ୫ ଜଣ କର୍ମଚାରୀଙ୍କୁ ଗିରଫ କରିଛି । ଗିରଫ କର୍ମଚାରୀମାନେ ହେଉଛନ୍ତି, ସିନିୟର ଆସିଷ୍ଟାଣ୍ଟ ଯତୀନ କୁମାର ଭୂୟାଁ, ଭାରତୀ ପ୍ରଧାନ, ଆଟେଣ୍ଡାଣ୍ଟ ଗୋପାଳ ନାହାକ, ସୁଇପର ମନୁ ନାୟକ ଓ ଆଟେଣ୍ଡାଣ୍ଟ ରାମଚନ୍ଦ୍ର ମଲ୍ଲିକ । ଅବଶ୍ୟ ଆଟେଣ୍ଡାଣ୍ଟ ରାମଚନ୍ଦ୍ର ମଲିକ ଏବେ ବେଗୁନିଆପଦା ପିଏଚ୍‌ସିରେ ଅଛନ୍ତି । ଜାଲ୍ ବକେୟା ଦରମା ବିଲ୍ କରି ସଂପୃକ୍ତ ଅଭିଯୁକ୍ତମାନେ ୨୦୨୩ରୁ ୨୦୨୫ ମଧ୍ୟରେ ଏହି ଟଙ୍କା ଆତ୍ମସାତ୍ କରିଥିବା କହିଛି ଭିଜିଲାନ୍ସ ।

ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଏହି ମାମଲାର ତଦନ୍ତ ଜାରି ରହିଛି । ଏଯାବତ୍ ୫ ଜଣ ଗିରଫ ହୋଇଥିବା ବେଳେ ଏଥିରେ ଆଉ କୌଣସି ସରକାରୀ ଚାକିରିଆଙ୍କ ସଂପୃକ୍ତି ରହିଛି ନା ନାହିଁ, ସେ ଦିଗରେ ତଦନ୍ତ କରୁଛି ଭିଜିଲାନ୍ସ । ପୂରା ସିଣ୍ଡିକେଟ୍‌କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି ଭିଜିଲାନ୍ସ ।

## ସୃଷ୍ଟି ହେବ ୧୩୬୩ ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ ପଦବୀ

ଭୁବନେଶ୍ୱର, ୮।୪ (ସ୍ୱାଧିକାର ନ୍ୟୁଜ୍): ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୩୬୩ ଜୁନିଅର ଆସିଷ୍ଟାଣ୍ଟ ପଦବୀକୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ସ୍ୱୀକୃତି ମିଳିଛି । ଏହି ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକରେ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ଏହି ପଦବୀଗୁଡ଼ିକୁ ରାଜ୍ୟର ୩୦ଟି ଜିଲ୍ଲାରେ



ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବ । ଜିଲ୍ଲା ଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ସହ ମହିଳା, ଦିବ୍ୟାଙ୍ଗ, ଏକ୍ସ ସର୍ଭିସମ୍ଯାନ୍ ଏବଂ କ୍ରୀଡ଼ାବିତଙ୍କ ପାଇଁ ଆବଶ୍ୟକୀୟ ସଂରକ୍ଷଣ ନିମନ୍ତେ ଏହି ଚିଠିରେ ଉଲ୍ଲେଖ ଅଛି । ଏହି ନିଯୁକ୍ତି ସମ୍ବନ୍ଧରେ ଜିଲ୍ଲାପାଳମାନଙ୍କୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ସହ ଆଲୋଚନା କରି ଶୀଘ୍ର ଅନଲାଇନ୍ ଆବେଦନ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି ସହ ଜନସେବା ପ୍ରଦାନକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ରାଜସ୍ୱ ସଚିବ ଆଶା ପ୍ରକାଶ କରିଛନ୍ତି ।

## ଗଛ ପଡ଼ି କୋବ୍ରା ୨୧୦ ବାଟାଲିଅନ୍‌ର ଯବାନଙ୍କ ମୃତ୍ୟୁ

ସୁନ୍ଦରଗଡ଼, ୮।୪ (ସ୍ୱାଧିକାର ନ୍ୟୁଜ୍): ସାରଣ୍ଡାର ଘନ ଜଙ୍ଗଲରେ ସ୍ଥିତ ଜରାଇକେଲା ଥାନା ଅଞ୍ଚଳର ବାବୁଡେରା ସିଆରପିଏଫ୍ କ୍ୟାମ୍ପରେ ଘଟିଥିବା ଏକ ଦୁଃଖଦ ଦୁର୍ଘଟଣାରେ କୋବ୍ରା ୨୧୦ ବାଟାଲିଅନ୍‌ର କନଷ୍ଟେବଲ୍ ରାକେଶ କୁମାରଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ସମଗ୍ର ସୁରକ୍ଷା ବଳଙ୍କ ମଧ୍ୟରେ ଶୋକ ଦେଖା ଯାଇଛି । ପ୍ରାପ୍ତ ସୂଚନା ଅନୁସାରେ, ଘଟଣାଟି ଗତକାଲି ମଙ୍ଗଳବାର ରାତିରେ ଘଟିଛି । ଯେତେବେଳେ ଯବାନ ରାକେଶ କୁମାର କ୍ୟାମ୍ପରେ ଶୋଇ ଥିଲେ । ଏହି ସମୟରେ ହଠାତ୍ ଏକ ବିଶାଳ ଗଛ ଭାଙ୍ଗି ପଡ଼ିଥିଲା ଏବଂ ସେଥିରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ଦୁର୍ଘଟଣାଟି ହଠାତ ଘଟିଥିବା ଯୋଗୁଁ ଯବାନ ଜଣକ ନିଜକୁ ବଞ୍ଚାଇବାର ସୁଯୋଗ ମଧ୍ୟ ପାଇ ନ ଥିଲେ । ଘଟଣା ପରେ କ୍ୟାମ୍ପରେ ଆତଙ୍କ ଓ ଅସ୍ଥିରତା ଦେଖିବାକୁ ମିଳିଥିଲା । ମୃତ ଯବାନଙ୍କ ସହ କର୍ମୀମାନେ ତୁରନ୍ତ ପଦକ୍ଷେପ ନେଇ ଆହତ



ରାକେଶ କୁମାରଙ୍କୁ ରାଞ୍ଚିର ଏକ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଉପସ୍ଥିତ ଡାକ୍ତରମାନେ ତାଙ୍କୁ ଗୁରୁତର ଅବସ୍ଥା ଦେଖି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ, ମାତ୍ର ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଇ ପାରି ନ ଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ସେ ପରଲୋକ ଗମନ କରିଥିଲେ ।

ଏହି ଦୁଃଖଦ ଘଟଣା ପରେ ସୁରକ୍ଷା ବଳ ମଧ୍ୟରେ ଶୋକର ଲହରୀ ଖେଳି ଯାଇଛି । ଯବାନଙ୍କ ଅକାଳ ମୃତ୍ୟୁ ତାଙ୍କ ପରିବାର ପାଇଁ ଅପୂରଣୀୟ କ୍ଷତି ଆଣିଛି । ସ୍ଥାନୀୟ ପ୍ରଶାସନ ଏବଂ ସମ୍ପର୍କିତ ବିଭାଗ ଘଟଣାର ତଦନ୍ତରେ ଲାଗିଥିବା ସହ, ଆଗାମୀ ଦିନରେ ଏପରି ଘଟଣା ଯେମିତି ନ ଘଟେ ସେଥିପାଇଁ କ୍ୟାମ୍ପର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଉଛି । ସହଯୋଗୀ ଯବାନମାନେ ରାକେଶ କୁମାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ରାକେଶଙ୍କ ମୃତ୍ୟୁ ସମସ୍ତ ସୁରକ୍ଷା ବଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ ।

## ମାନସିକ ଅନଗ୍ରସ ଯୁବତୀଙ୍କୁ ଦୁଷ୍କର୍ମ, ଆସାମୀକୁ ଆଜୀବନ କାରାଦଣ୍ଡ

କଟକ, ୮।୪ (ସ୍ୱାଧିକାର ନ୍ୟୁଜ୍): ମାନସିକ ଅନଗ୍ରସର ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରି ଗର୍ଭବତୀ କରିବା ଅଭିଯୋଗ ସଂପର୍କିତ ମାମଲାର ଆଡ-ହକ୍ ଅତିରିକ୍ତ ଦୌରା ଜଜ (ଏଫଟିଏସସି-୧) ପି.କେ.ଦାସ ଶୁଣାଣି କରି ଚୌଦ୍ୱାର ଥାନା ଅଞ୍ଚଳର ତପନ ପଲେଇ ଓରଫ ଡହରା (୩୧)କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଦାଲତ ଆଇପିସିର ଦଫା ୩୭୬(୨)(ଏନ)(ଆଇ) ଓ ୫୦୬ରେ ତପନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଓ ୧୨ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି । ଏଥି ସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ମାନସିକ ଅନଗ୍ରସ ପୀଡ଼ିତା ପଡୋଶୀ ଘରକୁ ଟିଭି ଦେଖିବାକୁ ଯାଉଥିବା ବେଳେ ଦୁଷ୍କମର ଶିକାର ହୋଇଥିଲେ । ତପନ ମଧ୍ୟ ସଂପୃକ୍ତ ଘରକୁ ବାରମ୍ବାର ଯାଉଥିଲା ଓ ସୁଯୋଗ ଦେଖି ପୀଡ଼ିତାଙ୍କୁ ବାରିକୁ ଡାକି ନେଇ ଦୁଷ୍କର୍ମ



କରୁଥିଲା । ତପନ ବାରମ୍ବାର ପୀଡ଼ିତାଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଫଳରେ ପୀଡ଼ିତା ୬ମାସର ଗର୍ଭବତୀ ହୋଇଥିଲେ ।

ଏହି ଘଟଣା ସଂକ୍ରାନ୍ତରେ କାହାକୁ କହିଲେ ଜୀବନରେ ମାରିଦେବ ବୋଲି ତପନ ପୀଡ଼ିତାଙ୍କୁ ଧମକ ଦେଇଥିଲା । ପୀଡ଼ିତାଙ୍କ ପରିବାର ସଦସ୍ୟ ଘଟଣା ବିଷୟରେ ଜାଣିବା ପରେ ୨୦୧୮, ଜାନୁଆରି ୧୮ରେ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ । ପୁଲିସ ମାମଲା ରୁଜୁ କରିବା ସହିତ ତପନକୁ ଗିରଫ କରିଥିଲା । ୨୦୧୮, ମେ ୧୮ରେ ପୁଲିସ ତଦନ୍ତ ଶେଷ କରି ଅଦାଲତରେ ତପନ ବିରୋଧରେ ଚାର୍ଜସିଟ ଦାଖଲ କରିଥିବା ବେଳେ ୨୦୧୯, ଏପ୍ରିଲ ୯ରେ ମାମଲାରେ ଚାର୍ଜଫ୍ରେମ ହୋଇଥିଲା । ୨୦୧୯, ମେ ୧୩ରେ ମାମଲାର ଅଦାଲତରେ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଥିଲା । ଅଦାଲତରେ ମାମଲା ବିଚାରାଧୀନ ଥିବା ବେଳେ ପୀଡ଼ିତା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ ।

ସାକ୍ଷ୍ୟପ୍ରମାଣକୁ ଅଦାଲତ ବିଚାରକୁ ନେଇ ତପନକୁ ମାମଲାରେ ଦୋଷୀସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶୁଭନାରାୟଣ ଦାସ ମାମଲା ପରିଚାଳନା କରୁଥିଲେ ।

Printed, Published & Owned by Sandhyarani Pati, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin : 751001, Published at : Ekanakhandi, Kendrapara, Dist- Kendrapara, Odisha, Pin : 754211, Ph. No : 09937054455, Corporate Office : VA-23/1, Unit-2, Bhubaneswar - 751009, Dist - Khordha (Odisha) Ph. No.: (0674) 2533445, Fax - 2533446

Editor : Akshaya Kumar Pati | ସଂପାଦକ : ଅକ୍ଷୟ କୁମାର ପତି